

ସଙ୍କଟ ସତ୍ତ୍ୱେ ସୁରକ୍ଷିତ ଅର୍ଥନୀତି

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 14 ଭାଗ ୩୪ | ସଂଖ୍ୟା ୧୪ | Sunday 5 April 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୫ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସଂରକ୍ଷଣ ଓ ଖାଦ୍ୟ ସୁରକ୍ଷା ନେଇ କ୍ୟାବିନେଟ୍‌ରେ ବଡ଼ ଘୋଷଣା

# ମୋହନଙ୍କ ଦୁଇ ଐତିହାସିକ ନିଷ୍ପତ୍ତି



### ପୂରଣ ହେଲା ଏସଟି, ଏସସି, ପଛୁଆବର୍ଗର ଦୀର୍ଘବର୍ଷ ଦାବି

### ଏସଟି ପାଇଁ ବୈଷୟିକ ଶିକ୍ଷାରେ ସଂରକ୍ଷଣ ୨୨.୫୦%

### ଏସସି ପାଇଁ ବୈଷୟିକ ଶିକ୍ଷାରେ ସଂରକ୍ଷଣ ୧୬.୨୫%

### ଏସଇବିସି ଛାତ୍ରଛାତ୍ରୀ ପାଇବେ ୧୧.୨୫% ସଂରକ୍ଷଣ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତି, ଜାତି ଓ ସାମାଜିକ ଶିକ୍ଷାଗତ ପଛୁଆ ବର୍ଗ ପାଇଁ ସଂରକ୍ଷଣ ଏବଂ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ନେଇ ରାଜ୍ୟ ସରକାର ନେଇଛନ୍ତି ଦୁଇଟି ଐତିହାସିକ ନିଷ୍ପତ୍ତି। ପ୍ରଥମ ଥର ପାଇଁ ରାଜ୍ୟ ସରକାର ଅନୁସୂଚିତ ଜନଜାତି, ଜାତି ଓ ଏସଇବିସି ଶିକ୍ଷାର୍ଥୀଙ୍କ ପାଇଁ ବୃତ୍ତିଗତ ବୈଷୟିକ ଶିକ୍ଷାରେ ସେମାନଙ୍କ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଥିଲେ ଯେ ରାଜ୍ୟରେ ମେଡିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ବଡ଼ ପରିବର୍ତ୍ତନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ଏଣିକି ବୃତ୍ତିଗତ ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତି ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ୧୧.୨୫ ପ୍ରତିଶତ ସଂରକ୍ଷଣ ପାଇବେ। ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ ପୃଷ୍ଠା-୬

## ସୁଦୃଢ଼ ହେଲା ଖାଦ୍ୟ ସୁରକ୍ଷା

### ମାସିକ କୋଟା ବାଦ୍ ଅତିରିକ୍ତ ୫ କିଲୋ ଚାଉଳ

### ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ମାଗଣା ଚାଉଳ

### ଉପକୃତ ହେବେ ରାଜ୍ୟର ୩.୩୮ କୋଟି ହିତାଧିକାରୀ

ରାଜ୍ୟର ଗରିବଗୁରୁବାଙ୍କ ଖାଦ୍ୟ ସୁରକ୍ଷା ନେଇ ମଧ୍ୟ ଆଜି ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ସବୁ ହିତାଧିକାରୀଙ୍କୁ ନିର୍ଦ୍ଧାରିତ କୋଟା ସହ ରାଜ୍ୟ ସରକାର ଅତିରିକ୍ତ ଚାଉଳ ଯୋଗାଇଦେବେ। ଏଥିପାଇଁ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ନାମରେ ଏକ ନୂଆ ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାରେ ଦୁଇଟିଯାକ ଖାଦ୍ୟ ସୁରକ୍ଷା ଆଇନର ହିତାଧିକାରୀଙ୍କୁ ମୁଣ୍ଡ ପିଛା ଅତିରିକ୍ତ ୫ କିଲୋ ଚାଉଳ ଯୋଗାଇ ଦିଆଯିବ।

ଏହି ଯୋଜନା ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଖାଉଟୀଙ୍କୁ ତାଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାର ଏକ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ମାଧ୍ୟମରେ 'ଜାତୀୟ ଖାଦ୍ୟ ସୁରକ୍ଷା ଆଇନ' (ଏନଏଫଏସଏ) ପୃଷ୍ଠା-୬

## ବଂଶଧାରା ଜଳ ବଣ୍ଟନ ମାମଲାରେ ଓଡ଼ିଶାକୁ ଝଟ୍‌କା



### ନେରେଡି ବ୍ୟାରେଜ୍ ନିର୍ମାଣ ପାଇଁ ଆନ୍ଧ୍ରକୁ ଅନୁମତି

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ବଂଶଧାରା ନଦୀ ଜଳ ବଣ୍ଟନ ମାମଲାରେ ଓଡ଼ିଶାକୁ ଝଟ୍‌କା। ଆନ୍ଧ୍ରର ଦାବିକୁ ସ୍ୱୀକାର କରି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ଗେଜେଟ୍ ନୋଟିଫିକେସନ। ନେରେଡ଼ି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଛି। ବଂଶଧାରା ନଦୀ ଜଳ ବଣ୍ଟନ ନେଇ ଦୀର୍ଘ ବର୍ଷ ଧରି ଚାଲିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଟ୍ରିବ୍ୟୁନାଲଙ୍କ ଏପରି ରାୟ ଓଡ଼ିଶା ପାଇଁ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ସପକ୍ଷରେ ଗେଜେଟ୍ ନୋଟିଫିକେସନ ବି ଜାରି ହୋଇଛି। ଏହି ରାୟ ରାୟଗଡ଼ା ଜିଲ୍ଲା ଚାଷୀଙ୍କ ସମସ୍ୟା ମଧ୍ୟ ବଢ଼ାଇଛି। ଟ୍ରିବ୍ୟୁନାଲ୍ ରାୟ ଅନୁଯାୟୀ, ଗୋଟା ବ୍ୟାରେଜରେ ଉପଲବ୍ଧ ଜଳର ପରିମାଣ ୧୧୫ ଟିଏମ୍‌ସି ସ୍ଥିର ହୋଇଛି। ଏଥିରୁ ଅଧା ଆନ୍ଧ୍ରପ୍ରଦେଶକୁ ଯିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ୧୯୬୨ ସେପ୍ଟେମ୍ବର ୩୦ରେ ଏନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ହୋଇଥିବା ବୈଠକରେ ଚୂଡ଼ାନ୍ତ ହୋଇଥିବା କୁହାଯାଇଛି। ବଂଶଧାରା ନଦୀ ଜଳ ପରିଚାଳନାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଏହି ବିବାଦ ଗତ ୨୦୦୬ରେ ଆରମ୍ଭ ହୋଇଥିଲା। ଆନ୍ଧ୍ର ନେରେଡ଼ି ବ୍ୟାରେଜ୍ ନିର୍ମାଣ କରିବାକୁ ପୃଷ୍ଠା-୬

## ୧.୪ ଲକ୍ଷ ପର୍ଯ୍ୟଟକ ଆସିବା ଗୌରବର ବିଷୟ:ଧର୍ମେନ୍ଦ୍ର



### ରାଜସ୍ୱ ସଂଗ୍ରହରେ ଡେବ୍ରିଗଡ଼ ଇକୋଟୁରିଜମ୍‌ର ସଫଳତା

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଦେବଗଡ଼ ଜିଲ୍ଲାସ୍ଥିତ ଦେବ୍ରିଗଡ଼ ଇକୋଟୁରିଜମ୍ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଉନ୍ନତି କରିଛି। ଆଲୋଚ୍ୟ ବର୍ଷରେ ଏହି ପର୍ଯ୍ୟଟନସ୍ଥଳୀ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରିଛି, ଯାହା ଗତ ବର୍ଷ ତୁଳନାରେ ପାଖାପାଖି ୧ କୋଟି ଟଙ୍କା ଅଧିକ। ଏହି ପର୍ଯ୍ୟଟନ ସ୍ଥଳୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ହାସଲ କରିଥିବା ବେଳେ ଆଲୋଚ୍ୟ ବର୍ଷରେ ଏଠାକୁ ପ୍ରାୟ ୧.୪ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ଏହା ନିଶ୍ଚିତ ଭାବେ ରାଜ୍ୟ ପର୍ଯ୍ୟଟନ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କେନ୍ଦ୍ର ଶିକ୍ଷା ପୃଷ୍ଠା-୬

### ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

# ଜଣେ ବି ଶିଶୁ ଶିକ୍ଷାରୁ ବଞ୍ଚିତ ହେବେନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି। ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ବାପା-ମା' ଉତ୍ସାହିତ ହେଉଛନ୍ତି। ଆଜି ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ସ୍ଥାନୀୟ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ପରି ଶବ୍ଦ ଲେଖାଇ ସେମାନଙ୍କ ପାଠପଢ଼ାର ଶୁଭାରମ୍ଭ କରାଇଥିଲେ। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ମନ ଜିଣିଲା ଭଳି ପଚାରିଥିଲେ, 'ମା'ଙ୍କ ନାଁ କଣ? ବାପାଙ୍କ ନାଁ କଣ? ମାମୁଁ ଘର କେଉଁଠି? କ'ଣ ଖାଇକି ଆସିଛ? ଇତ୍ୟାଦି'। ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା




ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢ଼ିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ

### ପିଲାଙ୍କ ହାତଧରି ମା', ବାପା ଲେଖାଇଲେ

### ଶିକ୍ଷା ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହ ପିଲାଙ୍କୁ ପ୍ରଶଂସା କରିଥିଲେ। ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ପିଲା ପୃଷ୍ଠା-୬

## ପଞ୍ଚାୟତ ନିର୍ବାଚନ ଚିନ୍ତାରେ ନବୀନ



### ନିଜେ ଧରିବେ ପ୍ରଚାର ମଙ୍ଗ

### ଅକ୍ଟୋବରରୁ ଜିଲ୍ଲା ଗସ୍ତ ସମ୍ଭାବନା

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ବିଜେଡି ସଭାପତିଙ୍କୁ ଏବେ ଘାରିଛି ପଞ୍ଚାୟତ ନିର୍ବାଚନ ଚିନ୍ତା। କ୍ଷମତାରୁ ଯିବା ପରେ ଦଳରେ ବଢ଼ିଛି କନ୍ଦଳ। କେଉଁଠି କର୍ମୀ ଦଳ ଛାଡୁଛନ୍ତି ତ ଆଉ କେଉଁଠି ନେତା ବିମୁଖ ହେଉଛନ୍ତି। ତେଣୁ ସଭାପତି ନବୀନ ପଟ୍ଟନାୟକ ଏବେ ଆଉ ଦ୍ୱିତୀୟ ସ୍ତରର ନେତାଙ୍କ ଉପରେ ଭରସା ନକରି ନିଜେ ସଂଗଠନର ମଙ୍ଗ ଧରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ମଧ୍ୟ ବୁଝିସାରିଛନ୍ତି ଯେ ବିଜେଡିରେ ସେ ଏକା ହିଁ ବ୍ରାଣ୍ଡ, ତାଙ୍କ ବିନା ଆଉ କାହାକୁ ନେତା ଓ କର୍ମୀ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ତେଣୁ ଏବେ ନିୟମିତ ଭାବେ ସେ ବିଭିନ୍ନ ଜିଲ୍ଲା ନେତାଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ଆସନ୍ତା ଅକ୍ଟୋବରରୁ ଜିଲ୍ଲା ବୁଲିବା ଆରମ୍ଭ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। କେବଳ ପଞ୍ଚାୟତରେ ବିଜେଡିର ପ୍ରଦର୍ଶନ ଭଲ କରିବାକୁ ଚିନ୍ତା କରାଯାଉନି। ବିଜେଡିରୁ ଦୂରେଇ ଯାଇଥିବା ନେତାଙ୍କୁ ବି ଫେରାଇ ଆଣିବା ସକାଶେ ନବୀନ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ନବୀନଙ୍କ ନିକଟତମ ସୂତ୍ର କହୁଛି ଯେ ପଞ୍ଚାୟତ ସ୍ତରରେ ଯେଉଁମାନେ ଦୁର୍ନୀତି କରିଛନ୍ତି, ଲୋଭ ଓ ଲାଭରେ ଅଛନ୍ତି, ସେମାନେ ଦଳ ଛାଡୁଛନ୍ତି। ଯେଉଁମାନେ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନେ ଦଳ ସହ ଅଛନ୍ତି ଆସନ୍ତା ବର୍ଷ ଜାନୁଆରୀ ଓ ଫେବ୍ରୁଆରୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନର ପଞ୍ଚାୟତ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ଏହି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନ ଭୋଟର ଗଣନା ସାଙ୍ଗକୁ ବୁଥ ପୁନର୍ଗଠନ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ବିରୋଧୀ କ୍ୟାମ୍ପର ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କୁ ଦଳରେ ସାମିଲ କରି ସଙ୍ଗଠନକୁ ଶକ୍ତିଶାଳୀ କରୁଛନ୍ତି ବିଜେପିର ମୋହନ-ମନମୋହନ ଯୋଡ଼ି। ବିଜେପିର ବୃଦ୍ଧି ପାଉଥିବା ସଙ୍ଗଠନକୁ ଦୃଷ୍ଟିରେ ରଖି ନବୀନ ନିଜେ ମୈଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

### ରାଜପଥ ବିକାଶ ମାନଚିତ୍ରରେ ନୂଆ ମାଇଲଖୁଣ୍ଟ

## କୁରୁମ୍ପୁରୀ-ରାଜ ଖରିଆର ପାଇଁ ୪୪୭ କୋଟି



### ଘୋଷଣା କଲେ ନୀତିନ ଗଡକରୀ

### ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ରାଜ୍ୟରେ ଜାତୀୟ ରଜପଥ ବିକାଶରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁରୁମ୍ପୁରୀ-ରାଜ ଖରିଆର ମଧ୍ୟରେ ୧୦୩.୫୨ କିମି ଦୈର୍ଘ୍ୟବିଶିଷ୍ଟ ରାସ୍ତାର ବିକାଶ ପାଇଁ ୪୪୭ କୋଟି ୧୧ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରାଯାଇଛି। ଆଜି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ଘୋଷଣା କରିଛନ୍ତି। ଏହି ରାସ୍ତା ଜାତୀୟ ରାଜପଥ ୩୫୩ ଓ ୫୯ ଦେଇ ନୂଆପଡ଼ା ଓ ବଲାଙ୍ଗୀରକୁ ସଂଯୋଗ କରୁଛି। ଏହି ଆନ୍ତଃରାଜ୍ୟ ପ୍ରକଳ୍ପ ଛତିଶଗଡ଼ର ରାୟପୁର ଓ ଓଡ଼ିଶାକୁ ସଂଯୋଗ କରୁଛି। ଏହାଦ୍ୱାରା ବ୍ରହ୍ମପୁର ଓ ଗୋପାଳପୁର ପୋର୍ଟ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ପୃଷ୍ଠା-୬

### ଗ୍ରୀନ ଫିଲ୍ଡ ଏୟାରପୋର୍ଟ ପ୍ରକଳ୍ପ ନେଇ ନୂଆ ସମ୍ଭାବନା

## ମିଳିଲା ଜଙ୍ଗଲ ଜମି ବ୍ୟବହାର ଅନୁମତି

ପୁରୀ,୪।୪(ସଂଚାର ବ୍ୟୁରୋ): ରାଜ୍ୟ ବିକାଶରେ ସହଭାଗୀ ହେବ ପୁରୀର ପ୍ରସ୍ତାବିତ ଗ୍ରୀନ ଫିଲ୍ଡ ଏୟାରପୋର୍ଟ। ପୁରୀକୁ ଆସିବେ ଅଧିକ ପର୍ଯ୍ୟଟକ। ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟ ଅନୁମୋଦନ ଦେବା ପରେ ଏନେଇ ବଢ଼ିଛି ଆଶା। ପୁରୀ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ବିମାନ ବନ୍ଦର ପାଇଁ ମିଳିଛି ଜଙ୍ଗଲ ଜମି ଅନୁମତି। ଅଟକିଥିବା ବହୁଚର୍ଚ୍ଚିତ ପୁରୀ ଶ୍ରୀଜଗନ୍ନାଥ ବିମାନ ବନ୍ଦର ନିର୍ମାଣ କାମ ଏବେ ଦ୍ରୁତ ଗତିରେ ଆଗେଇବ। ବିମାନ ବନ୍ଦର ନିର୍ମାଣ ଲାଗି ଜଙ୍ଗଲ ଜମିର ବ୍ୟବହାର ହେବ। ଏଥିଲାଗି ମଞ୍ଜୁରୀ ପ୍ରଦାନ କରିଛି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ। ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ନୀତିଗତ ଷ୍ଟେଜ୍-୧ ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ବିମାନ ବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ। କିନ୍ତୁ ଏହି ଅନୁମତି ସହ କିଛି ସର୍ତ୍ତ ବି ରଖାଯାଇଛି। ଜଙ୍ଗଲ ଜମି ମିଳିବା ପରେ ସମାନ ପରିମାଣର ଜମିରେ ବନୀକରଣ କରିବାକୁ ପଡ଼ିବ। ବିଭିନ୍ନ ପରିବେଶଗତ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ସ୍ଥିତି ବିଗାଡ଼ିପାରେ ଓଡ଼ିଆ ନେତାଙ୍କ ପ୍ରଚାର

## ପଶ୍ଚିମବଙ୍ଗ ନିର୍ବାଚନ: ଚିନ୍ତାରେ ଆଳୁ ବ୍ୟବସାୟୀ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ହେବାକୁ ଥିବା ନିର୍ବାଚନକୁ ନେଇ ଏବେ ଓଡ଼ିଶାର ଆଳୁ ବ୍ୟବସାୟୀମାନେ ଚିନ୍ତାରେ। ଓଡ଼ିଶାର ନେତାମାନେ ଯେଭଳି ପଶ୍ଚିମବଙ୍ଗ ଯାଇ ସେଠାକାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିଷ ଓଗାଳୁଛନ୍ତି, ତା'ର ପ୍ରଭାବ ଓଡ଼ିଶାର ଆଳୁ କାରବାର ଉପରେ ପଡ଼ିବ ବୋଲି ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କଲେଣି।

ଓଡ଼ିଶାର ଲୋକଙ୍କୁ ଆଳୁ ଯୋଗାଇବା ପାଇଁ ବ୍ୟବସାୟୀମାନେ ମୁଖ୍ୟତଃ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ସେଠାରୁ ଆଳୁ ଟ୍ରକ୍ ନ ଆସିଲେ ଓଡ଼ିଶାରେ ଆଳୁ ମିଳେନାହିଁ। ଦର ଆକାଶଛୁଆଁ ହୋଇଯାଏ। କିଛିଦିନ ତଳେ ମମତା ବାନାର୍ଜୀ ସରକାର ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଟ୍ରକ୍ ନ ଛାଡିବାରୁ ଓଡ଼ିଶାରେ ଆଳୁ କିଲୋ ୫୦ ଟଙ୍କା ଟପିଥିଲା। ସରକାର ଅନ୍ୟ ରାଜ୍ୟରୁ ଆଳୁ ଆଣି ସ୍ଥିତି ସମ୍ଭାଳିବା ପାଇଁ ଯେତେ ଉଦ୍ୟମ କଲେ ବି ଏଥିରେ ସଫଳ ହୋଇନଥିଲେ। ବ୍ୟବସାୟୀମାନେ ବି ହାତ ଟେକିଦେଇଥିଲେ। ଏବେ ପଶ୍ଚିମବଙ୍ଗରେ ସରଗରମ ନିର୍ବାଚନ ପ୍ରଚାର ଚାଲିଥିବା ବେଳେ ଓଡ଼ିଆ ଭୋଟରଙ୍କୁ ପ୍ରଭାବିତ କରିବାକୁ ଓଡ଼ିଶାର ନେତାମାନେ ସେଠାରେ ଡେରା



ବଙ୍ଗଳା ଆଳୁରେ ବ୍ରେକ୍ ଲଗାଇପାରେ ଟିଏମ୍‌ସି ସରକାର

ପକାଇଛନ୍ତି। ଏମାନେ ମୁଖ୍ୟତଃ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ବିରୋଧରେ ପ୍ରଚାର କରୁଛନ୍ତି। ନିର୍ବାଚନ ସରିବା ପରେ ଏହାର ପ୍ରଭାବ ଆଳୁ କାରବାର ଉପରେ ପଡ଼ିପାରେ ବୋଲି ଓଡ଼ିଶାର ବ୍ୟବସାୟୀମାନେ ଆଶଙ୍କା କରୁଛନ୍ତି। କାରଣ ତୃଣମୂଳ କ୍ଷମତାକୁ ଆସୁ ବା ନ ଆସୁ, ବଙ୍ଗ ବ୍ୟବସାୟୀଙ୍କ ଉପରେ ସେମାନଙ୍କ ଦବଦବା ଥିବାରୁ ଓଡ଼ିଶା ଉପରେ ସେମାନେ ରାଗ ଶୁଝାଇପାରନ୍ତି। ଯଦି ଦୁଇ ଚାରି ଦିନ ସେମାନେ ଓଡ଼ିଶାକୁ ଆଳୁ ନଛାଡ଼ିବେ, ତା'ହେଲେ ଏଠାରେ ସ୍ଥିତି ବିଗିଡ଼ିଯିବ ବୋଲି ବ୍ୟବସାୟୀମାନେ ଖୋଲାଖୋଲି କହୁଛନ୍ତି।

ଉଲ୍ଲେଖନୀୟ ଯେ ଓଡ଼ିଶାରେ ବର୍ଷକୁ ୧୪ ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ଥିବା ବେଳେ ଓଡ଼ିଶାରେ ଫଳୁଛି ପ୍ରାୟ ୪ ଲକ୍ଷ ଟନ୍। ଅବଶିଷ୍ଟ ଆଳୁ ପାଇଁ ଓଡ଼ିଶା ପଶ୍ଚିମବଙ୍ଗ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ। କାରଣ ପୃଷ୍ଠା-୬

# ସାଫରନ୍ କମ୍ପାନି ବିରୋଧରେ ତାତିଲେ ଗ୍ରାମବାସୀ

ଢେଙ୍କାନାଳ,୪।୪ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଖଡଗପ୍ରସାଦ ଗ୍ରାମରୁ ବ୍ରାହ୍ମଣୀ ନଦୀ ଉପରେ ପରଜଙ୍ଗ ବ୍ଲକର ବଡକମର ପର୍ଯ୍ୟନ୍ତ ବହୁ ପ୍ରତିକ୍ଷିତ ୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ସେତୁ କାର୍ଯ୍ୟକ୍ଷମ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଉକ୍ତ ସେତୁର କିଛି ଅଂଶ ପ୍ରସ୍ତାବିତ ଲାନ୍କୋ କାରଖାନା

## ଜିଲ୍ଲାପାଳଙ୍କୁ କଲେ ଅଭିଯୋଗ

ନହେବାରୁ କମ୍ପାନୀ ପାଇଁ ଉଦ୍ଦିଷ୍ଟ ଜାଗାକୁ ଚଂଚକତା କରି ସାଫ୍ରନ୍ କମ୍ପାନୀ ଅଧିଗ୍ରହଣ କରିଥିବା ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାପଡିଛି। ଅନ୍ୟପଟରେ ମଶାଣିଆ ଛକଠାରୁ ଖଡଗପ୍ରସାଦ ଗ୍ରାମ ଦେଇ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ରାସ୍ତାଟିକୁ ଉକ୍ତ ସେତୁର ଆପ୍ରୋଚରୋଡ ସହ ସଂଯୋଗ କରାଯିବାକୁ ନେଇ ମସୁଧାକୁ ଗ୍ରାମବାସୀମାନେ ପ୍ରତିବାଦ କରିଛନ୍ତି । ଆଜି ଖଡଗପ୍ରସାଦ ଗ୍ରାମର ବହୁ




ସଂଖ୍ୟାରେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ପ୍ଲାକାର୍ଡ ଦେଖାଇ ଏହାର ପ୍ରତିବାଦ କରିବା ସହିତ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।

ଗ୍ରାମବାସୀଙ୍କ ଅଭିଯୋଗରୁ ଜଣାପଡିଛି ଯେ, ୫୫ନଂ ଜାତୀୟ ରାଜପଥର ମଶାଣିଆ ଛକଠାରୁ ଖଡଗପ୍ରସାଦ ଗ୍ରାମଦେଇ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ବ୍ରାହ୍ମଣୀ ପବ୍ଲିକ ସ୍କୁଲ, ମହାଦେବରାମ ଏମ୍ଇ ସ୍କୁଲ, ମଶାଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଂଚଳିକ ମହାବିଦ୍ୟାଳୟ ଖଡଗପ୍ରସାଦ ଓ ଖଡଗପ୍ରସାଦ ହାଇସ୍କୁଲ ଭଳି ବଡବଡ ଶିକ୍ଷାନୁଷ୍ଠାନ ରହିଛି । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତିଦିନ ରାସ୍ତା କଡରେ ଥିବା ଏହି ଶିକ୍ଷାନୁଷ୍ଠାନ ଗୁଡିକୁ ପଢିବା ପାଇଁ ଯାଇଥାନ୍ତି । ଆପ୍ରୋଚ୍ରୋଡ ପାଇଁ ଏହି ରାସ୍ତା ସଂଯୋଗ ହେଲେ ବହୁ ସଂଖ୍ୟାରେ ଯାନବାହାନ ସହିତ ଭାରିଯାନ ଚଳାଚଳ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରିବା ସହିତ ଦୁର୍ଘଟଣା ବୃଦ୍ଧି ପାଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ । ଫଳରେ ଗ୍ରାମର ୧୦ହଜାର ଗ୍ରାମବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ନୂତନ ସେତୁ ସହ ଉକ୍ତ ଅଂଚଳରେ ପ୍ରସ୍ତାବିତ ଲାନ୍କୋ ଶିଳ୍ପ ପାଇଁ ଅଧିଗ୍ରହଣ ହୋଇଥିବା ଜାଗା ମଧ୍ୟଦେଇ ଏକ ନୂତନ ରାସ୍ତା ସେତୁ ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଜିଲାପାଳଙ୍କ ନିକଟରେ ଦାବୀ କରିଥିଲେ ।

## ଓଡ଼ିଶା ଦିବସରେ ଜିଲ୍ଲାପାଳଙ୍କ ଦ୍ୱାରା କଲେଜ ଛାତ୍ର ସମ୍ବର୍ଦ୍ଧିତ



ନୀଳଗିରି,୪।୪ (ସଂଚାର ବ୍ୟୁରୋ): ୧ ଏପ୍ରିଲ ୨୦୨୬ ଓଡ଼ିଶାସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଆନୁକୂଲ୍ୟ ରେ ୯୧ତମ ଓଡ଼ିଶା ଦିବସ ସମାରୋହ ଓ ଓଡ଼ିଆ ପକ୍ଷ ପାଳନ ଅବସରରେ ରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ବିବିଧ ପ୍ରତିଯୋଗିତା ଅନୁଷ୍ଠିତହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମୀଣ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାୟକ,ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ମାନସ ଦତ୍ତ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲ୍ଲେବ୍ୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଙ୍କ ସହିତ ଅନ୍ୟ ଜିଲ୍ଲା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବି.ଇଡି. ପ୍ରଥମ ବର୍ଷ, ଛାତ୍ର ତଥା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ର ସନ୍ତରାଗାଡ଼ିଆ ଗ୍ରାମର ଶ୍ରୀମାନ ଅମ୍ବିକାଂଶୁ ପାଣିଗ୍ରାହୀଆୟୋଜିତଦେଶାତ୍ମ ବୋଧ ସଙ୍ଗୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ପ୍ରତିଭାର ସାକ୍ଷ୍ୟ ସରୂପ ପ୍ରମାଣପତ୍ର ପ୍ରଦାନ ସହିତ ମାନ୍ୟବର ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

# 'ଓଡ଼ିଆରେ ନାମଫଳକ' ସଚେତନତା ପଦଯାତ୍ରା

ଯାଜପୁର,୪।୪ (ସଂଚାର ବ୍ୟୁରୋ): ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯିବ। ଏଥି ପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏପରିକି ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା ଓ ତତ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ବ୍ୟାସନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ




ହୋଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହି ପଦଯାତ୍ରା ଓ ପ୍ରଚାର ଗାଡିର ଉଦଘାଟନ କରିଥିଲେ। ଏଥିରେ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦେବାଶିଷ ଜେନା ଓ ବ୍ୟାସନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରାରେ ବ୍ୟାସନଗରର ସମସ୍ତ ବ୍ୟବସାୟୀ ସଂଘ, ଶ୍ରମିକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବ୍ୟାସନଗର କଲେଜର ଛାତ୍ରଛାତ୍ରୀ ସହର ପରିକ୍ରମା କରିବା ସହିତ ଶ୍ରମ ବିଭାଗ ଦ୍ୱାରା ଓଡ଼ିଆରେ ନାମଫଳକ ଲାଗି ନଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ଗୁଡିକରେ ପ୍ରଚାରପତ୍ର ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରଚାର ବାଣୀ ଓ ପ୍ରଚାର ପତ୍ର ମାଧ୍ୟମରେ ଯାଜପୁର ରୋଡ ତଥା ଯାଜପୁର ଟାଉନରେ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦ ବ୍ୟତୀତ ସ୍ୱତନ୍ତ୍ର ଦଳ ଗଠନ କରି ସହକାରୀ ଶ୍ରମ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନରେ ନିରୀକ୍ଷଣ କରିବା ପରେ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ଆସନ୍ତା ୭ ଏପ୍ରିଲ ମଧ୍ୟରେ ନୋଟିସ ଜାରି କରାଯିବ। ଏଥିରେ ଖିଲାପ କଲେ ଓଡିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

## ଆଦର୍ଶ ଥାନା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ




ପଟ୍ଟାମୁଣ୍ଡାଇ,୪।୪ (ସଂଚାର ବ୍ୟୁରୋ):ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ପ୍ରଦାନ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଏସ ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇ ଅଂଚଳର ବରିଷ୍ଠ ନାଗରିକ ମାନଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ବରିଷ୍ଠ ନାଗରିକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ସହିତ ୬୮ଜଣ ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ କରିଥିଲେ । ଏହି ଉତ୍ସବରେ ପ୍ରଫେସର ଭରତ ପାତ୍ର ପ୍ରଫେସର ରମେଶ ଜେନା, କସ୍ତୁରୀ ଚରଣ ସ୍ୱାଇଁ, ଇଂ ତପନ ପାତ୍ର ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ରାଜ୍ୟ ପୁରସ୍କୃତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର,ବିଜୟ ସାହୁ, ଇଂ ଗୁଣଧର ସାମଲ,ବିଜୟ ରାଉତ, ପ୍ରଦୀପ ରଥ, ପାବନୀ କୁମାର ରାଉତ ସୁଧାଂଶୁ ଦାସ,ରଂଜିତ ପାତ୍ର, ପ୍ରମୋଦ ଜେନା ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଯାଜପୁର,୪।୪ (ସଂଚାର ବ୍ୟୁରୋ): ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଦଶରଥପୁର ବ୍ଲକ ସ୍ଥିତ ପିଏମ୍ ଶ୍ରୀ ରାମ ଲକ୍ଷ୍ମଣ ସରକାରୀ ହାଇସ୍କୁଲ, ଖଣ୍ଡରାଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା ଏବଂ ମନ୍ତ୍ରପାଠ ପରେ ଅତିଥିମାନେ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀରେ ବହୁ ସଂଖ୍ୟାରେ ଶିଶୁଙ୍କ ଖଡ଼ିଛୁଆଁ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ବକ୍ତବ୍ୟରେ କହିଥିଲେ ଯେ ରାଜା କେବଳ ନିଜ ଦେଶରେ ସମ୍ମାନ ପାଏ, କିନ୍ତୁ ଜ୍ଞାନୀ ବ୍ୟକ୍ତି ସର୍ବତ୍ର ଦେଶ ବିଦେଶରେ ମଧ୍ୟ ସମ୍ମାନ ପାଏ। ଶିକ୍ଷା ହିଁ ଜୀବନରେ ଉନ୍ନତିର ପ୍ରମୁଖ ମାଧ୍ୟମ ବୋଲି କହିବା ସହ ସେ ଶିଶୁମାନଙ୍କ ଉଚିତ ଯତ୍ନ ନେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀ ତୁଷାରକାନ୍ତି ମିଶ୍ର ପୌରହିତ୍ୟ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମହେଶ୍ୱର ସାହୁ ଏହାର ସଫଳ ରୂପାୟନ କରିଥିଲେ।

ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର "ଗୁଞ୍ଜନ" ଉନ୍ମୋଚନ କରିଥିଲେ। ନୂଆ କରି ବିଦ୍ୟାଳୟରେ ପ୍ରବେଶ କରିଥିବା କୁନି କୁନି ଶିଶୁମାନଙ୍କୁ ସିଲଟ, ବ୍ୟାଗ୍ ସହ ମିଷ୍ଟାନ୍ନ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏହାପରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ "ଆସ ସଭିଏଁ ସ୍କୁଲ ଯିବା" ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ରଙ୍ଗ ଦୁନିଆ, ଗପ ରାଇଜ, ଖେଳ ଘର ଇତ୍ୟାଦି ଷ୍ଟଲ୍ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପୂର୍ବତନ ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ'




ଫୁଲବାଣୀ,୪।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଆଜି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ "ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ" ସଚେତନତା କାର୍ଯ୍ୟକ୍ରମ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆୟୋଜିତ ଏକ ଭବ୍ୟ ପଦଯାତ୍ରାକୁ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଏବଂ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ଅଧିନିୟମ ଅନୁଯାୟୀ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଛି।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଶ ବିଶ୍ୱରଞ୍ଜନ କହଁର, ବିଭିନ୍ନ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଯାଇଥିଲା

## ଶୁଭଲକ୍ଷ୍ମୀ ମୃତ୍ୟୁ ମାମଲା: ଯୋଜନାବଦ୍ଧ ହତ୍ୟା ଅଭିଯୋଗ ଆଣିଲେ ଅଜା

ରାଜନଗର,୪।୪ (ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡ଼କୋଲ୍ଲା ଗାଁରେ ୨ ତାରିଖ ଦିନ ନିଖୋଜ ଥିବା ଶିଶୁକନ୍ୟାଙ୍କ ମୃତଦେହ ଗତକାଲି କେନାଲ୍‌ରୁ ଉଦ୍ଧାର କରାଯାଇଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ(୭ବର୍ଷ) ତାଙ୍କ ମାମୁ ଘରେ ଥିବା ବେଳେ ଏହି ଘଟଣା ଘଟିଛି | କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ ପରେ ମାଳିପୁର ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କାଳନ୍ଦି ଆଜି ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ବେଣୁ ଦାସଙ୍କ ଝିଅର ପୁଅ (୫ବର୍ଷ) ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଘର ସମ୍ମୁଖ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଥିଲା। ଶୁଭଲକ୍ଷ୍ମୀ ସହ ଖେଳୁଥିଲା, ଶୁଭଲକ୍ଷ୍ମୀ ପେଲି ଦେବାରୁ ତାଙ୍କ ନାତିଙ୍କ ମୃତ୍ୟୁ ଘଟିଛି, ୬ ମାସ ମଧ୍ୟରେ ଶୁଭଲକ୍ଷ୍ମୀକୁ ମାରିବ ବୋଲି କହି ଆସୁଥିଲା। ପ୍ରତିଶୋଧ ପରାୟଣ ହୋଇ ବେନୁ ଚରଣ ଦାସ, ଅହଲ୍ୟା ଦାସ, ସତ୍ୟଭାମା ପାତ୍ର, ପ୍ରଶାନ୍ତ ଦାସ, ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟୀରାମ ସ୍ୱାଇଁ ସମସ୍ତେ ମିଳିମିଶି ଯୋଜନାବଦ୍ଧ ଭାବେ ନାତୁଣୀକୁ ହତ୍ୟା କରିଛନ୍ତି ବୋଲି ସନ୍ଦେହ ହେଉଛି। ସେମାନେ ପୂର୍ବରୁ ମୋ ନାତୁଣୀ ଓ ପରିବାରକୁ ଧମକ ଚମକ ଦେଇ ଆସୁଥିଲେ | ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନେ ମିଳିତ ଭାବେ ହତ୍ୟା କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି |

# ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

ମାହାଙ୍ଗା,୪।୪ (ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାରା ରାଜ୍ୟରେ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏ ନେଇ ଆଜି ମାହାଙ୍ଗା ବ୍ଲକର ଆନନ୍ଦପୁର ପଞ୍ଚାୟତ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖଣ୍ଡହତାରେ ପ୍ରଧାନଶିକ୍ଷକ କମଳାକାନ୍ତ ଷଡଙ୍ଗୀ, ଶିକ୍ଷୟିତ୍ରୀ ପ୍ରତିମା ସେଠୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବକୁ ପାଳନ କରିଥିଲେ। ସେହିପରି ମଉଦା ପଞ୍ଚାୟତ ସ୍ଥିତ ଚଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗଣେଶ୍ୱର ଦେହୁରୀ, ଶିକ୍ଷୟିତ୍ରୀ ମନୋରମା ରାଉତ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବକୁ ପାଳନ କରିଥିଲେ। ମଉଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବାଇଧର ମଲିକ, ଶିକ୍ଷକ ପଦ୍ମଲୋଚନ ସାହୁ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବ ପାଳନ କରିଥିଲେ। ଶ୍ରୀକୃଷ୍ଣପୁର ପଞ୍ଚାୟତ ସ୍ଥିତ କୁଆଁପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତି, ଶିକ୍ଷୟିତ୍ରୀ ମମତା କୁମାରୀ ବେହୁରା, ପ୍ରତିମା ରାଣୀ ଘୋଷାଲ, ବନିତା ମାରାଣ୍ଡି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଏହି ଉତ୍ସବ ପାଳନ କରିଥିଲେ। ନୂର୍ତାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା କର, ଶିକ୍ଷକ ସର୍ବେଶ୍ୱର ସ୍ୱାଇଁ, ଦୀପକ କୁମାର ମାଝି, ଶିକ୍ଷୟିତ୍ରୀ ସୁକାନ୍ତୀ ଦାସ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ପାଳନ କରିଥିବାବେଳେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡଗରାସାହିରେ ପ୍ରଧାନଶିକ୍ଷକ ସେକ ହଲିମ ମହମ୍ମଦ, ଶିକ୍ଷକ ଦାଲୁରାମ ହାଁସଦା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହ ଏହି ଉତ୍ସବକୁ ପାଳନ କରିଥିଲେ।

## ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ



ନିଶ୍ଚିନ୍ତକୋଇଲି,୪।୪ (ସଂଚାର ବ୍ୟୁରୋ): ସରକାରୀ ବିଦ୍ୟାଳୟରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ପାଇଁ ସାରା ରାଜ୍ୟରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ପାଳନ କରାଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ହେଉଥିବା ଦେଖିବାକୁ ମିଳିଛି। ଏହି ପରିପେକ୍ଷିରେ ଅହମ୍ମଦ ବକ୍ସ ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖଡ଼ି ଛୁଆଁ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ମଣ୍ଡଳ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗ ଦେଇ ନୂତନ ଭାବେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଅବଧାନଙ୍କ ଦ୍ୱାରା ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## 'ଶ୍ରୀରଘୁନାଥ' ପତ୍ରିକା ଉନ୍ମୋଚିତ



ନିଶ୍ଚିନ୍ତକୋଇଲି,୪।୪ (ସଂଚାର ବ୍ୟୁରୋ): ପବିତ୍ର ଚୈତ୍ର ପୂର୍ଣ୍ଣିମା ଗୁରୁବାର ଦିନ ଶ୍ରୀରଘୁନାଥ ପତ୍ରିକା ପ୍ରକାଶନ ତରଫରୁ ଅସୁରେଶ୍ୱର - କେଣ୍ଟାଳୋ ମଲ୍ଲିପୁର ସ୍ଥିତ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ତୃତୀୟ ସଂସ୍କରଣ " ଶ୍ରୀରଘୁନାଥ " ପତ୍ରିକା ଉନ୍ମୋଚିତ ହୋଇଯାଇଛି । ଶିକ୍ଷାବିତ ଶାରଦା ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଆୟକର କମିଶନର ଶୋଭନ କର ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନାଦର୍ଶ ମାନବ ସମାଜର ଧ୍ୟେୟ ହେବା ଉଚିତ୍ ବୋଲି କହିଥିଲେ।

ମୁଖ୍ୟ ବକ୍ତାଭାବେ ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ କବି ଜୟନ୍ତ କୁମାର ଶତପଥୀ, ଡ଼ଃ ଗୌତମ ମହାରଣା ପ୍ରମୁଖ ଯୋଗଦେଇ ରଘୁନାଥଜିଙ୍କ ମହିମା ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକ ପ୍ରତାପ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପତ୍ରିକାର ସଂପାଦିକା ଶ୍ରୀମତୀ ସସ୍ମିତା ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥିଲେ । କବି ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ତ ଦେବପ୍ରସାଦ କର ପ୍ରାରମ୍ଭିକ ସଂଗୀତ ଗାନ କରିବା ସହିତ ସୁଶ୍ରୀ ଅତିଥିଙ୍କ ଦ୍ୱାରା ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶ୍ରୀରଘୁନାଥ ପତ୍ରିକା ପ୍ରକାଶନ ସମିତି ତରଫରୁ ପତ୍ରିକା ଉନ୍ମୋଚନ ସହିତ ଶ୍ରୀରଘୁନାଥଜୀଉଙ୍କ ଯାତ୍ରା ସେବାର ବରିଷ୍ଠ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଡ଼ଃ ପ୍ରସନ୍ନ କୁମାର ଦାସଙ୍କୁ ଜନ୍ମଦିନ ଅବସରରେ ଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସାହିତ୍ୟ କୃତି ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା ।

## ବ୍ଲକସ୍ତରୀୟ ଖଡ଼ିଛୁଆଁ ଉତ୍ସବ




ରାଜନଗର,୪।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ସାନବଡ ଗୋପାଳପୁର ବଜାରସ୍ଥିତ ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଖଡ଼ି ଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରହିତରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରତିଭା ପାତ୍ର,ମୁଖ୍ୟ ଅତିଥି, ତହସିଲଦାର ଯୀଶୁକୃଷ୍ଣ ଦାସ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ସରପଞ୍ଚ ଗୋଲେକ ଚନ୍ଦ୍ର ସ୍ୱାଇଁ , ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭକ୍ତିଲତା ବାରିକ, ଶିବ ପ୍ରସାଦ ବେହେରା, ଚିତ୍ତ ରଞ୍ଜନ ଜେନା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ , ପ୍ରମୁଖ ଯୋଗଦେଇ ନୂତନ ଭାବେ ଯୋଗଦେଇଥିବା ଶିଶୁମାନଙ୍କୁ ଖଡ଼ି ଛୁଆଁଇ ଦେବା ସହିତ ଉପସ୍ଥିତ ଅଭିଭାବକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏହା ପରେ ଏକ ସଚେତନତା ରଥକୁ ଅତିଥିମାନେ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧନ କେନ୍ଦ୍ରର ସଂଯୋଜକ ଚନ୍ଦ୍ରକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉତ୍ସବକୁ ପରିଚାଳନା କରିଥିଲେ।

# ଏପ୍ରିଲ ଓ ମେ' ମାସ ନିମନ୍ତେ ମିଳିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର,୪।୪ (ସଂଚାର ବ୍ୟୁରୋ): ଚଳିତ ବର୍ଷ ୨୦୨୬ ଅପ୍ରେଲ ଓ ମଇ ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଅଛି।

ଜନ ସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ। ଚଳିତ ଅପ୍ରେଲ ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୬।୦୪।୨୦୨୬ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁର ଠାରେ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ , ତା ୧୩।୦୪।୨୦୨୬ ରିଖ (ସୋମବାର) କେ.ଏନ୍.ଡି.ଏ ସମ୍ମିଳନୀ ଗୃହ, କଳିଙ୍ଗନଗର ଠାରେ ତା ୨୦।୦୪।୨୦୨୬ ରିଖ (ସୋମବାର) ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୭।୦୪।୨୦୨୬ ରିଖ (ସୋମବାର) ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ଘ. ୦୭.୦୦ ଟିକା ସମୟରୁ ପୂର୍ବାହ୍ନ ଘ ୧୦.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ଚଳିତ ବର୍ଷ ମଇ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୪।୦୫।୨୦୨୬ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁର ଠାରେ, ତା ୧୧।୦୫।୨୦୨୬ ରିଖ (ସୋମବାର) ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୧୮।୦୫।୨୦୨୬ ରିଖ (ସୋମବାର) ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏବଂ ତା ୨୫।୦୫।୨୦୨୬ ରିଖ (ସୋମବାର) ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ଘ. ୦୭.୦୦ ଟିକା ସମୟରୁ ପୂର୍ବାହ୍ନ ଘ ୧୦.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

ଏଣୁ ଧର୍ମଶାଳା ବ୍ଲକ, ବରୀ ବ୍ଲକ, ଦାନଗଦି ବ୍ଲକ, ରସୁଲପୁର ବ୍ଲକ, ଦଶରଥପୁର ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ସୁଦୃଢ଼ ହେବ କଟକ ବିଜେଡି ଗଡ଼

# ଦେବୀ, ବବି ଓ ପ୍ରତାପଙ୍କୁ ମିଳିବ ଦାୟିତ୍ୱ!



**କଟକ,୪।୪(ସଂଚାର ବ୍ୟୁରୋ)ଃ** କଟକରେ ଏବେ ସୁଦୃଢ଼ ହେବ ବିଜେଡି ଗଡ଼। ଏହି ଦାୟିତ୍ୱ ଆଜି ବିଜେଡିର ୩ ବରିଷ୍ଠ ନେତୃତ୍ୱଙ୍କୁ ପ୍ରଦାନ କରାଯିବା ନେଇ ଚର୍ଚ୍ଚା ହେଉଛି। ନିକଟରେ ନବୀନ ନିବାସରେ କଟକ ବିଜେଡିକୁ ତୃଣମୂଳ ସ୍ତରରେ ସଶକ୍ତ କରିବା ସକାଶେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ରଞ୍ଜନ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଦାସ ଓ ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦିଆଯିବାର ସମ୍ଭାବନା ରହିଛି। ଗତ ରାଜ୍ୟସଭା ନିର୍ବାଚନ ପରେ କଟକ ବିଜେଡିରେ ସମୀକରଣ ବଦଳିଥିଲା। କଟକ ଜିଲ୍ଲାର ବାଙ୍କୀ ନିର୍ବାଚନମଣ୍ଡଳୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଚୌଦ୍ୱାର ନିର୍ବାଚନ ମଣ୍ଡଳୀ ବିଧାୟକ ସୌଭିକ ବିଶ୍ୱାଳ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍‌ର ଅବମାନନା କରି ବିଜେପି ସପକ୍ଷରେ କ୍ରସ ଭୋଟିଂ କରିଥିଲେ। ଏଥିପାଇଁ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଏହାକୁ ନେଇ ଦଳରେ କନ୍ଦଳ ସୃଷ୍ଟି ହୋଇଥିଲା ଓ କଟକ ବିଜେଡିରେ ନାନାଦି ବିଶୃଙ୍ଖଳା ସୃଷ୍ଟି ହୋଇଛି। ଏହାକୁ ସୁଧାରିବା ସକାଶେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଗତ ମାସରେ ସରିଥିବା ରାଜ୍ୟସଭା ନିର୍ବାଚନ ପୂର୍ବରୁ ନବୀନ ନିବାସରେ ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସୁଥିଲା ଘନ ଘନ ବୈଠକ। ବୈଠକରେ ବିଜେଡି ବିଧାୟକଙ୍କ ସହ ରାଜ୍ୟସଭା ନିର୍ବାଚନରେ ଯେପରି କ୍ରସ ଭୋଟିଂକୁ ରୋକାଯିବ, ସେନେଇ ଆଲୋଚନା ହେଉଥିଲା। କିନ୍ତୁ ସବୁ ଉଦ୍ୟମ ସତ୍ତ୍ୱେ ଦେବୀ ରଞ୍ଜନ ତ୍ରିପାଠୀ ଓ ସୌଭିକ୍ କ୍ରସ୍ ଭୋଟିଂ କଲେ ଓ ସେମାନଙ୍କୁ ନିଲମ୍ବନ କରାଯାଇଥିଲା। ନବୀନ ନିବାସର ଏହି ନିଷ୍ପତ୍ତି ଦଳକୁ କଟକରେ ଦୁଇ ଭାଗରେ ବିଭକ୍ତ କରିଥିଲା, ଯାହାକି ବିଜେଡି ଗଡ଼କୁ ଦୁର୍ବଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ଏପରି ସ୍ଥିତିରେ ନବୀନ ପଟ୍ଟନାୟକ ବିଜେଡିକୁ ସୁଦୃଢ଼ କରିବା ସକାଶେ କଟକର ସମସ୍ତ ଦଳୀୟ କର୍ମୀ ଓ ନେତୃତ୍ୱଙ୍କ ସହ ବାରମ୍ବାର ଆଲୋଚନା କରିଛନ୍ତି। ଏଥିସହ ବିଜେଡିର କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଆହୁରି ସୁଦୃଢ଼ କରିବାକୁ ଯୋଜନା କରିଛନ୍ତି ନବୀନ।

### ବିଶ୍ୱ ଦକ୍ଷତା କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ

# ଛାତ୍ରଛାତ୍ରୀଙ୍କୁ ଆନ୍ତର୍ଜାତିକ ମାନର ତାଲିମକୁ ଗୁରୁତ୍ୱ



**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ସ୍ଥାନୀୟ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ।

ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ସେଥିମଧ୍ୟରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଏଠାକାର ଉନ୍ନତ ଭିତ୍ତିଭୂମି ଓ ତାଲିମ ପାଠ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ।

ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ।

ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତାକାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ସରକାର, ଶିଳ୍ପ ସଂସ୍ଥା ଓ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ଯୋଗ ଦେଇଥିଲେ।

## ମୋନା ସମେତ ୩ ସଂଗଠନର ଧାରଣା ବେଲାଭୂମିରେ ମଦ କୁଡ଼ିଆ ବନ୍ଦ ହେଉ

**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା), ହିନ୍ଦୁ ସୁରକ୍ଷା ବାହିନୀ, ଓଡ଼ିଶା ବିକାଶ ମହାମନ୍ତ୍ର ପ୍ରତିନିଧିମାନେ ସରକାର ବେଳାଭୂମିରେ ମଦ କୁଡ଼ିଆ ଖୋଲିବା ପାଇଁ ଯେଉଁ ଆଇନ ପ୍ରଣୟନ କରିଛନ୍ତି, ତାହା ବନ୍ଦ କରିବାକୁ ମିଳିତ ଅନୁଷ୍ଠାନ ପକ୍ଷରୁ ମହାପ୍ରଭୁ ଲିଙ୍ଗରାଜଙ୍କ ଖଳାରେ ଆୟୋଜିତ ଧାରଣାରେ ଦାବି କରାଯାଇଛି।

ପ୍ରତିଦିନ ପତ୍ରପତ୍ରିକା ମାଧ୍ୟମରେ ମଦ ନିଶାରେ କିଏ କାହା ବାପାକୁ ହାଣିଲାଣି ତ କିଏ ସ୍ତ୍ରୀ ପିଲାଙ୍କୁ ନିର୍ଯାତନା ଦେଲାଣି। ଏହାଛଡ଼ା ମଦ ନିଶାରେ ଚୋରି ଡକାୟତି, ରାହାଜାନି ଆଦି ଅଘଟଣ ମଧ୍ୟ ବଢ଼ି ବଢ଼ି ଚାଲିଛି। ମଦ ନିଶାରେ ସଂସାର ଉଜୁଡ଼ିଯାଉଥିବାରୁ ମା'ଭଉଣୀମାନେ ଆର୍ତ୍ତ ଚିତ୍କାର କରୁଛନ୍ତି। ରାଜ୍ୟ ସରକାର ଏହାର ପ୍ରତିକାର ଦିଗରେ ତ ପଦକ୍ଷେପ ନେଉନାହାନ୍ତି, ବରଂ ଦୁଃଖ ଓ ଅନୁତାପର ବିଷୟ ଯେ ସରକାର ଏଥିରୁ ନିବୃତ୍ତ ରହିବା ପରିବର୍ତ୍ତେ ବେଳାଭୂମିରେ ଓଟିଡିସି ଜରିଆରେ ମଦ ବେପାର କରିବାକୁ ଆହ୍ୱାନ କରୁଛନ୍ତି। ଏହାଦ୍ୱାରା ବେଳାଭୂମି, ନଦୀ, ପୋଖରୀ ସବୁଠାରେ ମଦର ବହୁଳ ବ୍ୟବହାର ହେବ ଓ ଶାନ୍ତ ଓଡ଼ିଶା କ୍ରମେ ଅଶାନ୍ତ ହୋଇଉଠିବ। ବିହାର, ଗୁଜରାଟ, କେରଳ ପରି ରାଜ୍ୟରେ ମଦମୁକ୍ତି ଯୋଗୁଁ ପରିବେଶ ଶାନ୍ତ ରହିଛି ଓ କୌଣସି ପରିବାର ମଧ୍ୟ ଉଚ୍ଛନ୍ନ ହେଉନାହିଁ। ତେଣୁ ମଦର ପ୍ରସାର ବଦଳରେ ରାଜ୍ୟକୁ ନିଶାମୁକ୍ତ କରି ମୋହନ ସରକାର ଇତିହାସ ରଚିବାକୁ ଶ୍ରୀ ମିଶ୍ର ନିବେଦନ କରିଛନ୍ତି। ଏହି ଧାରଣାରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ଉଲ୍ଲାସ ଚନ୍ଦ୍ର ମହାପାତ୍ର, ବିପିନ୍ ବିହାରୀ ରାଉତରାୟ, ବର୍ଣ୍ଣମାଳା ପାତ୍ର, କମଳାକାନ୍ତ ବେହେରା, ନୟନୀ ବେହେରା ପ୍ରମୁଖ ସାମିଲ୍ ଥିଲେ।

## ଏଡିସିପିଙ୍କୁ ଭେଟିଲେ ଡିଜିପି

### ଆମ ବସ୍ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି



**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ଗତକାଲି ସକାଳେ ଆମ ବସ୍ ଧକ୍କାରେ ଗୁରୁତର ଭାବେ ଆହତ ହୋଇଥିବା ଅତିରିକ୍ତ ଡିସିପି କୃଷ୍ଣଚନ୍ଦ୍ର ସେଠୀଙ୍କୁ ଆଜି ହସ୍ପିଟାଲ୍‌ରେ ଭେଟିଛନ୍ତି ଡିଜିପି ଯୋଗେଶ ବାହାଦୁର ଖୁରାନିଆ। ଆଜି ପୂର୍ବାହ୍ନରେ ଶ୍ରୀ ଖୁରାନିଆ ଏଡିସିପିଙ୍କୁ ଭେଟିବା ସହ ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ସେ ଶ୍ରୀ ସେଠୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ସକାଳେ ଶ୍ରୀ ସେଠୀ ସ୍ଥାନୀୟ ଭୁବନେଶ୍ୱର କ୍ଲବ୍ ନିକଟରେ ସାଇକେଲ୍‌ରେ ଯାଉଥିବା ସମୟରେ ଅଚାନକ ତାଙ୍କୁ ପଛପଟୁ ଏକ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ଶ୍ରୀ ସେଠୀ ଗୁରୁତର ଭାବେ ଆହତ ହୋଇଥିଲେ।

## ସ୍କୁଲ ପିଲାଙ୍କ ମଧ୍ୟରେ ପୋଷଣକୁ ପ୍ରୋତ୍ସାହିତ କରିଛି ବେଦାନ୍ତ



**ଝାରସୁଗୁଡ଼ା,୪।୪(ସଂଚାର ବ୍ୟୁରୋ)ଃ** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରାରମ୍ଭିକ ଶୈଶବ, କିଶୋରାବସ୍ଥା, ମାତୃସ୍ୱାସ୍ଥ୍ୟ ଓ ଯତ୍ନ ପାଇଁ ସାମୂହିକ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଆସିଛି। ଏହି ଲକ୍ଷ୍ୟ ଅନୁଯାୟୀ କମ୍ପାନୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ପୁରୁଣା ବସ୍ତି ହାଇସ୍କୁଲରେ ଏକ ସଚେତନତା ଏବଂ କୃମିନାଶକ ଅଭିଯାନ ଆୟୋଜନ କରିଥିଲା। ଏଥିରେ ୧୦-୧୬ ବର୍ଷର ୩୫୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ଏହା ପିଲାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ପୌଷ୍ଟିକତାକୁ ପ୍ରୋତ୍ସାହିତ କରିଥିଲା। ଛାତ୍ରଛାତ୍ରୀଙ୍କୁ କୃମିନାଶକର ଗୁରୁତ୍ୱ ଓ ଏହା କିପରି ପରଜୀବୀ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରିବା ସହ ରକ୍ତହୀନତା ସୃଷ୍ଟି କରିପାରେ ଓ ଜ୍ଞାନାତ୍ମକ ବିକାଶକୁ ପ୍ରଭାବିତ କରିପାରେ, ସେନେଇ ଶିକ୍ଷା ଦିଆଯାଇଥିଲା। କାର୍ଯ୍ୟକ୍ରମ ଝାରସୁଗୁଡ଼ାର ପରିବାର କଲ୍ୟାଣର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଦୁର୍ଜୟ ଦତ୍ତଙ୍କ ଉପସ୍ଥିତିରେ ପ୍ରଜନନ ଏବଂ ଶିଶୁ ସ୍ୱାସ୍ଥ୍ୟର ଉପପ୍ରବନ୍ଧକ ଅଶ୍ୱିନୀ ମହାନନ୍ଦଙ୍କ ସହ ଅନୁଷ୍ଠିତ ହୋଇଥିଲା। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଆମ ପାଇଁ ଆମ ସମ୍ପ୍ରଦାୟର ବିଶେଷକରି ପିଲାମାନଙ୍କ କଲ୍ୟାଣ ପ୍ରଥମ ପ୍ରାଥମିକତା। ଏହିଭଳି ପଦକ୍ଷେପ ମାଧ୍ୟମରେ ଆମେ ଯୁବପିଢ଼ିକୁ ସ୍ୱାସ୍ଥ୍ୟସେବା ଯୋଗାଣରେ ଉନ୍ନତି ଆଣିବା ଓ ଏକ ସୁସ୍ଥ, ଅଧିକ ସ୍ଥିର ଭବିଷ୍ୟତ ଗଠନରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ। ସମଗ୍ର ଅଞ୍ଚଳରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଓ ସାମଗ୍ରିକ ସୁସ୍ଥତାକୁ ଆଗକୁ ବଢ଼ାଇବା ପାଇଁ ସରକାରଙ୍କ ସହ ଆମେ ଘନିଷ୍ଠ ଭାବେ କାମ କରିବୁ ବୋଲି ଶ୍ରୀ ଚନ୍ଦ୍ରୁ କହିଛନ୍ତି। ସେହିପରି ଏନେଇ ଝାରସୁଗୁଡାର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ ଡ. ଦତ୍ତ କହିଛନ୍ତି ଯେ ପରଜୀବୀ ସଂକ୍ରମଣ ପ୍ରାୟତଃ ଅଚିହ୍ନା ହୋଇଯାଏ ଏବଂ ପିଲାଙ୍କ ପୁଷ୍ଟି, ବୃଦ୍ଧି ଓ ସାମଗ୍ରିକ ବିକାଶକୁ ଗୁରୁତର ଭାବେ ପ୍ରଭାବିତ କରିପାରେ। ଏହି ସଂକ୍ରମଣକୁ ରୋକିବା ସକାଶେ ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକ ପିଲାମାନଙ୍କ ସୁସ୍ଥତା ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବେଦାନ୍ତ ଆମକୁ ଏପରି ସାମ୍ପ୍ରଦାୟିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଓ ସୁଦୂର ପ୍ରସାରୀ କରିବାରେ ସାହାଯ୍ୟ କରେ ବୋଲି ଡ. ଦତ୍ତ କହିଛନ୍ତି।

### ଜୀ ସାର୍ଥକରେ ପୁଣି ଡବଲ ମହାପ୍ରିମିୟର

## ଆଜି ଦେଖନ୍ତୁ 'ଲାଗେ ପ୍ରେମ ନଜର'




**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ଓଡ଼ିଆ ମନୋରଞ୍ଜନ ଜଗତର ପ୍ରମୁଖ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଦର୍ଶକଙ୍କୁ ଭେଟି ଦେଉଛି ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର'। ଆସନ୍ତାକାଲି ଜୀ ସାର୍ଥକ ଚ୍ୟାନେଲ୍‌ରେ ଦ୍ୱିପ୍ରହର ୨ଟା ଓ ପୁନର୍ବାର ସନ୍ଧ୍ୟା ସାଢ଼େ ୬ଟାରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ। ଚଳଚ୍ଚିତ୍ରର କାହାଣୀ ସଫଳ ନିର୍ଦ୍ଦେଶକ ଆକାଶ ଓ ତାଙ୍କ ପତ୍ନୀ ନନ୍ଦିନୀଙ୍କ ସୁନ୍ଦର ସଂସାରକୁ ନେଇ ଗତିଶୀଳ। ମାତ୍ର ସନ୍ଦେହ, ଭୁଲ୍ ବୁଝାମଣା ଓ ଅପ୍ରତ୍ୟାଶିତ ଘଟଣାକ୍ରମ କିପରି ଏକ ହସଖୁସିର ସଂସାରକୁ ନଷ୍ଟ କରିଦିଏ, ତାହା ଏଥିରେ ଦେଖିବାକୁ ମିଳିବ। ମେଘାର ନିଃସ୍ୱାର୍ଥପର ବଳିଦାନ ଓ ନନ୍ଦିନୀ-ଆକାଶଙ୍କ ପୁନର୍ମିଳନ ମଧ୍ୟରେ ଥିବା ସଂଘର୍ଷ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ପ୍ରେମ, ପ୍ରତାରଣା ଓ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ 'ଲାଗେ ପ୍ରେମ ନଜର'। ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଭିନେତା ଅମ୍ଲାନ, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୂତ୍ରଧର ଓ ବିଶେଷ ଭୂମିକାରେ ରାକେଶ ଦେଓ ଅଭିନୟ କରିଛନ୍ତି। ଏନେଇ ସାରା ଦେଶରେ ଓଡ଼ିଆ ଦର୍ଶକଙ୍କୁ ଶୁଭେଚ୍ଛା ଜଣାଇ ଜୀ ସାର୍ଥକର ବିଜନେସ ହେଡ୍ ରାହୁଲ ରାଓ କହିଛନ୍ତି ଯେ ଜୀ ସାର୍ଥକ ସଦାସର୍ବଦା ଓଡ଼ିଶାର କଳା ଓ ସଂସ୍କୃତି ସହ ଯୋଡ଼ି ହୋଇ ରହିଛି। 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା। ଓଡ଼ିଶା ଓ ସାରା ଭାରତରେ ରହୁଥିବା ଆମର ପ୍ରିୟ ଓଡ଼ିଆ ଦର୍ଶକମାନେ ନିଜ ପରିବାର ସହ ଏହି ଭାବପୂର୍ଣ୍ଣ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ମୋର ବିଶ୍ୱାସ।

## ଶିକ୍ଷା ବର୍ଷ ଆରମ୍ଭରୁ ଝୁଣ୍ଟିଲେଣି ସରକାରଃ କଂଗ୍ରେସ




**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟରେ ଅନେକ ସ୍କୁଲରେ ଛାତ୍ରଛାତ୍ରୀ ଅଦ୍ୟାବଧି ପାଠ୍ୟପୁସ୍ତକ କି ପୋଷାକ ପାଇପାରିନାହାନ୍ତି। ଫଳତଃ ବହି ଅଭାବରୁ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ସେହିପରି ପୋଷାକ ପାଇନଥିବାରୁ ଛାତ୍ରଛାତ୍ରୀ ମଧ୍ୟ ସ୍କୁଲକୁ ଯାଇପାରୁନାହାନ୍ତି। କିନ୍ତୁ ସରକାର ଉତ୍ସବରେ ମାତିଛନ୍ତି। 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ ଉତ୍ସବ' ପାଇଁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ଶିକ୍ଷା ବିଭାଗର ଅଧିକାରୀମାନେ ଉତ୍ସବ ମୁଖରିତ ହୋଇପଡ଼ିଛନ୍ତି। ଏହା ବାସ୍ତବ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରଦେଶ କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ଆଜି ରାଜ୍ୟରେ ଶିକ୍ଷାର ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ହୋଇଛି। ଶ୍ରେଣୀ ଗୃହର ଅଭାବ, ଶିକ୍ଷକ ଅଭାବ, ବିଦ୍ୟୁତ ସଂଯୋଗର ଅଭାବ, ପିଇବା ପାଣି ଓ ଶୌଚାଳୟର ଅଭାବ ଆଦି ଦର୍ଶାଉଛି ଯେ ସରକାର ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶକ ମୌଳିକ ସୁବିଧା ବି ଯୋଗାଇବାରେ ବିଫଳ। ଗତ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୧୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ ବି ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଡ୍ରପଆଉଟ୍ ହାରକୁ ନେଇ ସରକାରୀ ତଥ୍ୟ ଓ ବାସ୍ତବତା ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି। ସରକାରୀ ସ୍କୁଲ୍‌ରେ ପୋଷାକ ଓ ବହିପତ୍ର ଠିକ୍ ସମୟରେ ମିଳୁନଥିବା ବେଳେ ଘରୋଇ ସ୍କୁଲ୍‌ରେ ୭ ଶହ ଟଙ୍କାର ବହିପତ୍ରକୁ ୭ ହଜାରରେ ବିକ୍ରି କରାଯାଉଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସରକାରଙ୍କର ଘରୋଇ ଶିକ୍ଷାନୁଷ୍ଠାନ ସହ ମଧୁଚନ୍ଦ୍ରିକା ଥିବା ପ୍ରମାଣିତ ହେଉଛି ବୋଲି ଶ୍ରୀ ପତି ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟତମ ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ନେତା ହୋଇଥିବାରୁ ଖଡ଼ିଛୁଆଁ ଉତ୍ସବ କୌଣସି ଆଦିବାସୀବହୁଳ ଜିଲ୍ଲାରେ କରିଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅଭୟ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ରାଜସ୍ୱ ବିଭାଗ ପାଠାଗାର ଉଦ୍‌ଘାଟିତ



**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଉଦଘାଟନ କରିଛନ୍ତି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ। ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଓ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଥିଲେ। ଏଠାରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍, ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏଠାରେ ମୋବାଇଲ୍ ବ୍ୟବହାର ଉପରେ କଟକଣା ରହିଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥକୁ ଦୁର୍ବଳ କରିବାକୁ ଚକ୍ରାନ୍ତ

### ଖୁବ୍‌ଶୀଘ୍ର ମିଳିତ ବିରୋଧୀ ଦଳର ଗଣଧାରଣା

**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ପଲାସା- ଇଚ୍ଛାପୁରମ୍ ରେଳ ବିଭାଗକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥକୁ ସ୍ଥାନାନ୍ତରଣ ନେଇ ଆଜି ରାଜ୍ୟର ୧୦ ବିରୋଧୀ ଦଳର ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ଓଡ଼ିଶାର ସ୍ୱାର୍ଥବିରୋଧୀ, ଅନ୍ୟାୟ ଓ ଅଗ୍ରହଣୀୟ ବୋଲି କୁହାଯିବା ସହ କଡ଼ା ନିନ୍ଦା କରାଯାଇଛି। ଡବଲ ଇଞ୍ଜିନ ସରକାର ଓଡ଼ିଶାର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛି ବୋଲି ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି। ଗତ ୨୦୧୯ରେ କେନ୍ଦ୍ର ସରକାର ଦକ୍ଷିଣ ଉପକୂଳ ରେଳପଥ ଜୋନ୍ ଗଠନ ଘୋଷଣା କରିଥିଲେ। ଗତ ୨ରେ ରେଳ ବୋର୍ଡ ପଲାସା- ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼୍ ଡିଭିଜନରୁ ଦକ୍ଷିଣ ଉପକୂଳ ରେଳପଥର ବିଶାଖାପାଟଣା ଡିଭିଜନକୁ ସ୍ଥାନାନ୍ତର କରିବା ପାଇଁ ନୋଟିସ ଜାରି କରିଛନ୍ତି। ଏହି ବିଭାଗ ହାଓଡ଼ା- ଚେନ୍ନାଇ ମୁଖ୍ୟ ରେଳପଥର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ସ୍ଥାନାନ୍ତରଣ ଫଳରେ ପୂର୍ବତଟ ରେଳପଥର ଆକାର କମିବା ସହ ରାଜସ୍ୱ ହ୍ରାସ ହେବ। ସ୍ଥାନୀୟ ପୂର୍ବତଟ ରେଳପଥ ଦେଶର ସର୍ବାଧିକ ରାଜସ୍ୱ ଆୟକାରୀ ଜୋନ୍ ମଧ୍ୟରୁ ଅନ୍ୟତମ ଭାବେ ରେକର୍ଡ ରହିଛି। ଗତ ୨୫ ବର୍ଷ ଭିତରେ ଓଡ଼ିଶା ରେଳବାଇକୁ ୩ ଲକ୍ଷ କୋଟି ଟଙ୍କାର ଲାଭ ଦେଇଥିବା ବେଳେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଓ ରେଳ ବିଭାଗରେ ଓଡ଼ିଆ ଯୁବକଯୁବତୀଙ୍କ ନିଯୁକ୍ତି ଇତ୍ୟାଦି ସବୁ କ୍ଷେତ୍ରରେ କେନ୍ଦ୍ର ସରକାର ଅତ୍ୟନ୍ତ ବୈଷମ୍ୟମୂଳକ ମନୋଭାବ ସହ ଐତିହାସିକ ଭାବେ ଅନ୍ୟାୟ କରିଛନ୍ତି ବୋଲି ମିଳିତ ବିରୋଧୀ ଦଳମାନେ ଅଭିଯୋଗ କରାଯାଇଛି।

### ସୁବର୍ଣ୍ଣପୁର ଜିଲ୍ଲାର ଜମିପଟ୍ଟା ଓ ମ୍ୟାପ୍ ସଅଳ ସାରିବାକୁ ନିର୍ଦ୍ଦେଶ

## ୨୦୨୬ ସୁଦ୍ଧା କରିବ ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ




**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ଲୋକସେବା ଭବନଠାରେ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଦୀର୍ଘ ଦିନର ଅପେକ୍ଷାର ଅନ୍ତ ସହ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମାରେ ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୯୮୯ଟି ଗ୍ରାମ ମଧ୍ୟରୁ ୬୭୮ ର ହାଇଟେକ୍ ସର୍ଭେ ଏବଂ ସେଟେଲମେଣ୍ଟ ପ୍ରକ୍ରିୟା ଇତିମଧ୍ୟରେ ସମାପ୍ତ ହୋଇଥିବା ବେଳେ ଏହିସବୁ ଗ୍ରାମର ପଟ୍ଟା 'ଭୂଲେଖ'ରେ ଅପଲୋଡ୍ କରିବା ସହ ଜନସାଧାରଣଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ୪୫ ଦିନରେ ସାରିବାକୁ ନିଷ୍ପତ୍ତି ହୋଇଛି। ବାକି ଗ୍ରାମର ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ୬ ମାସ ମଧ୍ୟରେ ସାରିବା ସହ 'ଭୂଲେଖ'ରେ ଅପଲୋଡ୍ କରିବା ଓ ମ୍ୟାପ୍ ପ୍ରକାଶ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର ସୁଦ୍ଧା ହାଇଟେକ୍ ସର୍ଭେ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ସରି ଜିଲ୍ଲାର ସମସ୍ତ ଗ୍ରାମର ଜମିପଟ୍ଟା ସହ ମ୍ୟାପ୍ ପ୍ରକାଶ ପାଇବ। ଏହାଦ୍ୱାରା ଜିଲ୍ଲାର ଜନସାଧାରଣ ବିଭିନ୍ନ ରାଜସ୍ୱ ସେବା ସହଜରେ ପାଇପାରିବେ। ଏହି ପରିପ୍ରେକ୍ଷୀରେ ବନ୍ଦୋବସ୍ତ ସରିଥିବା ଓ ବକେୟା ଥିବା ସମସ୍ତ ଗ୍ରାମର ସାବକ ଜମି ଓ ହାଲ୍ ଜମିକୁ ପୁନର୍ବାର ଯାଞ୍ଚ କରି ପ୍ରକ୍ରିୟା ସରିଥିବା ଓ ହେବାକୁ ଥିବା ଜମିଜମାର ନିର୍ଭୁଲ ପ୍ରସ୍ତୁତି ସକାଶେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଆରେ ନାମଫଳକ ପାଇଁ ସଚେତନତା ପଦଯାତ୍ରା




**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ)ଃ** ଗତ ୧ରୁ ଆସନ୍ତା 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ରାଜ୍ୟରେ 'ଓଡ଼ିଆ ପକ୍ଷ-୨୦୨୬' ପାଳନ କରାଯାଉଛି। ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ ପାଇଁ ସଚେତନତା ଅଭିଯାନ ଓ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଲୋୟର ପିଏମ୍‌ଜିଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେଇଥିଲେ। ଏହି ସଚେତନତା ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଆଜିଠାରୁ ଆସନ୍ତା ୭ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟାବସାୟିକ ପ୍ରତିଷ୍ଠାନ ପରିଦର୍ଶନ କରିବେ। ଯେଉଁଠି ଓଡ଼ିଆ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇନାହିଁ, ସେଠାରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ ଭାବେ ଓଡ଼ିଆ ନାମଫଳକ ଲେଖିବା ସକାଶେ କୁହାଯିବ। ଭାଷା ଆମର ପରିଚୟ ଓ ଗର୍ବ ହୋଇଥିବାରୁ ପ୍ରତ୍ୟେକ ବ୍ୟାବସାୟିକ ସ୍ଥଳରେ ଏହାର ବ୍ୟବହାର କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ କହିଥିଲେ। ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ନାମଫଳକ ଲେଖିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନରେ କଠୋର ଆର୍ଥିକ ଜରିମାନା ବ୍ୟବସ୍ଥା ରହିଛି।

# ସଂରକ୍ଷଣ ଅଭାବ, ଅତି ଶସ୍ତାରେ ଆଳୁ ବିକ୍ରି



**ଭୁବନେଶ୍ୱର,୪।୪ଃ** ଆବଶ୍ୟକ ସଂଖ୍ୟକ ଶୀତଳ ଭଣ୍ଡାର ନଥିବାରୁ ଚାଷୀମାନେ ବାଧ୍ୟହୋଇ ଉତ୍ପାଦିତ ଆଳୁକୁ ଅତି ଶସ୍ତା ଦରରେ ବ୍ୟବସାୟୀମାନଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁଁ ଆଳୁଚାଷ ପାଇଁ କୃଷକମାନଙ୍କ କମୁଛି ବୋଲି ବିଭିନ୍ନ କୃଷକ ସଂଗଠନର ନେତା ଓ ବହୁ ଅଗ୍ରଣୀ ଚାଷୀ ମତବ୍ୟକ୍ତ କରୁଛନ୍ତି। ଓଡ଼ିଶା ପାଇଁ ବାର୍ଷିକ ପ୍ରାୟ ୧୪ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ରହିଛି। ରାଜ୍ୟରେ ଏବେ ୪ଲକ୍ଷ ମେଟ୍ରିକ ଟନରୁ ଅଧିକ ଆଳୁ ଉତ୍ପାଦିତ ହେଉଛି ବୋଲି କୁହାଯାଉଥିବାବେଳେ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରୁ ଓଡିଶା ବାର୍ଷିକ ପ୍ରାୟ ୧୨ଲକ୍ଷ ମେଟ୍ରିକ ଟନ୍ ଆଳୁ ଆମଦାନୀ କରୁଛି। ଏବେ ଚାଷୀ କିଲୋ ୩ରୁ ୪ ଟଙ୍କାରେ ବେପାରୀଙ୍କୁ ଆଳୁ ବିକି ଲୁହ ବଦଳରେ ରକ୍ତ କାନ୍ଦୁଛି। ଏହାର ପ୍ରମୁଖ କାରଣ ହେଉଛି ଉତ୍ପାଦିତ ହେଉଥିବା ଆଳୁର ସଂରକ୍ଷଣ ଲାଗି ସମ୍ପୃକ୍ତ ଅଞ୍ଚଳରେ ଶୀତଳଭଣ୍ଡାରର ଅଭାବ। ଗତ ସରକାର ସମୟରେ ଅଧିକାଂଶ ଶୀତଳଭଣ୍ଡାର ବନ୍ଦହୋଇ ଯାଇଥିଲା। ବେସରକାରୀ ଉଦ୍ୟମରେ ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ସରକାର ଦୀର୍ଘବର୍ଷ ଧରି ପ୍ରୋତ୍ସାହନ ଘୋଷଣା କରିଆସୁଥିଲେ ମଧ୍ୟ ଚଢ଼ା ବିଦ୍ୟୁତ୍ ଶୁଳ୍କ, ଘନ ଘନ ବିଦ୍ୟୁତ୍ କାଟ୍ ଓ ଅନ୍ୟାନ୍ୟ କାରଣରୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ଉଦ୍ୟୋଗୀମାନେ ବିଶେଷ ଆଗ୍ରହ ପ୍ରଦର୍ଶନ କରୁନାହାନ୍ତି। ଅନ୍ୟ ପକ୍ଷରେ ସମବାୟ ଉଦ୍ୟମରେ ପ୍ରତିଷ୍ଠା ହୋଇଥିବା ଅଧିକାଂଶ ଶୀତଳଭଣ୍ଡାର ପରିଚାଳନାଗତ ଅବ୍ୟବସ୍ଥା ଓ ବିଭିନ୍ନ ବୈଷୟିକ କାରଣରୁ ବନ୍ଦହୋଇ ଯାଉଛି।

ଚାଷୀମାନେ କହୁଛନ୍ତି ଯେ ଉତ୍ପାଦନ ସମୟରେ କିଲୋ ୮ ରୁ ୧୦ ଟଙ୍କା ଦରରେ ବିକିଲେ ସେମାନଙ୍କର କୌଣସି କ୍ଷତି ହେବନାହିଁ। ତେବେ ତୁରନ୍ତ ବିକ୍ରି ନକରି ବିନା ସଂରକ୍ଷଣରେ ଆଳୁ ରଖିନେଲେ ତାହା ପଚିଯାଉଥିବାରୁ ଚାଷୀମାନେ ବ୍ୟବସାୟୀମାନଙ୍କୁ ଯାଚି ଗୁଞ୍ଜି ବାକିରେ ଆଳୁ ଦେବାକୁ ବାଧ୍ୟ ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ବି ବର୍ଷ ବର୍ଷ ଧରି ବକେୟା ପଇସା ମିଳୁନାହିଁ। ଚାଷୀମାନଙ୍କ ଠାରୁ ଆଳୁ କିଣିବାପାଇଁ ଧାନ ଭଳି ସରକାରଙ୍କର ମଣ୍ଡି ନାହିଁ।

ଓଡ଼ିଶାକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ କରିବା ଲାଗି ଗତ ସରକାର ସମୟରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଉଦ୍ୟାନ ମିଶନ ମାଧ୍ୟମରେ ଆଳୁ ମିଶନ ଆରମ୍ଭ ହୋଇଥିଲା। ଏଥିରେ ବିପୁଳ ଅର୍ଥ ସବସିଡ୍ ଓ ପ୍ରୋତ୍ସାହନ ଦେବା ନାମରେ ଖର୍ଚ୍ଚ ହୋଇଥିଲେ ମଧ୍ୟ ବ୍ୟାପକ ଅବ୍ୟବସ୍ଥା ଓ ହେରଫେର ଯୋଗୁଁ ଆଳୁ ଚାଷ ଓ ଉତ୍ପାଦନ ପାଇଁ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ତାହା କାଗଜକଲମରେ ଦର୍ଶାଯାଇଥିଲେ ମଧ୍ୟ ବାସ୍ତବରେ ବିଲରେ ଫଳିନଥିଲା ବୋଲି ଚାଷୀ ନେତାମାନେ କହୁଛନ୍ତି। ଏପରିକି ନଦୀପଠାରେ ଆଳୁଚାଷ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ସରକାର ହାତକୁ ନେଇଥିଲେ। କିନ୍ତୁ ତା' ବି ବ୍ୟର୍ଥ ହୋଇଥିଲା। ପଡ଼ୋଶୀ ପଶ୍ଚିମବଙ୍ଗରେ ସନ୍ତୁଳିତ ଯୋଜନା ଯୋଗୁଁ ଚାଷୀମାନେ ଆଳୁ ଚାଷ କରି ବେଶ୍ ଲାଭବାନ୍ ହେଉଛନ୍ତି। ଉଠା ଜଳସେଚନ ସହ ନିରନ୍ତର ବିଜୁଳି ଯୋଗାଣ ଓ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଯୋଜନାବଦ୍ଧ ପଦକ୍ଷେପ ଯୋଗୁଁ ପଶ୍ଚିମବଙ୍ଗ ଆଳୁ ଉତ୍ପାଦନରେ ବଳକା ରାଜ୍ୟ ହୋଇଛି। ୟୁପି, ପଞ୍ଜାବ, ହରିଆନା ଆଦିରେ ଉନ୍ନତ ଭିତ୍ତିଭୂମି ଯୋଗୁଁ ଭଲ ଆଳୁଚାଷ ହୋଇପାରୁଛି। ଓଡ଼ିଶାର ମାଟି, ପାଣି, ପବନ ଆଳୁ ଚାଷ ପାଇଁ ବେଶ୍ ଅନୁକୂଳ ବୋଲି କୃଷି ବିଜ୍ଞାନୀମାନେ କହି ଆସୁଛନ୍ତି। ୩୦/୪୦ ବର୍ଷ ତଳେ ରାଜ୍ୟର ପ୍ରାୟ ପ୍ରତି ଜିଲ୍ଲାରେ ଚାଷୀ ଆଗ୍ରହର ସହ ଆଳୁ ଚାଷ କରୁଥିଲେ ଓ ସେତେବେଳେ ଯେତେ ସଂଖ୍ୟକ ଶୀତଳଭଣ୍ଡାର ଥିଲା, ସେଥିରେ ଉତ୍ପାଦିତ ଆଳୁର ୫୦ରୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷିତ ରହିପାରୁଥିଲା। କିନ୍ତୁ କ୍ରମଶଃ ଶୀତଳଭଣ୍ଡାରଗୁଡ଼ିକ ଅଚଳ ହୋଇଯିବା ଯୋଗୁଁ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହୋଇ ଚାଷୀ ଆଳୁ ଚାଷ କମାଇବାକୁ ବାଧ୍ୟ ହେଉଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

SANCHAR
ସଂଚାର
୪
ରବିବାର ୫ ଏପ୍ରିଲ ୨୦୨୬, ଭୁବନେଶ୍ୱର
Sunday 5 April 2026, Bhubaneswar

# ମମତାଙ୍କ ଭୋଟ ବ୍ୟାଙ୍କ ଉପରେ ଚାପ

୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ପରିଦୃଶ୍ୟ ବଦଳି ଯାଇଛି। ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ବିଜେପି ମଧ୍ୟରେ ମୁଖ୍ୟ ଲଢ଼େଇ ଥିବା ବେଳେ ହାଇଦରାବାଦ୍ ସାଂସଦ ଆସାଦୁଦ୍ଦିନ୍ ଓୱେସିଙ୍କ ଅଲ୍ ଇଣ୍ଡିଆ ମଜଲିସ୍-



ଏ-ଇତ୍ତେହାଦୁଲ୍ ମୁସଲିମୀନ୍ (ଆଇଏମ୍‌ଆଇଏମ୍) ପ୍ରବେଶ ନୂତନ ମୋଡ଼ ଆଣିଛି। ଓୱେସି ହୁମାୟୁନ୍ କବିରଙ୍କ ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି) ସହ ମେଳନ କରି ମୁର୍ଶିଦାବାଦ୍, ମାଲଦା ଓ ବିର୍ଭୂମ୍ ଭଳି ମୁସଲିମ୍ ସଂଖ୍ୟାଧିକ୍ୟ ଜିଲ୍ଲାରେ ପ୍ରଚାର ଆରମ୍ଭ କରିଛନ୍ତି। ଏପ୍ରିଲ୍ ୧ ତାରିଖରେ ନାଓଡ଼ା ରେଲିରେ ଓୱେସି ସ୍ପଷ୍ଟ କରିଛନ୍ତି–'ମମତା ମୁସଲିମ୍‌ଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିଛନ୍ତି, କିନ୍ତୁ ଉନ୍ନୟନ କିଛି କରିନାହାନ୍ତି'। ଗତ ୫୦ ବର୍ଷ ଧରି କଂଗ୍ରେସ, ବାମ ଫ୍ରଣ୍ଟ ଓ ଟିଏମ୍‌ସିକୁ ଭୋଟ ଦେଇ ଆସିଥିବା ମୁସଲିମ ସମୁଦାୟର ଅର୍ଥନୈତିକ ଓ ଶିକ୍ଷାଗତ ସ୍ଥିତି ଉନ୍ନତ ହୋଇନାହିଁ ବୋଲି ସେ କହିଛନ୍ତି। ଏହି ରଣନୀତି ମମତାଙ୍କ ମୁସଲିମ ଭୋଟ ବ୍ୟାଙ୍କକୁ ସିଧା ଚ୍ୟାଲେଞ୍ଜ କରୁଛି।

ପଶ୍ଚିମବଙ୍ଗରେ ମୁସଲିମ ଜନସଂଖ୍ୟା ପ୍ରାୟ ୨୭ ପ୍ରତିଶତ। ଏହି ଭୋଟ ଟିଏମ୍‌ସିର ମୂଳ ଆଧାର। ୨୦୧୧ ପରେ ମମତା ସରକାର ଏହି ସମର୍ଥନ ଉପରେ ନିର୍ଭର କରି କ୍ଷମତା ଧରି ରଖିଛନ୍ତି। ରାଜ୍ୟର ୧୧୦ରୁ ଅଧିକ ଆସନରେ ମୁସଲିମ ଭୋଟ ନିର୍ଣ୍ଣାୟକ। କିନ୍ତୁ ଓୱେସି-କବିର ମେଳନ ଏହାକୁ ବିଭକ୍ତ କରିବାର ସମ୍ଭାବନା ସୃଷ୍ଟି କରିଛି। ଆଇଏମ୍‌ଆଇଏମ୍ ପ୍ରଥମ ପ୍ରାର୍ଥୀ ତାଲିକାରେ ୧୨ ଜଣଙ୍କ ନାମ ଘୋଷଣା କରିଛି – ମୁର୍ଶିଦାବାଦ୍, ମାଲଦା ଓ ଉତ୍ତର ୨୪ ପରଗଣାର ମୁସଲିମ ପ୍ରଧାନ ଆସନ ଲକ୍ଷ୍ୟ କରି। ଓୱେସି କହୁଛନ୍ତି, ଏଥରେ ଆପଣମାନେ ନିଜ ଭାଇ କବିର ଓ ଆଇଏମ୍‌ଆଇଏମ୍ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ଟିଏମ୍‌ସି ଓ ବିଜେପିର ହାତମିଳନ ଉନ୍ମୋଚନ କରି ମୁସଲିମ ଭୋଟ ଏକତ୍ରିତ କରନ୍ତୁ। ଏହା କେବଳ ଭୋଟ ବିଭାଗ ନୁହେଁ, ମୁସଲିମ୍ ସମୁଦାୟର ରାଜନୈତିକ ନେତୃତ୍ୱ ସୃଷ୍ଟି କରିବାର ଦାବି।

ଏହି ପ୍ରଭାବର ପ୍ରଥମ ପରିଣାମ ହେଉଛି ଟିଏମ୍‌ସିର ଅସ୍ଥିରତା। ମମତାଙ୍କ ସରକାର ମୁସଲିମ ଯୁବକଙ୍କ ନିଯୁକ୍ତି, ଶିକ୍ଷା ଓ ଆର୍ଥିକ ଉନ୍ନୟନରେ ଯଥେଷ୍ଟ କାର୍ଯ୍ୟ କରିନାହିଁ ବୋଲି ଓୱେସିଙ୍କ ଅଭିଯୋଗ ମୁସଲିମ ଭୋଟରଙ୍କ ମନରେ ପ୍ରଶ୍ନ ଉଠାଉଛି। ଯଦି ଏହି ଭୋଟ ବିଭକ୍ତ ହୁଏ, ଟିଏମ୍‌ସିର ବିଜୟ ସମ୍ଭାବନା କମିଯିବ। ବିଜେପି ଏହାର ଲାଭ ଉଠାଇପାରେ, କାରଣ ମୁସଲିମ୍ ଭୋଟ ବିଭାଗ ପରେ ହିନ୍ଦୁ ଭୋଟ ବିଜେପି ପାଖକୁ ଯାଇପାରେ। ତେବେ ଓୱେସି ଏହାକୁ ଅସ୍ୱୀକାର କରି କହୁଛନ୍ତି ଯେ ଏହା ମୁସଲିମ୍‌ଙ୍କୁ ଉଭୟ ମମତା ଓ ମୋଦିଙ୍କ "ଭୟରୁ ମୁକ୍ତି" ଦେବ। ଏହି ରଣନୀତି ଧର୍ମୀୟ ପରିଚୟ ରାଜନୀତିକୁ ବଢ଼ାଇବାର ଆଶଙ୍କା ସୃଷ୍ଟି କରୁଛି। ପଶ୍ଚିମବଙ୍ଗର ସେକ୍ୟୁଲାର ପରମ୍ପରା ଉପରେ ପ୍ରଶ୍ନ ଉଠିପାରେ।

ତଥାପି ଏହା ଏକ ସତ୍ୟ ଯେ ଭୋଟ ବ୍ୟାଙ୍କ ରାଜନୀତି ଦୀର୍ଘକାଳ ଚାଲିନପାରେ। ମୁସଲିମ ସମୁଦାୟ ଯଦି ପ୍ରକୃତ ନେତୃତ୍ୱ ଓ ଉନ୍ନୟନ ଚାହୁଁଛନ୍ତି, ତେବେ ଓୱେସିଙ୍କ ପ୍ରୟାସ ସେମାନଙ୍କୁ ନୂତନ ବିକଳ୍ପ ଦେଉଛି। କିନ୍ତୁ ଏହା ସମଗ୍ର ବିରୋଧୀ ଭୋଟ ବିଭକ୍ତ କରି ବିଜେପିକୁ ସୁବିଧା ଦେଇପାରେ ବୋଲି ବିଶ୍ଳେଷକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଏପ୍ରିଲ୍ ୨୩ ଓ ୨୯ ତାରିଖରେ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନର ଫଳ ଏହି ପ୍ରଭାବ ସ୍ପଷ୍ଟ କରିବ। ଯଦି ଆଇଏମ୍‌ଆଇଏମ୍-ଏଜେୟୁପି କିଛି ଆସନରେ ଜୟ ପାଏ, ତେବେ ମମତାଙ୍କ ସରକାର ଗଠନ କଠିନ ହେବ। ଅନ୍ୟଥା ଏହା ଏକ ସାଂକେତିକ ଚେତାବନୀ ହେବ – ଭୋଟ୍ ବ୍ୟାଙ୍କ୍ ରାଜନୀତି ଛାଡ଼ି ପ୍ରକୃତ ଉନ୍ନୟନ ଉପରେ ଧ୍ୟାନ ଦିଅନ୍ତୁ।

ଶେଷରେ, ଓୱେସିଙ୍କ ଏହି ଚାଲ ପଶ୍ଚିମବଙ୍ଗର ରାଜନୀତିକୁ ଧ୍ରୁବୀକୃତ କରିବାର ଆଶଙ୍କା ଥିଲେ ମଧ ଏହା ଏକ ପ୍ରଶ୍ନ ଉଠାଉଛି: ମୁସଲିମ୍ ସମୁଦାୟ କେବଳ ଭୋଟ ଦେବା ନୁହେଁ, ନିଜର ପ୍ରତିନିଧିତ୍ୱ ଚାହୁଁଛି। ମମତାଙ୍କ ପାଇଁ ଏହା ଏକ ବଡ଼ ପରୀକ୍ଷା। ନିର୍ବାଚନ ପରେ ଯେଉଁ ଫଳ ଆସୁ, ରାଜନୈତିକ ଦଳଗୁଡ଼ିକ ଧର୍ମୀୟ ଭୋଟ ବ୍ୟାଙ୍କ ଛାଡ଼ି ସମସ୍ତ ନାଗରିକଙ୍କ ଉନ୍ନୟନ ପାଇଁ କାର୍ଯ୍ୟ କରିବା ଉଚିତ। ନହେଲେ ଏହି ପ୍ରକାର ଚ୍ୟାଲେଞ୍ଜ

# ତୁଣ୍ଡ ଖୋଲିଲେ ମୁଣ୍ଡ ଯିବ



ଡ଼ ସୀତାକାନ୍ତ ତ୍ରିପାଠୀ

ଶାସ୍ତ୍ର-ପୁରାଣ ଗୁଡ଼ିକୁ ସତ ସାଥିକରି ତୁଣ୍ଡ ଖୋଲିବା ପାଇଁ ପରାମର୍ଶ ଦେଇଥାଏ। କିନ୍ତୁ ସବୁବେଳେ କାନ ପାଇଁ ଯାହା ସତ ତାହା ଆଖି ପାଇଁ ହୋଇନଥାଏ କିମ୍ବା ଆଖି ପାଇଁ ଯାହା ସତ ତାହା କାନ ପାଇଁ ସତ ହୋଇନଥାଏ। ବେଳେବେଳେ ଉଭୟ ଆଖି ଏବଂ କାନ ପାଇଁ ଯାହା ସତ ତାହାକୁ ତୁଣ୍ଡରେ ତାହାକୁ ପ୍ରକାଶ କରି ହୁଏନାହିଁ। ଏସବୁ କ୍ଷେତ୍ରରେ କେବଳ ମଣିଷର ଭୟ କିମ୍ବା ଆଶଙ୍କା କଥାକୁ ଆମେ ଦୋଷ ଦେଇ ପାରିବା ନାହିଁ ବରଂ ଦାୟିତ୍ୱ, କର୍ତ୍ତବ୍ୟ, ସର୍ବୋପରି ଆଶା ଆକାଂକ୍ଷାର ମହାମିଳନକଥା ଚିନ୍ତା କରିବା ଉଚିତ ହେବ। ତେଣୁ ସତ କହିବା ପାଇଁ ତୁଣ୍ଡ ଖୋଲିବା ପ୍ରାସଙ୍ଗିକତା ପ୍ରଶ୍ନବାଚୀ ଘେରରେ ରହିଛି। ଜଣେ ପୁଅ ତା ବାପାକୁ ବିଷ ଦେଇ ମାରିଦେବା କଥା ଖବର ପ୍ରକାଶ ପାଇଲା ଯାହାକୁ ମା', ଭାଇ, ଭଉଣୀ, ପ୍ରତିବେଶୀ, ବନ୍ଧୁ-ବାନ୍ଧବ କେହି ସତ କଥା ବୋଲି କହିବା ଦୂରର ଥାଉ ଚିନ୍ତା କିମ୍ବା ବିଶ୍ୱାସ କରିନଥିଲେ। ପିତୃଭକ୍ତ କୁନାଳ ବୋଲି ଆଖ୍ୟ ପାଇଥିବା ପୁଅ କ'ଣ ଶେଷରେ ନିଜର ବାପାଙ୍କୁ ମାରି ପାରିବ! ଅବଶ୍ୟ କିଛି ଲୋକ କହିଲେ ଧନ, ସମ୍ପତ୍ତି ଲୋଭ ହେଉ ବା ନିଜ କୁକର୍ମ ଗୁଡ଼ିକୁ ବାପାଙ୍କ ଆଖିରୁ ଲୁଚାଇବା ପାଇଁ ହେଉ ସିଏ ବାପାଙ୍କୁ ମାରି ଦେଇଥିବ। ସଂସାରରେ ଅସମ୍ଭବ କ'ଣ ! ଏସବୁ ବ୍ୟଥାକୁ ସହ୍ୟ କରି ଶେଷରେ ପୁଅଟିକୁ ଆଇନ୍‌ର କାଠଗଡ଼ାକୁ ସାମ୍ନା କରିବାକୁ ପଡ଼ିଲା। ସିଏ ତା'ର ତୁଣ୍ଡ ଖୋଲି କହିବା ଆରମ୍ଭ କଲା। ବାପା ଆଉ ମୁଁ ସାଙ୍ଗ ହୋଇ ସୈନ୍ୟବାହିନୀରେ ସରକାରୀ ବାସଗୃହରେ ରହୁଥିଲୁ। ଦିନେ ଆମକୁ ଉଗ୍ରବାଦୀମାନେ କାବୁ କରିବା ଦେଖି ମୁଁ ଭାବିଲି ମୋ ବାପା ଉଗ୍ରବାଦୀଙ୍କ ହାତରେ କଲବଲ ହେବେ କାହିଁକି ବା ତାଙ୍କୁ ବନ୍ଧକ ରଖି ସରକାରଙ୍କ ସହିତ ମୂଲଚାଲ ହେବ କାହିଁକି ଏକଥା ଭାବି ପାଖରେ ଥିବା ସିଆନାଇଡ ବାପାଙ୍କ ପାଟିରେ ପୁରାଇଦେଇ ନିଜେ ସେମାନଙ୍କ ହାତରେ ମରୁ ମରୁ କୌଣସି ମତେ ବଞ୍ଚି ଯାଇଛି। ଏହା ଏକ ଗପ ହୋଇପାରେ କିନ୍ତୁ କାନ ଓ ଆଖି ମଧ୍ୟରେ ଥିବା ସତକଥାର ଫରକ ର ଜ୍ୱଳନ୍ତ ଉଦାହରଣ। ତୁଣ୍ଡ ଖୋଲିବା ପରେ ବିଚାରପତି ତାଙ୍କର ମୁଣ୍ଡ କାଟ ନକରି ପୁଅ ଜଣକ ଉପରେ ପ୍ରଶଂସା ଅଜାଡି ଦେଲେ। ତେଣୁ ତୁଣ୍ଡ ଖୋଲିଲେ ମୁଣ୍ଡ ଯିବ ବୋଲି ଯେଉଁ କଥା ଅଛି ତାହା ସତ୍ୟତା ପ୍ରତି ଏହା ଏକ ପ୍ରଶ୍ନବାଚୀ ନୁହେଁ କି ?

କଥିତ ଅଛି ମହାଭାରତ ଯୁଦ୍ଧ ସରିଲା ପରେ ସମସ୍ତ ଯୋଦ୍ଧା ନିଜ ନିଜର ବହାଦୁରୀ ନିଜ ତୁଣ୍ଡରେ ବଖାଣୁ ଥାଆନ୍ତି। ଜଣେ ଯୋଦ୍ଧା ଆରଜଣକୁ ଟପିବା ପାଇଁ ପ୍ରୟାସ କରୁଥାଆନ୍ତି। ପାଣ୍ଡବ ପାଞ୍ଚଭାଇ ମଧ୍ୟ ଏଥିରୁ ବାଦ୍‌ଯିବେ କିପରି ? ସେମାନଙ୍କ ମଧ୍ୟରେ ବାକ୍ ବିତଣ୍ଡା ସମସ୍ତେ ମହାଭାରତ ଯୁଦ୍ଧରେ ଜିତିବାର ଶ୍ରେୟ ନେବାପାଇଁ ବ୍ୟସ୍ତ। ଶେଷରେ ଏହି କଥାଟି ସଖା ଶ୍ରୀକୃଷ୍ଣଙ୍କ କାନକୁ ଗଲା। ସିଏ କହିଲେ ମୁଁ ଏହାର ବିଚାର କରିପାରିବି ନାହିଁ। ମହାଭାରତ ଯୁଦ୍ଧର ମୁକସାକ୍ଷୀ ଥିବା ବେଲାଳସେନଙ୍କ ପାଖକୁ ଯାଅ ସିଏ ହିଁ ସବୁ ଜାଣିଛି। ବିଧିର ବିଧାନ କିନ୍ତୁ କିଛି ଅଲଗା ଥିଲା। ବେଲାଳସେନ ତୁଣ୍ଡରୁ ବାହାରିଲା ମୁଁ କେବଳ ଗୋଟିଏ କଥା ଦେଖିଛି 'କେଉଁଠୁ ଗୋଟିଏ ଚକ୍ର ଆସେ ସିଏ ଯୋଦ୍ଧାମାନଙ୍କୁ ମାରି ପକାଏ'। ଭୀମ ଭାବିଲେ ମୋର ପୁଅ ହୋଇ ମୋ କଥା ଏବଂ ବାହାଦୁରି କିଛି ନ କହି ସିଏ ଶ୍ରୀକୃଷ୍ଣଙ୍କ କଥା କହୁଛି। ଏହା ଭାବି ରାଗରେ ବେଲାଳସେନକୁ ନିଜ ଗଦାରେ ପିଟିଦେବା ଫଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ତେଣୁ ଏହି ତୁଣ୍ଡ ଖୋଲିବା ହିଁ ତାଙ୍କ ମୁଣ୍ଡ ଗଡ଼ିବାର କାରଣ ବୋଲି ସାଧାରଣରେ ବିଶ୍ୱାସ। ତେବେ ତୁଣ୍ଡରୁ ବାହାରୁଥିବା କଥାର ସତ୍ୟତା ଏବଂ ଶୁଣୁଥିବା ଲୋକର ନୀତି, ଆଦର୍ଶ ଏବଂ ଚିନ୍ତାଧାରା ଉପରେ ଏହା କାହାର ମୁଣ୍ଡ ନେବ କିମ୍ବା ନ ନେବ ତାହା ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ।

ଆଖ୍ୟାୟିକା ଅନୁଯାୟୀ କୋଣାର୍କ ମନ୍ଦିର ନିର୍ମାଣର ଶେଷ ପର୍ଯ୍ୟାୟରେ ମନ୍ଦିରର ମୁଣ୍ଡି ମରି ପାରୁନଥିଲା। ୧୨ ଶହ ବଢ଼େଇଙ୍କ ମୁଣ୍ଡ କାଟ ହେବାର ଚିନ୍ତାରେ ସମସ୍ତ ଶିଳ୍ପୀ ମ୍ରିୟମାଣ ଥିଲେ। ୧୨ ବର୍ଷର ପୁଅ ଧରମା ଶେଷରେ ମୁଣ୍ଡି ମାରିଦେଲା। ହେଲେ ସମସ୍ତ ଶିଳ୍ପୀ ଆଶ୍ଚର୍ଯ୍ୟ ଚକିତ ଆଉ ଦୁଃଖୀ। ତୁଣ୍ଡ ବାଇଦ ସହସ୍ର କୋଶ ନ୍ୟାୟରେ ଏକଥା ଶୁଣି ଯଦି ରାଜା ରାଗିବେ ଆଉ କହିବେ ଜଣେ ଛୋଟ ପିଲା ଯାହା କରି ଦେଖାଇ ପାରିଲା ତୁମେମାନେ କିଛି କରିପାରିଲ ନାହିଁ ପୁଣି ସେଇ ମୁଣ୍ଡ କାଟ ହିଁ ସାର ହେବ। ଯାହାକୁ ଶୁଣି ଧରମା ମନ୍ଦିର ଉପରୁ ସମୁଦ୍ରକୁ ଲମ୍ଫ ପ୍ରଦାନ କରିଥିଲେ। ଏହା ଆମ ତୁଣ୍ଡକୁ ଆଧାର କରି ମୁଣ୍ଡ ଗଡ଼ିବାର ଏକ ବଳିଷ୍ଠ ଉଦାହରଣ। କାହାର ତୁଣ୍ଡରୁ ବାହାରୁଥିବା କଥାର ସତ୍ୟତା ଉପରେ ଯେ ସବୁବେଳେ ମୁଣ୍ଡ ରହିବ କି ଗଡ଼ିବ ତାହା ବିଚାର କରିବା ବୋକାମୀ। କାରଣ ସତ୍ୟକୁ ସାମ୍ନା କରିବା ପାଇଁ ସତ୍‌ସାହସର ଅଭାବରୁ ସତ୍ୟକୁ ଶୁଣୁଥିବା ଲୋକ କହୁଥିବା ଲେକାକୁ ମାରିବା ପାଇଁ ପଛାଏ ନାହିଁ। କାରଣ ଏଠାରେ ଉଭୟ ସ୍ୱାର୍ଥ ଓ ସମ୍ମାନର ପ୍ରଶ୍ନବାଚୀ ଥାଏ। ଗ୍ରୀସ୍‌ର ବିଶିଷ୍ଟ ଚିନ୍ତାନାୟକ ସକ୍ରେଟିସ୍‌ଙ୍କ ତୁଣ୍ଡରୁ ବାହାରିଥିବା କଥା ସେତେବେଳର ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥିଲା। ଯାହାକୁ ତତ୍‌କାଳୀନ ଧାର୍ମିକ ଗୁରୁ ଏବଂ ରାଜନୈତିକ ବ୍ୟକ୍ତିବିଶେଷମାନେ ସହଜରେ ଗ୍ରହଣ କରିପାରି ନଥିଲେ ଏବଂ ଏସବୁ କଥାକୁ ସକ୍ରେଟିସ୍ ଫେରାଇନେବା ଏବଂ ମିଥ୍ୟା ବୋଲି ଅଭିହିତ କରିବା ପାଇଁ ଚାପ ପ୍ରୟୋଗ କରି ଆସୁଥିଲେ। କିନ୍ତୁ ସ୍ୱାଭିମାନୀ ଏବଂ ସତ୍ୟାନୁରାଗୀ ସକ୍ରେଟିସ୍ ଏହାକୁ ଅଗ୍ରାହ୍ୟ କରିଦେବା ଫଳରେ ଶେଷରେ ତାଙ୍କୁ ବିଷ ପିଇ ମୃତ୍ୟୁବରଣ କରିବାକୁ ପଡ଼ିଥିଲା। ତେଣୁ ତୁଣ୍ଡ ଖୋଲିଲେ ମୁଣ୍ଡ ଗଡ଼ିବାର (ଏହା ମୃତ୍ୟୁ କିମ୍ବା ପଦପଦବୀ ହରାଇବା କିମ୍ବା କାରାବରଣ ହୋଇପାରେ) ଅନେକ ଉଦାହରଣ ରହି ଆସିଛି। ତା'ମାନେ ନୁହେଁ ନିଜ ମୁଣ୍ଡ ବଞ୍ଚାଇବା ପାଇଁ ତୁଣ୍ଡ ଉପରେ ଲଗାମ ଲଗାଇବା ବରଂ ସତ୍ୟାଶ୍ରୟୀ ହୋଇ ତୁଣ୍ଡର ସଫଳ ପ୍ରୟୋଗ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖାଯାଉଛି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସେମାନଙ୍କ ହାଇକମାଣ୍ଡଙ୍କ ବିରୁଦ୍ଧରେ ତୁଣ୍ଡ ଖୋଲି ଦଳରୁ ନିଲମ୍ବିତ କିମ୍ବା ବହିଷ୍କୃତ ହେଉଛନ୍ତି। ଏଥିପାଇଁ ପରାମର୍ଶଦାତାମାନେ ତୁଣ୍ଡରେ ତୁଣ୍ଡି ଦେବାକୁ କହିଥାଆନ୍ତି। ତାହା କ'ଣ ସତରେ ସମ୍ଭବ ! ବରଂ କେତେବେଳେ, କେମିତି ଏବଂ କେଉଁ କ୍ଷେତ୍ରରେ ତୁଣ୍ଡି ଦେଲେ ମୁଣ୍ଡ ରହିଯିବ ତାହା ବିଚାର କରିବା ଜରୁରୀ। ଅବଶ୍ୟ ଏସବୁ କଥା କହିବା ସହଜ କିନ୍ତୁ କାମରେ କରି ଦେଖାଇବା କଷ୍ଟକର ବ୍ୟାପାର।

**ଅର୍ଣ୍ଣପାଳ, ଭଦ୍ରକ**
**ମୋବାଇଲ୍:୯୭୭୮୭୬୪୩୯୪**

# ଆମ ପୋଷାକ ସମୃଦ୍ଧ ସଂସ୍କୃତିର ପରିଚୟ



କିଶୋର ଚନ୍ଦ୍ର ବେହେରା

ଓଡ଼ିଆ ଘରର ଗାଥା-ଗୌରବ, ଚାଲିଚଳଣି, ଖାଦ୍ୟପାନୀୟ, ପୋଷାକପରିଧାନ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ 'ଓଡ଼ିଆ ପକ୍ଷ'। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ପୋଷାକକୁ ନେଇ ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ପୁରୁଷଙ୍କର ଧୋତି, ଗାମୁଛା ଏବଂ ମହିଳାଙ୍କର ଶାଢ଼ି। ଖୋର୍ଦ୍ଧାର ଗାମୁଛା, ବୋମକାଇ ପାଟ। କୋଟପାଡ଼ର ପାଟ, ସମ୍ବଲପୁରର ସମ୍ବଲପୁରୀ ଶାଢ଼ି ଓ ପାଟ ଶାଢ଼ିର ସ୍ୱତନ୍ତ୍ର ସ୍ଥାନ ରହିଛି। ସେହିପରି ମାଣିଆବନ୍ଧ ଶାଢ଼ି ବି ନିଜର ପରିଚୟ ବଜାୟ ରଖିଛି। ସେହିପରି ଓଡ଼ିଶାର ଆଦିବାସୀମାନେ ମଧ୍ୟ ନିଜ ନିଜର ସ୍ୱତନ୍ତ୍ର ବେଶଭୂଷା ରଖନ୍ତି। ରଜ ସଂକ୍ରାନ୍ତି, ପ୍ରଥମାଷ୍ଟମୀ, ନୂଆଁଖାଇ, ଦଶହରା ସମୟରେ ଓଡ଼ିଆ ପରିବାରରେ ଏହିସବୁ ପାରମ୍ପରିକ ପୋଷାକ ପିନ୍ଧା ଯାଇଥାଏ। ପାରମ୍ପରିକ ପୋଷାକ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିଥିବାବେଳେ, ଆଧୁନିକ ପୋଷାକ ଆରାମ ଏବଂ ଶୈଳୀକୁ ଗୁରୁତ୍ୱ ଦେଇଥାଏ। ପାରମ୍ପରିକ ପୋଷାକ ସ୍ୱତନ୍ତ୍ର ପର୍ବପର୍ବାଣୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିନ୍ଧାଯାଉଥିବାବେଳେ, ଆଧୁନିକ ପୋଷାକ ଦୈନନ୍ଦିନ ବ୍ୟବହାର ଓ କାର୍ଯ୍ୟକ୍ଷେତ୍ର ପାଇଁ ଉପଯୁକ୍ତ। ଉଭୟର ନିଜସ୍ୱ ମହତ୍ୱ ରହିଛି, ଯାହା ମାନସିକତା ଓ ସୁବିଧା ଅନୁଯାୟୀ ବଛାଯାଏ। ଭାରତୀୟ ସମ୍ଭ୍ରାନ୍ତପଣର ପ୍ରତୀକ ଖଦି। ସ୍ୱଦେଶୀ, ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ବନର ପ୍ରେରଣା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଏହା କେବଳ ଏକ ବସ୍ତ୍ର ନ ଥିଲା, ବରଂ ଥିଲା ଅହିଂସା ଆନ୍ଦୋଳନର ଏକ ଅସ୍ତ୍ର। ସ୍ୱାଧୀନତା ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଖଦିବସ୍ତ୍ରକୁ ଗାନ୍ଧିଜୀ ବ୍ୟବହାର କରିଥିଲେ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଆୟୁଧ ଭାବରେ। ସ୍ୱାଧୀନତା ସଂଗ୍ରାମକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦିବସ୍ତ୍ର ପରିଧାନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, "ଚୁଲି ପରି ଚରଖା ସର୍ବବ୍ୟାପୀ ହେବା ଦରକାର। ତା' ନ ହେଲେ ସହଜରେ ସ୍ୱରାଜ ମିଳିବ ନାହିଁ କି ସୁଧୁରିପାରିବ ନାହିଁ ଦେଶର ଅର୍ଥନୀତି।" ଗାନ୍ଧିଜୀଙ୍କ ଦୃଷ୍ଟିରେ ଖଦି ବସ୍ତ୍ର କେବଳ ଏକ ରାଜନୈତିକ ଅସ୍ତ୍ର ନ ଥିଲା, ଅଧିକନ୍ତୁ ଏହା ଥିଲା ଏକ ସାଂସ୍କୃତିକ ବିଚାର ଓ ସ୍ୱାବଲମ୍ବନର ସୂତ୍ର। ଗାନ୍ଧିଜୀ ଜାଣିଥିଲେ ଖଦିବସ୍ତ୍ରର ପ୍ରସାର ବା ଚରଖା ଆନ୍ଦୋଳନର ମୂଳଭିତ୍ତି ହେଉଛି କପାଚାଷ। ଭାରତର ମୃତ୍ତିକା କପାଚାଷ ପାଇଁ ଅନୁକୂଳ।

ଭାରତୀୟ ମହିଳାଙ୍କର ଏକ ପାରମ୍ପରିକ ପୋଷାକ ହେଉଛି ଶାଢ଼ି। ଶାଢ଼ି ଯେତିକି ଆରାମଦାୟକ ସେତିକି ଆକର୍ଷକ। କପଡ଼ା ଓ ବୟନ ଶିଳ୍ପରେ ଓଡ଼ିଶାର ଏକ ସମୃଦ୍ଧ ଐତିହ୍ୟ ରହିଛି। ଏପରିକି ଏହା ଓଡ଼ିଶାର ଏକ ପ୍ରମୁଖ ଉଦ୍ୟୋଗ, ଯାହା ଲକ୍ଷାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଉଛି। ରାଜ୍ୟରେ ବୟନ ଶିଳ୍ପର ସ୍ୱଦେଶୀ ଶୈଳୀ ପୁରୁଣା ଧାର୍ମିକ ଗ୍ରନ୍ଥରୁ ଅନୁପ୍ରାଣିତ ହୋଇଛି। ଅନ୍ୟ ରାଜ୍ୟର ବିପରୀତ ଓଡ଼ିଶାର ଶାଢ଼ି ଅଧିକାଂଶ ହିନ୍ଦୁ ଧାର୍ମିକ ଗ୍ରନ୍ଥରୁ ପ୍ରେରଣା ପାଇଛି। ବିଶେଷକରି ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଜଡ଼ିତ କଥାବସ୍ତୁକୁ କେନ୍ଦ୍ର କରି ବୁଣାକାରମାନେ ଶାଢ଼ି ବୁଣୁଥିବା ଦେଖିବାକୁ ମିଳିଥାଏ। ଜଗନ୍ନାଥ ସଂସ୍କୃତିରୁ ପ୍ରେରିତ ହୋଇ ଅଧିକାଂଶ ଶାଢ଼ିର ପାଢ଼ିରେ ଜଗନ୍ନାଥଙ୍କ ଶ୍ରୀମନ୍ଦିର, ଧାର୍ମିକ ଡିଜାଇନ ଓ ପାରମ୍ପରିକ ରଙ୍ଗ ଦେଖିବାକୁ ମିଳିଥାଏ। ଓଡ଼ିଶା ଏହାର ସିଲ୍କ ଓ କଟନ୍ ପାଇଁ ବେଶ୍ ଜଣାଶୁଣା। ଭିନ୍ନ ଭିନ୍ନ ପ୍ରକାରର ଟସର ସିଲ୍କ ଓ କଟନ ଏହା ଉତ୍ପାଦନ କରୁଛି। ଇକତ ରଙ୍ଗ ଓ ବୁଣାର ନିଜସ୍ୱ ଶୈଳୀ ପାଇଁ ଏହି ରାଜ୍ୟ ଅଧିକ ଜଣାଶୁଣା। ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଶାଢ଼ି ମଧ୍ୟରେ ସମ୍ବଲପୁରୀ ଶାଢ଼ି ଅନ୍ୟତମ। ଏହି ସମ୍ବଲପୁରୀ ଶାଢ଼ି ଉପରେ ସାଧାରଣତଃ ପକ୍ଷୀ, ପଶୁ, ରୁଦ୍ରାକ୍ଷ ମାଳା, ଜ୍ୟାମେଟ୍ରିକ୍ ଡିଜାଇନ୍, ପଶା, ମନ୍ଦିରର ଶିଖର, ଫୁଲ ଆଦି କାରୁକାର୍ଯ୍ୟ କରାଯାଇଥାଏ। ଏହି ଶାଢ଼ି ପ୍ରତ୍ୟେକ ଦିନ ଜଗନ୍ନାଥଙ୍କ ମନ୍ଦିରରେ ଠାକୁରଙ୍କୁ ସଜାଯାଉଛି। ବୋମକାଇ ଶାଢ଼ି ପିନ୍ଧିବାକୁ ବେଶ୍ ଆରମଦାୟକ। ସାଧାରଣତଃ ନରମ ରେଶମ ବୁଣାଯାଇଥିବା ଏହି ବୋମକାଇ ଶାଢ଼ିର ପଣତ ଓ ପାଢ଼ିରେ ରେଶମ ବା ସିଲ୍କ ସୁତାରେ ଏମ୍ବ୍ରୋଡରୀ ଓ ଇକତ ବୟନ କଳାର ସଂଯୋଜନା ଦେଖିବାକୁ ମିଳିଥାଏ। କୋରାପୁଟ ଜିଲ୍ଲାର କୋଟପାଡ଼ ସୁତା ଶାଢ଼ିର ବର୍ଡର ବହୁତ ଟାଣ। ଏହାକୁ ଅର୍ଗାନିକ ଭାବରେ ରଙ୍ଗ କରାଯାଇଥାଏ। ଏହା କପଡ଼ାକୁ ଏକ ସୁନ୍ଦର ଓ ସମୃଦ୍ଧି ଅନୁଭବ ଦେଇଥାଏ। ଏହାର ତିଆରି କରିବା ପ୍ରକ୍ରିୟାରେ ବହୁତ ସମୟ ଲାଗିଥାଏ। ସୁନ୍ଦର ରଙ୍ଗ ଓ ପରିବେଶ ଅନୁକୂଳ ପାଇଁ ଏହି ଶାଢ଼ି କିଣିବାକୁ ଗ୍ରାହକ ଖୁବ ପସନ୍ଦ କରିଥାନ୍ତି। କୋରାପୁଟସ୍ଥିତ କୋଟପାଡ଼ର ମିର୍ଗାନ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ଏହି ଶାଢ଼ି ତିଆରି କରାଯାଉଛି। ବିଭିନ୍ନ ଗଛର ବକଳା, ହରିଡ଼ା, ପରିବା ଆଦିରୁ ରଙ୍ଗ ତିଆରି କରାଯାଇ ସୂତାରେ ଦିଆଯାଏ। ଗୋଟିଏ ଗୋଟିଏ ଶାଢ଼ି ତିଆରି କରିବା ପାଇଁ ୧୫ ଦିନରୁ ମାସେ ସମୟ ଲାଗିଯାଏ। କୋଟପାଡ଼ ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍ ଓଡ଼ିଶାର ପ୍ରଥମ ଜିନିଷ, ଯାହା ୨୦୦୫ରେ ଜିଓଗ୍ରାଫିକାଲ ଇଣ୍ଡିକେସନ ଅଫ ଇଣ୍ଡିଆ ଟ୍ୟାଗ୍ ବା ଜିଆଇ ଟ୍ୟାଗ ପାଇଥିଲା। ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାସ୍ଥିତ ବୋଲଗଡ଼ର ଧଳାପଥର ଗାଁର ବୁଣାକାରମାନେ ଧଳାପଥର ଶାଢ଼ି ବୁଣିଥାନ୍ତି। ବିଶେଷକରି ରଙ୍ଗାନୀ ସମ୍ପ୍ରଦାୟର ବୁଣାକାରମାନେ ଧଳାପଥର ଶାଢ଼ି ବୁଣୁଥିବା ଦେଖିବାକୁ ମିଳିଥାଏ। ଏହି ଶାଢ଼ିକୁ




କୁସୁମୀ କାପ୍ତା, କଙ୍କଣ ପେଡ଼ି, ମୁକ୍ତାପୁଞ୍ଜି, ନହାତି ଓ ଅକାତା ଶାଢ଼ି ଭାବେ ମଧ୍ୟ ଜଣାଶୁଣା। ବରଗଡ଼ରେ ବୁଣାଯାଉଥିବା ଶକ୍ତପାର ବା ପଶାପାଲି ଶାଢ଼ି ହେଉଛି ଏକ ଇକତ ଶାଢ଼ି। ଏହି ଶାଢ଼ିର ଡିଜାଇନ ଚେକବୋର୍ଡ ବା ପଶାପାଲିରୁ ଅନୁପ୍ରାଣିତ ହୋଇଛି। ଡବଲ ଇକତରେ ଏହି ଶାଢ଼ି ବୁଣାଯାଏ। ପଶାପାଲି ଶାଢ଼ିର ରଙ୍ଗ ଉଜ୍ୱଳ ଓ ଭାଇବ୍ରାଣ୍ଟ ରଖାଯାଏ। ଏହି ଶାଢ଼ି ପଶ୍ଚିମ ଓଡ଼ିଶାର ସୋନପୁର, ବରପାଲି, ବାଉଁସରର ବୁଣାକାରମାନେ ବୁଣିଥାନ୍ତି। ସାଧାରଣତଃ ଏହି ଶାଢ଼ି ରେଶମ, ସୂତା, ଟସର, ରେଶମ ଓ ଟସରର ମିଶ୍ରଣରେ ବୁଣାଯାଏ। କେତେକ ପଶାପାଲି ଶାଢ଼ିର ପଣତକୁ ସୁନେଲୀ ରଙ୍ଗର ସୂତାରେ ବୁଣାଯାଏ। ଶାଢ଼ିର ବର୍ଡରକୁ ବି ଖୁବ ସୁନ୍ଦର ଭାବେ ତିଆରି କରାଯାଏ। କଟକର ନୂଆପାଟଣାରେ ବୁଣାଯାଉଥିବା ଖଣ୍ଡୁଆ ଶାଢ଼ି ଓଡ଼ିଶାର ଗର୍ବ ବୋଲି କୁହାଯାଏ। ଏହା ସାଧାରଣତଃ ନରମ ସିଲ୍କ କିମ୍ବା ମାଲଦା ସିଲ୍କ ସୂତାରେ ବୁଣାଯାଏ। ଏହି ଶାଢ଼ି ତିଆରି କରିବା ପ୍ରକ୍ରିୟା ଖୁବ ଜଟିଳ। ଶାଢ଼ିର ବର୍ଡରରେ ସାଧାରଣ ଟେମ୍ପଲ ଇକତ ଡିଜାଇନ୍ ଥିବାବେଳେ ପଣତରେ ନିଖୁଣ କାମ ହୋଇଥାଏ। ତେଣୁ ଏହି ଶାଢ଼ି ବୁଣିବାକୁ ବେଶୀ ସମୟ ଲାଗିଥାଏ। ବିବାହ ଋତୁ ଓ ଅନ୍ୟାନ୍ୟ ପର୍ବପର୍ବାଣୀ ସମୟରେ ଓଡ଼ିଶାର ମହିଳାମାନେ ଏହି ଶାଢ଼ି ବୁଣିଥାନ୍ତି। ପାରମ୍ପରିକ ଖଣ୍ଡୁଆ ଶାଢ଼ିର ରଙ୍ଗ ଲାଲ୍, ସୂର୍ଯ୍ୟାସ୍ତ ହଳଦିଆ ଏବଂ କମଳା ରଙ୍ଗରେ ଆସିଥାଏ। ପଣତ ଓ ପାଢ଼ି କଳା, ଲାଲ୍, ନୀଳ ରଙ୍ଗର ହୋଇଥାଏ। ଯାହା ଖଣ୍ଡୁଆ ଶାଢ଼ିକୁ ଏକ ଭିନ୍ନ ଲୁକ୍ ଦେଇଥାଏ। ସିଲ୍କ ସିଟି ବ୍ରହ୍ମପୁରର ବୁଣାକାରମାନେ ବୟନ କରୁଥିବା ବ୍ରହ୍ମପୁରୀ ଶାଢ଼ି ବା ବ୍ରହ୍ମପୁରୀ ପାଟ ଜିଆଇ ଟ୍ୟାଗ୍ ପାଇଛି। ଏହାର ସବୁଠାରୁ ବଡ଼ ସ୍ୱାତନ୍ତ୍ର ହେଉଛି ଏହା ପୁରୁଷଙ୍କ ପାଇଁ ଉପଯୁକ୍ତ ଯୋଡ଼ା ସହିତ ଆସିଥାଏ। ବ୍ରହ୍ମପୁରୀ ପାଟରେ ଡିଜାଇନ୍ କରାଯାଉଥିବା ଟେମ୍ପଲ ବା କୁମ୍ଭ କାରୁକାର୍ଯ୍ୟ ବେଶ୍ ଆକର୍ଷକ। ଏହାର ଜରି ଧଡିର ବହୁତ ସୁନ୍ଦର ଓ ମନମୋହକ ହୋଇଥାଏ। ଶାଢ଼ିରେ ଜଗନ୍ନାଥ ମନ୍ଦିରରେ ଅବସ୍ଥାନ କରୁଥିବା ତିନି ଠାକୁରଙ୍କ ମୂର୍ତ୍ତି ବି ଡିଜାଇନ୍ କରାଯାଏ। ଏହି ଶାଢ଼ି ବିବାହ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟରେ ପିନ୍ଧିବାକୁ ଅଧିକ ପସନ୍ଦ କରାଯାଏ। ମନ୍ଦିର ଆକୃତି ଡିଜାଇନ୍‌ର ବର୍ଡର ଓ ପଣତ ପାଇଁ ବ୍ରହ୍ମପୁରୀ ପାଟ ବେଶୀ ଲୋକପ୍ରିୟ।

ସ୍ଥାନୀୟ ବସ୍ତ୍ରର ପ୍ରଚାର ପ୍ରସାର ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଜ୍ଞାପନ ମାଧ୍ୟମରେ ସମସ୍ତ ଓଡ଼ିଆ ଓ ଅଣଓଡ଼ିଆଙ୍କୁ ଆକୃଷ୍ଟ କରାଯାଉଛି। ମାର୍ଚ୍ଚ ମାସର ଶେଷଦିନରେ ଓଡ଼ିଆ ପକ୍ଷରୁ ତୃତୀୟ ଦିନରେ ଆମ ପୋଷାକ ଆମ ପରିଚୟକୁ ଦିବସକୁ ବିଚାର କରି ଓଡ଼ିଶାର ଗୌରବମୟ ବ୍ରହ୍ମପୁର ପାଟବସ୍ତ୍ରକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ଦେବା ସହିତ ଆମର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଗୋଲନ୍ଥରାସ୍ଥିତ ଆରଆଇଟି ନାମକ ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଏକ ଭବ୍ୟ ବ୍ରହ୍ମପୁର ପାଟ ଫେଶନ ଶୋ 'ଲାବଣ୍ୟ' ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ 'ଆମେସବୁ' ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମରେ ବ୍ରହ୍ମପୁର ପାଟର ଚମତ୍କାରିତା ଏବଂ କାରିଗରୀ କୁଶଳତାକୁ ଏକ ଆଧୁନିକ ଢଙ୍ଗରେ ପ୍ରଦର୍ଶିତ କରାଯାଇଥିଲା। ଏହି ଉତ୍ସବକୁ ଦେଖିବା ପାଇଁ ଶତାଧିକ କଳାପ୍ରେମୀ ଓ ବୁଦ୍ଧିଜୀବୀଙ୍କ ସମାଗମ ହୋଇଥିବା ବେଳେ ପାଟବସ୍ତ୍ରର ବିଭିନ୍ନ ଶୈଳୀ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କେବଳ ଚାକଚକ୍ୟ ନୁହେଁ, ବରଂ ଏହି ଉତ୍ସବରେ ବୁଣାକାରଙ୍କୁ ସମ୍ମାନ ଦେବା ପାଇଁ ମଧ୍ୟ ଉଦ୍ୟମ କରାଯାଇଥିଲା। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟର ପାରମ୍ପରିକ କଳା, ବୁଣାକାର ଏବଂ ଶିଳ୍ପୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରେ। ଏହା ବୁଣାକାରମାନଙ୍କୁ ସୁଧମୁକ୍ତ ଋଣ, ବୟନ ଜ୍ୟୋତି ଯୋଜନା, ଏବଂ ବଜାର ସୁବିଧା ଯୋଗାଇବା ସହ ୫୫ଟି ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ଉଭୟ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଗଣ ପୋଷାକ ପରିଧାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ମହାବିଦ୍ୟାଳୟରେ ଗଣ ପୋଷାକ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ସମାନତାର ପ୍ରତୀକ ଅଟେ। ମହାବିଦ୍ୟାଳୟ ପରିସରରେ ପ୍ରବେଶ ପାଇଁ ଗଣ ପୋଷାକ ଏବଂ ପରିଚୟ ପତ୍ର ଅନିବାର୍ଯ୍ୟ କରାଯାଇଥାଏ। ମହାବିଦ୍ୟାଳୟମାନଙ୍କରେ ସ୍ଥାନୀୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସହଜ ଓ ସୁଲଭ ମୂଲ୍ୟରେ ମିଳିପାରୁଥିବା କପଡ଼ାକୁ ଛାତ୍ରଛାତ୍ରୀମାନେ ବ୍ୟବହାର କରିବ ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଥାନ୍ତି।

ଓଡ଼ିଶାରେ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଷାକ ଭାବରେ ପାରମ୍ପରିକ ଓଡ଼ିଆ ପୋଷାକକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଦ୍ୱାରା "ଆମ ପୋଷକ ଆମ ପରିଚୟ ଦିବସ" ପାଳନ କରାଯିବାର ଯୋଜନା ରହିଛି। ସମସ୍ତ କର୍ମଚାରୀମାନେ ପାରମ୍ପରିକ ପୋଷାକ ପିନ୍ଧିବାକୁ ଉତ୍ସାହିତ କରାଯାଉଛି। ସମ୍ବଲପୁରୀ, ବାନ୍ଧକଳା, କୋଟପାଡ଼ ଓ ଅନ୍ୟାନ୍ୟ ସ୍ଥାନୀୟ ହସ୍ତତନ୍ତ ଶାଢ଼ୀ ଏବଂ କୁର୍ତ୍ତା/ପଞ୍ଜାବୀ। ଏହାର ମୂଳ ଉଦ୍ଦେଶ୍ୟ ସ୍ଥାନୀୟ କଳାକାର ଓ ବୁଣାକାରଙ୍କୁ ସମର୍ଥନ କରିବା ଏବଂ ଓଡ଼ିଶାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଏହି ଦିବସରେ ଆମର ପାରମ୍ପରିକ ପୋଷାକ ପିନ୍ଧିବା। ଫଳରେ ଏସବୁ ପାରମ୍ପରିକ ପୋଷାକ ଶିଳ୍ପର ପୁନର୍ଜୀବୀତ ହୋଇପାରିବ। ଓଡ଼ିଆଙ୍କ ମଧ୍ୟରେ ନିଜର ପାରମ୍ପରିକ ପୋଷାକ ପ୍ରତି ଆଗ୍ରହ ବଢ଼ିଲେ, ଚାହିଦା ବଢ଼ିବ ଓ ବଜାର ବଢ଼ିବ। ବଜାର ବଢ଼ିଲେ ବୁଣାକାରମାନେ ରୋଜଗାର ପାଇବେ। ସରକାରଙ୍କ ପକ୍ଷରୁ ପରମ୍ପରିକ ପୋଷାକ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଆ ପକ୍ଷରେ ବା ଓଡ଼ିଶା ଦିବସଠାରୁ ଓଡ଼ିଆ ନବବର୍ଷ ବା ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ବୟନିକା ଓ ଅମ୍ଳାନ ଷ୍ଟୋରଗୁଡ଼ିକରେ ବିଶେଷ ରିହାତିର ବ୍ୟବସ୍ଥା ରହିଛି। ଆଉ ଏହାକୁ ପାଳିବା ଭିତରେ ନିଜ ସ୍ୱାଭିମାନକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବାକୁ ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ନେଇଛନ୍ତି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ବଢ଼ୁଛି ମୂର୍ଖତାର ସାମ୍ରାଜ୍ୟ



ଗୋପାଳ ମହାପାତ୍ର

ତଥ୍ୟାତ୍ମକ ଭାବେ ଦେଖିଲେ ସ୍ପଷ୍ଟ ଯେ ଆମେ ଏମିତି ଏକ ସମୟରେ ପହଞ୍ଚିଛେ ଯେତେବେଳେ ଆମେ ସବୁକିଛି ହାସଲ କରି ପାରିଛେ। ଏବେ ଲୋକଙ୍କ ପକେଟରେ ଦେଶ ବିଦେଶର ସବୁତଥ୍ୟ ସ୍କ୍ରିନରେ ଜ୍ଞାନର ଗଙ୍ଗା ବହୁଛି ଏ ପରିକି ଗୋଟିଏ ବଟମ ଉପରେ ହାତ ରଖିଲେ ଦୁନିଆର କଠିନ ପ୍ରଶ୍ନର ସମାଧାନ ମଧ୍ୟ ମିଳିପାରୁଛି। ତଥାପି ବିଡ଼ମ୍ବନା ଯେ ଯେତେ ସହଜରେ ଏସବୁ ସୁବିଧା ମିଳୁଛି ତା ସହ ତାଳ ମିଳାଇ ଏକ ଅଜବ ଧରଣର ମୁର୍ଖତା ମଧ୍ୟ ବଢ଼ିବାରେ ଲାଗିଛି। ଆଜି ଯେତେବେଳେ ମଣିଷ ଇତିହାସର ଯେକୌଣସି ସମୟଠାରୁ ଅଧିକ ଜ୍ଞାନ ଆହରଣ କରିଛି ସେତେବେଳେ ଆମେ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରୁଥିବା ବାୟୁବା ପବନ ଅଧିକ ବିଷାକ୍ତ ହୋଇଯାଇଛି। ଯେତେବେଳେ ଆମ ଡାକ୍ତରୀ ବିଜ୍ଞାନ ଉଚ୍ଚମତ ସ୍ତରରେ ପହଞ୍ଚିଛି ସେତେବେଳେ ବିଶ୍ୱର ଅଧିକ ଭାଗ ଲୋକ ବିଭିନ୍ନ ରୋଗର ଶୀକାର। ଯେତେବେଳେ ଆମ ପାଖରେ ଜାଣିବା/ଜ୍ଞାନ ଆହରଣ ପାଇଁ ସଠିକ୍ ସାଧନ ଉପଲବ୍ଧ, ସେତେବେଳେ ସବୁ ତଥ୍ୟ ସନ୍ଦେହର ପରିଧିରେ। ଏ ସବୁ ବିରୋଧାଭାଷକୁ ନେଇ ଚମକିବା ବା ଚିନ୍ତା କରିବାର କାରଣ ନାହିଁ। ଦୁର୍ଭାଗ୍ୟ ଯେ ମଣିଷ ଏଇ ବିରୋଧାଭାଷକୁ ମାନିବାକୁ ନାରାଜ। ଆମକୁ/ମଣିଷ ମାନଙ୍କୁ ଲାଗୁଛି ସବୁ କିଛି ଠିକ୍ ଅଛି। ଏହାକୁ କାଳ୍ପନିକ ମୁର୍ଖତା କୁହାଯିବ ନାହିଁ ତ ଆଉ କ'ଣ କୁହାଯିବ? ଏବେ ଏମିତି ଏକ ସମୟ ଯେ ଦୁନିଆରେ ଜ୍ଞାନର ଓଭରଲୋଡ଼ ବା ଆବଶ୍ୟକତା ଠାରୁ ବହୁ ଅଧିକ ହେଲାଣି ଆଉ ବୁଝିବାର ଅଭାବ କାରଣରୁ ଏହା ଅର୍ଥହୀନ ହୋଇଛି ଏବେ ଏମିତି କେହି ବ୍ୟକ୍ତି ନାହିଁ ଯାହା ପାଖରେ ଯେକୌଣସି ପ୍ରସଙ୍ଗରେ ଯୁକ୍ତି କରିବାର ସାମର୍ଥ୍ୟ ନାହିଁ। କିନ୍ତୁ ସମସ୍ୟା ହେଉଛି ଜାଣିଥିବା ତଥ୍ୟ ଏବେ ଜ୍ଞାନ ନୁହେଁ ବରଂ ବିବାଦ ପାଇଁ ଖୋରାକ ପାଲଟିଛି। ହ୍ୱାଟସ୍‌ଆପ, ରିଲସ ଏବଂ ଛୋଟ ଛୋଟ ଭିଡିଓ ଏବେ ଜ୍ଞାନକୁ ଫାଷ୍ଟ ଫୁଡ଼ରେ ପରିଣତ କରିଦେଇଛି। ଏବେ ଜଟିଳରୁ ଜଟିଳତର ରୋଗର ଚିକିତ୍ସା ବାବଦରେ ତଥ୍ୟ ମଧ୍ୟ ଭିଡିଓରେ ମିଳିପାରୁଛି। ଏଥିରେ ରହିଛି ଅଧୁରାଜ୍ଞାନ କିନ୍ତୁ ଅଧିକ ଆତ୍ମବିଶ୍ୱାସ। ଏଇଥିପାଇଁ ଏହି ସମୟକୁ ସଙ୍କଟର ସମୟ ବୋଲି ମଧ୍ୟ କୁହାଯାଇପାରେ। ୨୦୨୬ରେ ସଙ୍କଟ ଡ଼ରାଇବା ବଦଳରେ ଯୋଗାଯୋଗ ବଢ଼ାଇବାର କାମ କରୁଛି। କୌଣସି ଦୁର୍ଘଟଣା ବାବଦରେ ସେତେବେଳେ ହିଁ ଆଲୋଚନା ହେଉଛି ଯେତେବେଳେ ଏ ସମ୍ପର୍କୀତ ଭିଡିଓ ଅଧିକ ମାତ୍ରାରେ ଇଣ୍ଟରନେଟ /ମୋବାଇଲରେ ପ୍ରସାରିତ ହେଉଛି। ଏଥିରୁ ସ୍ପଷ୍ଟ ଯେ ଆମେ ସମସ୍ୟାର ସମାଧାନ ପରିବର୍ତ୍ତେ ତାହା କେମିତି ଅଧିକ ପ୍ରସାରିତ ହେବ ସେ କଥା ଶିଖିଯାଇଛେ। ଅର୍ଥାତ୍ ଯନ୍ତ୍ରଣା ବା ଦୁଃଖ ଏବେ ଡ଼ାଟା ପାଲଟି ଯାଇଛି ଏବଂ ପୀଡ଼ା ଭିଡ଼ିଓରେ ପୋଷ୍ଟ (ପ୍ରସାର) ପାଲଟି ଯାଇଛି।

ମେଡିକାଲ ରିପୋର୍ଟ, ସ୍ୱାସ୍ଥ୍ୟ ସର୍ବେକ୍ଷଣ, ଗବେଷଣା ଏବଂ ଡାକ୍ତର ଚେତାବନୀ ଦେଉଛନ୍ତି ଯେ ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ନିବେଶ ହେବାର ଆବଶ୍ୟକତା ରହିଛି କିନ୍ତୁ ମଣିଷ ବା ଆମ ପାଖରେ ଗୋଟିଏ ଉତ୍ତର ଏହା ଠିକ୍ କିନ୍ତୁ ଏବେ ସମୟ ନାହିଁ। ଅଧିକ ବିଡ଼ମ୍ବନା ହେଉଛି କେବଳ ସ୍ୱାସ୍ଥ୍ୟ ପାଇଁ



ନୁହେଁ ନିଦ ବା ଶୋଇବା ପାଇଁ ମଧ୍ୟ ସମୟ ନାହିଁ କିନ୍ତୁ ସ୍କ୍ରିନ /ମୋବାଇଲ ଦେଖିବା ପାଇଁ ସମୟ ରହିଛି। ଏବେ ସ୍ମାର୍ଟଫୋନ ବ୍ୟବହାର କରୁଥିବା ବ୍ୟକ୍ତି ସର୍ବନିମ୍ନ ୨୦ରୁ ୨୫ ଭିଡିଓ ନିଶ୍ଚୟ ଦେଖୁଛି। ଲୋକଙ୍କ ପାଖରେ କଥାବାର୍ତ୍ତା ହେବା ପାଇଁ ସମୟ ନାହିଁ କିନ୍ତୁ ହ୍ୱାଟସଆପ, ଫେସବୁକରେ ଘଣ୍ଟା ଘଣ୍ଟା ଚାଟ କରିବା ପାଇଁ ସମୟ ଅଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ଏବଂ ଏହା ସେଇ ମୁର୍ଖତା ଯାହା ଆମ ପାଖରେ ରହିଛି। ଲୋକଙ୍କ ପାଖରେ ଦେଖିବାକୁ ବୁଝିବାକୁ ମଧ୍ୟ ସମୟ ନାହିଁ। ଏଆଇ ଆପ୍ ଏବଂ ସ୍ମାଟ ଡିଭାଇସ ସବୁ ଆମ ଜୀବନକୁ ସହଜ କରିଦେଇଛି ବୋଲି କୁହାଯାଉଛି କିନ୍ତୁ ଏସବୁ ଜୀବନକୁ ସହଜ କରିବା ପରିବ୍ର୍ତ୍ତେ ଅଧିକ ବିପଦ ପାଇଁ ରାସ୍ତା ଖୋଲିଦେଉଛି। ଏବେ କେହି ଭାବିବା ଚିନ୍ତା କରିବା ପାଇଁ ଚାହୁଁନାହାଁନ୍ତି ବରଂ ଆଉଟସୋର୍ସ କରିବାକୁ ଚାହୁଁଚନ୍ତି। ଧିରେ ଧିରେ ମଣିଷ ଏମିତି ଏକ ମେଶିନ ପାଲଟି ଯାଉଛି ଯିଏ ନିଜେ କମ୍ ଓ ସିଷ୍ଟମ ଅଧିକ ପାଲଟି ଯାଉଛି।

ସବୁଠାରୁ ବଡ଼ କାଳ୍ପନିକ ମୁର୍ଖତା ହେଉଛି ଅନେକ ବାର ଚେନାବନୀ ସତ୍ୱେ ମଣିଷ କହୁଛି "ମୁଁ ଏମିତି ଠିକ୍ ଅଛି" ଅର୍ଥାତ୍ ପରିବର୍ତ୍ତନକୁ ଅଣଦେଖା କରାଯାଉଛି। ମଣିଷ ଜାଣୁଛି ଭୁଲ କ'ଣ ଏବଂ ଠିକ୍ କ'ଣ ଏବଂ ଏକଥା ବି ଜାଣୁଛି ଯେ କ'ଣ କରିବା ଉଚିତ୍ ତଥାପି ଭୁଲକୁ ସୁଧାରିବାର ଉଦ୍ୟକ କରୁନାହିଁ। ବୋଧହୁଏ ଭବିଷ୍ୟତରେ ଯେଉଁ ଇତିହାସ ଲେଖାଯିବ ସେଥିରେ ଉଲ୍ଲେଖ ରହିବ ଯେ ୨୦୨୬ ଏମିତି ଏକ ସମୟଥିଲା ଯେଉଁ ସମୟରେ ମଣିଷ ପାଖରେ ସବୁ ସମସ୍ୟାର ସମାଧାନ ଥିଲା। କିନ୍ତୁ ମଣିଷ ସେଥିରୁ କିଛି ଲାଭ ଉଠାଇ ପାରିଲା ନାହିଁ କାରଣ ୨୦୨୬ରେ ମଣିଷ ଏମିତି କିଛି କାମ କରିନଥିଲା ଯାହା ତାର ଜୀବନକୁ ସହଜ କରିପାରିଥାନ୍ତା। ଏହା ହେଉଛି ପ୍ରକୃତ ସତ୍ୟ ଏବଂ ମଣିଷ ଏହି ସତ୍ୟକୁ ଜାଣି ମଧ୍ୟ କିଛି କରିନାହିଁ। ଯେତେବେଳେ ମଣିଷ ନିଜର ଭୁଲ କଥା ଭାବିବା କଥା ସେତେବେଳେ ସେ ଅନ୍ୟର ଭୁଲକୁ ଦେଖିବାରେ ଲାଗିଛି। ଏହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ବିଡ଼ମ୍ବନା।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍:୯୪୩୮୪୮୫୦୯୪**

# ବୁଶେହର ପରମାଣୁ କେନ୍ଦ୍ର ଉପରେ ବଡ଼ ଆକ୍ରମଣ



ତେହେରାନ, ୪।୪: ଗତ ୨୪ ଘଣ୍ଟା ମଧ୍ୟରେ ଇରାନ ସହିତ ଯୁଦ୍ଧରେ ଐତିହାସିକ କ୍ଷତି ସହିବା ପରେ, ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନର ପାୱାର ପ୍ଲାଣ୍ଟ ଓ ବୁଶେହର ପରମାଣୁ କେନ୍ଦ୍ର ଉପରେ ବଡ଼ ଧରଣର ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଏହା ଇରାନର ବୁଶେହର ପ୍ଲାଣ୍ଟ ଉପରେ ଇସ୍ରାଏଲ ଏବଂ ଆମେରିକାର ଚତୁର୍ଥ ବଡ଼ ଆକ୍ରମଣ। ଯାହା ପରମାଣୁ ପ୍ଲାଣ୍ଟର ପରିଧି ପ୍ରାଚୀର ନିକଟରେ କରାଯାଇଛି। ଇରାନର ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଆକ୍ରମଣ ସତ୍ତ୍ୱେ, ପ୍ଲାଣ୍ଟର କାର୍ଯ୍ୟ ପ୍ରଭାବିତ ନ ହୋଇ ଜାରି ରହିଛି।

ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ଇରାନର ଆକ୍ରମଣର ଜବାବ ଦିଆଯାଇଛି। ଇରାନ ଏମକ୍ୟୁ-୯ ଡ୍ରୋନ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ସହିତ ଅନେକ ଆମେରିକୀୟ ଲଢ଼ୁଆ ବିମାନ, ବିମାନ ବାହକ ଏବଂ ଆକ୍ରମଣ ହେଲିକପ୍ଟରକୁ ଖସାଇ ଦେଇଥିବା ଦାବି କରିଛି। ଇରାନର ଦାବି ଅନୁଯାୟୀ, ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକାର ସବୁଠାରୁ ବଡ଼ କ୍ଷତି କରାଯାଇଛି। ଇରାନ ଆମେରିକୀୟ ଯୁଦ୍ଧ ବିମାନ ଉପରେ ଏହି ଆକ୍ରମଣ କରିଛି, ଯେତେବେଳେ ଟ୍ରମ୍ପ ଦୁଇ ଦିନ ପୂର୍ବରୁ ଦାବି କରିଥିଲେ ଯେ, ତେହେରାନର କ୍ଷେପଣାସ୍ତ୍ର ମାଡ଼ ତଥା ବାୟୁ ପ୍ରତିରକ୍ଷା କ୍ଷମତା ପ୍ରାୟ ଶେଷ ହୋଇଯାଇଛି।

## ପେଣ୍ଟାଗନ 'ପିଜ୍ଜା ଇଣ୍ଡେକ୍ସ'ରେ ଅଚାନକ ବୃଦ୍ଧି

### ଇରାନ ଉପରେ ବଡ଼ ଆକ୍ରମଣ ଯୋଜନା ସନ୍ଦେହ

ୱାସିଂଟନ, ୪।୪: ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ଉତ୍ତେଜନା ମଧ୍ୟରେ ପେଣ୍ଟାଗନ ପିଜ୍ଜା ଇଣ୍ଡେକ୍ସ ପୁଣି ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛି। ଗଲ୍ଫ ଯୁଦ୍ଧରେ ଏକ ଆମେରିକୀୟ ଏଫ-୧୫ଇ ଯୁଦ୍ଧବିମାନ ଖସାଇ ଦିଆଯିବା ଓ ପାରସ୍ୟ ଉପସାଗରରେ ଏକ ଏ-୧୦ ୱର୍ଥୋଗ ବିମାନ ଦୁର୍ଘଟଣାର ଶିକାର ହେବା ଖବର ପରେ ପେଣ୍ଟାଗନ ଆଖପାଖରେ ଅଚାନକ ପିଜ୍ଜା ଚାହିଦା ବଢ଼ି ଯାଇଛି। ଏପରି ଚାହିଦା ବୃଦ୍ଧିର ସମ୍ପର୍କ ସାଧାରଣତଃ ସାମରିକ ଅଭିଯାନ ଅଥବା ରଣନୈତିକ ଚାପ ସମୟର ହୋଇପାରେ ବୋଲି ଅନୁମାନ କରାଯାଉଛି।

ଆମେରିକା-ଇରାନ ଯୁଦ୍ଧ ପଞ୍ଚମ ସପ୍ତାହକୁ ପ୍ରବେଶ କରିବା, ଲଗାତାର ଆକ୍ରମଣ ଓ ବୈଶ୍ୱିକ ଫଳାଫଳରେ ପିଜ୍ଜା ଡେଲିଭରୀର ଅସାଧାରଣ ପ୍ୟାଟର୍ଣ୍ଣ ପୁଣି ଥରେ ଧ୍ୟାନ ଆକର୍ଷଣ କରିଛି। ତେବେ ପେଣ୍ଟାଗନ ଅଧିକାରୀମାନେ ଭାବେ ଏହି ସିଦ୍ଧାନ୍ତକୁ ସମର୍ଥନ କରେନି, କିନ୍ତୁ ଉପୁଜିଥିବା ଭୂ-ରାଜନୈତିକ ଅନିଶ୍ଚିତତା ସମୟରେ ଅଣପାରମ୍ପରିକ ସଂକେତ ପ୍ରତି ଜନତାଙ୍କ ଆକର୍ଷଣ ଏହା ପ୍ରମାଣିତ କରୁଛି। ପେଣ୍ଟାଗନ ପିଜ୍ଜା ଇଣ୍ଡେକ୍ସ ଏକ ଚର୍ଚ୍ଚିତ ସିଦ୍ଧାନ୍ତ। ଏହି ସିଦ୍ଧାନ୍ତ ଅନୁସାରେ ଆମେରିକା ପ୍ରତିରକ୍ଷା ବିଭାଗ ଆଖପାଖରେ ପିଜା




ଅର୍ଡରର ଅଚାନକ ବୃଦ୍ଧି ଆଗାମୀ ସୈନ୍ୟ ଗତିବିଧିର ସଂକେତ ହୋଇପାରେ। ଏହାକୁ ବୁଝିବା ଅତି ସହଜ, କାରଣ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଅଧିକାରୀ ତାଙ୍କ କାର୍ଯ୍ୟସ୍ଥଳରୁ ବାହାରକୁ ବାହାରି ପାରନ୍ତିନି। ଏଣୁ ସେମାନେ ପିଜ୍ଜା ଭଳି ଇନଷ୍ଟାଣ୍ଟ ଓ ସୁବିଧାଜନକ ଭୋଜନ ଉପରେ ନିର୍ଭର କରନ୍ତି। ଯେପରି ଅର୍ଜେନ୍ସୀ ଓ କାର୍ଯ୍ୟଭାର ବଢ଼ିବଢ଼ି ଚାଲେ ସେହି ଅନୁସାରେ ଡେଲିଭରୀ ମାତ୍ରା ମଧ୍ୟ ବଢ଼ିଯାଏ। ଏହି ଅବଧାରଣା ଶୀତଳ ଯୁଦ୍ଧ କାଳରୁ ଚଳି ଆସୁଛି। ବିଶ୍ୱରେ ଇଣ୍ଟରନେଟ୍ ଆସିବା ପୂର୍ବରୁ ସେ ସମୟର ସୋଭିଏତ ପର୍ଯ୍ୟବେକ୍ଷକ ୱାସିଂଟନ ଡିସିରେ ପିଜ୍ଜା ଡେଲିଭରି ଉପରେ ନଜର ରଖୁଥିଲେ। ସେମାନେ ଭାବୁଥିଲେ ଅର୍ଡରରେ ଅଚାନକ ବୃଦ୍ଧି ଆମେରିକୀୟ ଗୁଇନ୍ଦା କର୍ମଚାରୀ କୌଣସି ବଡ଼ ଘଟଣା ପାଇଁ ପ୍ରସ୍ତୁତି କରୁଛନ୍ତି ନଚେତ ତାର ପ୍ରତିକ୍ରିୟା ଦେଉଛନ୍ତି। ଏହି ଗୁଇନ୍ଦାଗିରି ପ୍ରଥାରୁ ଏହାକୁ 'ପିଜ୍ଜିଣ୍ଟ' ବା ପିଜ୍ଜା ଇଣ୍ଟେଲିଜେନ୍ସୀ କୁହାଯାଉଥିଲା।

## ବିଶ୍ୱସ୍ତରୀୟ ସଙ୍କଟ ସତ୍ତ୍ୱେ ସୁରକ୍ଷିତ ଅର୍ଥନୀତି



ନୂଆଦିଲ୍ଲୀ, ୪।୪: ବିଶ୍ୱବ୍ୟାପୀ ଯୁଦ୍ଧ ଓ ଅସ୍ଥିରତା ସତ୍ତ୍ୱେ ଭାରତ ନିଜର ଦୃଢ଼ ସାମର୍ଥ୍ୟ ପ୍ରମାଣିତ କରିବା ସହ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ଚ୍ୟାଲେଞ୍ଜକୁ ସଫଳତାର ସହ ମୁକାବିଲା କରିଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି। ଶନିବାର ଆଇଆଇଏମ ରାୟପୁରର ୧୫ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ସେ କହିଛନ୍ତି ଯେ, ବିଶ୍ୱ ଅର୍ଥନୀତିରେ ଭାରତ ବର୍ତ୍ତମାନ ଶୀର୍ଷ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନ ପାଇଥିବା ବେଳେ ଗତ ୧୦ ବର୍ଷର ନିରନ୍ତର ବିକାଶ ଦେଶବାସୀଙ୍କ ମଧ୍ୟରେ ଏକ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରିଛି, ବିଶେଷକରି ବଦଳୁଥିବା ବିଶ୍ୱ ପରିସ୍ଥିତିରେ ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ସଂଯୋଗୀକରଣ କ୍ଷେତ୍ରରେ ଭାରତ ନିଜର ଜାତୀୟ ଦକ୍ଷତା ବୃଦ୍ଧି କରି ଏକ ଦୃଢ଼ ନେତୃତ୍ୱ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିପାରିଛି । ବର୍ତ୍ତମାନର ଜଟିଳ ଭୂ-ରାଜନୈତିକ ସ୍ଥିତି, ବିଶେଷକରି ଇସ୍ରାଏଲ-ଇରାନ ସଂଘର୍ଷ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ଏବଂ ନିରାପତ୍ତା ବ୍ୟବସ୍ଥା ପ୍ରଭାବିତ ହେଉଥିବା ବେଳେ ଜୟଶଙ୍କରଙ୍କ ଏହି ବକ୍ତବ୍ୟ ବେଶ ଗୁରୁତ୍ୱ ରଖୁଛି। ସେ ଦର୍ଶାଇଛନ୍ତି ଯେ ବିଶ୍ୱ ଶାସନ ପ୍ରଣାଳୀରେ ପରିବର୍ତ୍ତନ ଆସୁଥିବା ବେଳେ ଭାରତ ଡିଜିଟାଲ ବିପ୍ଳବ ଓ ନିଷ୍ପତ୍ତିମୂଳକ ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ପିଢ଼ିକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ ଭାରତ ବର୍ତ୍ତମାନ କେବଳ ଏକ ବଜାର ନୁହେଁ, ବରଂ ବିଶ୍ୱ ସମସ୍ୟାର ଏକ ପ୍ରମୁଖ ସମାଧାନକାରୀ ଦେଶ। ଦେଶକୁ ଅଧିକ ସଶକ୍ତ କରିବା ପାଇଁ ନିଜସ୍ୱ ସାମର୍ଥ୍ୟ ବଢ଼ାଇବା ସହ ବିଶ୍ୱସ୍ତରରେ ବିଶ୍ୱସନୀୟ ସହଭାଗୀତା ସ୍ଥାପନ କରିବା ଏବେକାର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଶକ୍ତି ନିରାପତ୍ତା ଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତର ପଦକ୍ଷେପ ଆଜି ସାରା ବିଶ୍ୱ ପାଇଁ ଏକ ଅନନ୍ୟ ଉଦାହରଣ ସାଜିଛି।

## ହର୍ମୁଜ ଉପରେ ଉଡୁଥିବା ଫାଇଟର ଜେଟ୍‌କୁ ଖସାଇଲା

### ଦମ ଦେଖାଇଲା ତେହେରାନ

ୱାଶିଂଟନ, ୪।୪: ଯୁଦ୍ଧ ବନ୍ଦ କରିବା କଥା କହି, ଏବେ କହିଲେଣି ବନ୍ଦ ହୋଇନି ଯୁଦ୍ଧ। ହର୍ମୁଜ ଷ୍ଟ୍ରେଟ୍ ନିକଟରେ ଆମେରିକୀୟ ଲଢ଼ୁଆ ବିମାନ ଖସାଇ ଦେବା ପରେବି ଚୁପ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଟ୍ରମ୍ପ କହିଛନ୍ତି ଯେ ଆମେରିକୀୟ ଜେଟ୍ ଖସାଇ ଦେବାର ଇରାନ ଆଲୋଚନା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହି ଘଟଣା କୂଟନୀତି ଉପରେ ପ୍ରଭାବ ପଡିବନି ବୋଲି ସେ କହିଛନ୍ତି। ଏହି କୂଟନୈତିକ ଉତ୍ତେଜନା ମଧ୍ୟରେ, ତେହେରାନ ତାର ସାମରିକ ପ୍ରତିକ୍ରିୟାକୁ ତୀବ୍ର କରିଛି।



ଇରାନ ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ଆମେରିକୀୟ ଏ-୧୦ ବିମାନକୁ ଖସାଇ ଦେଇଥିବା ଦାବି କରିଛି। ରିପୋର୍ଟରେ କୁହାଯାଇଛି ଯେ ବିମାନଟି ଦକ୍ଷିଣ ଜଳରାଶିରେ ଏବଂ ରଣନୈତିକ ଜଳପଥ ଚାରିପାଖରେ ଟାର୍ଗେଟ କରାଯାଇଥିଲା। ଏ-୧୦ ହେଉଛି ନିକଟତମ ବାୟୁ ସମର୍ଥନ ମିଶନ ପାଇଁ ଡିଜାଇନ୍ କରାଯାଇଥିବା ଏକ ଆମେରିକୀୟ ଫାଇଟର ବିମାନ। ଦୁର୍ଘଟଣାସ୍ଥଳର ସଠିକ ସ୍ଥାନ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ, କିନ୍ତୁ ଖୁଜେସ୍ତାନ ପ୍ରଦେଶର ଭୌଗୋଳିକ ଫୁଟେଜରେ ବିମାନଟି କମ ଉଚ୍ଚତାରେ ଉଡୁଥିବା ଦେଖାଯାଇଛି।

ଆମେରିକୀୟ ଗଣମାଧ୍ୟମ ଏକ୍ସିଓସ୍ ସ୍ପଷ୍ଟ କରିଛି ଯେ ଉଦ୍ଧାର କାର୍ଯ୍ୟ ଚାଲିଛି। ପ୍ରମାଣ ସତ୍ତ୍ୱେ, ଆମେରିକୀୟ ସେନା ଏବଂ ହ୍ୱାଇଟ୍ ହାଉସ୍ ପାଇଲଟଙ୍କ ସ୍ଥିତି ଉପରେ ଆନୁଷ୍ଠାନିକ ଭାବରେ ମନ୍ତବ୍ୟ ଦେଇନାହାଁନ୍ତି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ଏହି ସାମରିକ କ୍ଷତି ଏକ କୂଟନୈତିକ ଅଚଳାବସ୍ଥା ସହିତ ସମାନ, କାରଣ ତେହେରାନ ନିର୍ଦ୍ଧାରିତ ଆଲୋଚନାରେ ଅଂଶଗ୍ରହଣ କରିବାକୁ ମନା କରିବା ପରେ ଯୁଦ୍ଧବିରତି ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଆଲୋଚନା ସ୍ଥଗିତ ରହିଥିବା ଜଣାପଡ଼ିଛି।

### ହିମ୍ମତ ଦେଖାଇଲେ ହିମନ୍ତ

## ମତେ କ୍ଷତି ପହଞ୍ଚାଇବାକୁ ସାତ ଜନ୍ମ ଦରକାର



ଆସାମ, ୪।୪: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କଂଗ୍ରେସ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ ମତେ କ୍ଷତି ପହଞ୍ଚାଇବା ପାଇଁ କଂଗ୍ରେସ ନେତାମାନଙ୍କୁ ନୂଆ ଜନ୍ମ ନେବାକୁ ପଡିବ। ଏହା ସହିତ ସେ ଗୌରବ ଗୋଗୋଇଙ୍କୁ ସାନ ପପ୍ପୁ ବୋଲି କହିଛନ୍ତି। ଯେତେବେଳେ ଆସାମ ମୁଖ୍ୟମନ୍ତ୍ରୀଙ୍କୁ ପଚରାଗଲା ଯେ, ଗୌରବ ଗୋଗୋଇ ତାଙ୍କୁ ଜେଲ୍ ପଠାଇବା ବିଷୟରେ କହିଛନ୍ତି, ସେ କହିଲେ ଦେଖନ୍ତୁ, ରାହୁଲ ଗାନ୍ଧୀଙ୍କ ଅର୍ଥ ପପ୍ପୁ। ଲୋକମାନେ ଗୌରବ ଗୋଗୋଇଙ୍କୁ ଏକ ସାନ ପପ୍ପୁ ବୋଲି କହୁଛନ୍ତି। ତେଣୁ ଯିଏ କହୁଛନ୍ତି ଯେ ହିମନ୍ତ ବିଶ୍ୱ ଶର୍ମାଙ୍କୁ ଗିରଫ କରାଯିବ, ଇନ୍ଦିରା ଗାନ୍ଧୀଙ୍କୁ ନୂଆ ଜନ୍ମ ନେବାକୁ ପଡିବ। ରାଜୀବ ଗାନ୍ଧୀଙ୍କୁ ପୁଣି ଜନ୍ମ ନେବାକୁ ପଡିବ। ରାହୁଲଙ୍କୁ ଆଉଥରେ ଜନ୍ମ ନେବାକୁ ପଡିବ। ଏହା ଏହି ଜନ୍ମରେ ହେବ ନାହିଁ। ତେଣୁ ସାତ ଜନ୍ମ ପରେ ହିଁ ସେ ହିମନ୍ତ ବିଶ୍ୱଶର୍ମାଙ୍କୁ ସେମାନେ କ୍ଷତି ପହଞ୍ଚାଇ ପାରିବେ।

ହିମନ୍ତଙ୍କୁ ଜେଲ୍ ପଠାଇବେ ବୋଲି ରାହୁଲ ଗାନ୍ଧୀଙ୍କ ବିବୃତିର ଜବାବରେ ହିମନ୍ତ ବିଶ୍ୱ ଶର୍ମା ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ମତେ ଗିରଫ କରିବା ପାଇଁ ଗାନ୍ଧୀ ପରିବାରକୁ ପୁନର୍ଜନ୍ମ ନେବାକୁ ପଡିବ। ଆସାମ ଗସ୍ତ ସମୟରେ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁଆହାଟୀ ଏବଂ ଅନ୍ୟାନ୍ୟ ସ୍ଥାନରେ ରାଲି ସଭାରେ ହିମନ୍ତ ବିଶ୍ୱ ଶର୍ମାଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ ହିମନ୍ତଙ୍କୁ ଦେଶର ସବୁଠାରୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଅଭିଯୋଗ କରିଥିଲେ , ହିମନ୍ତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହ ଆସାମରେ "ଲ୍ୟାଣ୍ଡ ଏଟିଏମ୍" ଚଳାଇବା ପାଇଁ ଏକାଠି କାମ କରୁଛନ୍ତି। ଲୋକଙ୍କଠାରୁ ଜମି ଛଡ଼ାଇ ନେଇ ବଡ଼ ବଡ଼ କର୍ପୋରେସନକୁ ଦେଉଛନ୍ତି। ହିମନ୍ତ ଏବଂ ତାଙ୍କ ପରିବାର ଦୁର୍ନୀତିରେ ଫସିଯାଇଛନ୍ତି। ଲୋକମାନେ ସେମାନଙ୍କୁ ଜେଲ୍ ପଠାଇବେ। ଯଦି କଂଗ୍ରେସ କ୍ଷମତାକୁ ଆସେ, ତେବେ ହିମନ୍ତ ନିଶ୍ଚିତ ଭାବରେ ଜେଲ୍ ଯିବେ। ଏପରିକି ମୋଦି ଏବଂ ଶାହ ମଧ୍ୟ ତାଙ୍କୁ ରକ୍ଷା କରିପାରିବେ ନାହିଁ।

### ଆପ୍‌ରେ ଆଭ୍ୟନ୍ତରୀଣ କନ୍ଦଳ

## ପାଲଟା ଆକ୍ରମଣ କଲେ ରାଘବ ଚଢ଼ା

ନୂଆଦିଲ୍ଲୀ, ୪।୪: ଆମ ଆଦମୀ ପାର୍ଟି ଭିତରେ ଥିବା ଆଭ୍ୟନ୍ତରୀଣ ଉତ୍ତେଜନା ଥମିବାର ନାଁ ଧରୁନାହିଁ। ଏବେ ସାଂସଦ ରାଘବ ଚଢ଼ା ଏକ ନୂଆ ଭିଡିଓ ଜାରି କରି ଆପର ଅଭିଯୋଗ ଉପରେ ପ୍ରତିଆକ୍ରମଣ କରିଛନ୍ତି। ସେ କହିଛନ୍ତି, ଏ ବିଷୟରେ ମୁଁ କହିବାକୁ ଚାହୁଁନଥିଲି। କିନ୍ତୁ ଚୁପ୍ ରହିଲେ, ବାରମ୍ବାର କୁହାଯାଉଥିବା ମିଛ ସତ ଭଳି ଲାଗିବ। ତେଣୁ ସତ କହିବାକୁ ବାଧ୍ୟ ହେଉଛି। ଚଢ଼ା କହିଛନ୍ତି, ଗତକାଲିଠାରୁ ମୋ ବିରୁଦ୍ଧରେ ଏକ ଅଭିଯାନ ଚାଲିଛି। ସମାନ କଥା, ସମାନ ଅଭିଯୋଗ। ଏହା ଏକ ଯୋଜନାବଦ୍ଧ ଅଭିଯାନ। ଚଢ଼ା ଆହୁରି କହିଛନ୍ତି ଯେ ଆପ୍ ତାଙ୍କ



ବିରୁଦ୍ଧରେ ତିନୋଟି ଅଭିଯୋଗ ଆଣିଛି। ଏହି ତିନୋଟି ଅଭିଯୋଗ ଯୋଗୁଁ ତାଙ୍କୁ ସଂସଦରେ କହିବାରୁ ବାରଣ କରାଯାଇଛି। ଏହି ୩ ଅଭିଯୋଗର କୌଣସି ସତ୍ୟତା ନାହିଁ। ସେ କହିଛନ୍ତି, ପ୍ରଥମ ଅଭିଯୋଗ ହେଉଛି ଯେ ବିରୋଧୀ ସଦସ୍ୟମାନେ ଗୃହରେ କକ୍ଷତ୍ୟାଗ କଲା ବେଳେ ମୁଁ ସିଟରେ ବସି ରହୁଥିଲି। ଏହା ଆଦୌ ସତ୍ୟ ନୁହେଁ। ଗୃହରେ ସିସିଟିଭି ଲାଗିଛି। ଗୋଟିଏ ବି ଭିଡିଓ ବାହାର କରି ମୋତେ ଦେଖାଇ ଦିଅନ୍ତୁ। ଗୋଟିଏ ବି ଉଦାହରଣ ଦେଇଦିଅନ୍ତୁ। ଦ୍ୱିତୀୟ ଅଭିଯୋଗ ହେଉଛି ଯେ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଆସିଥିବା ମହାଅଭିଯୋଗ ପ୍ରସ୍ତାବରେ ମୁଁ କୁଆଡେ ଦସ୍ତଖତ କରିବାକୁ ମନା କଲି। ଏହା ମଧ୍ୟ ସତ୍ୟ ନୁହେଁ ବୋଲି କହିଛନ୍ତି ରାଘବ ଚଢ଼ା। ଦଳର କୌଣସି ନେତା ଏ ବିଷୟରେ ଔପଚାରିକ ବା ଅନୌପଚାରିକ ଭାବେ ମୋତେ କେହି କିଛି କହିନାହାନ୍ତି। ରାଜ୍ୟସଭାରେ ଆପର ୧୦ ଜଣ ସାଂସଦ ଅଛନ୍ତି। ଆପର ୬-୭ ଜଣ ସାଂସଦ ଏହି ମୋସନରେ ଦସ୍ତଖତ କରିନାହାନ୍ତି। ମୋ ଉପରେ ଆରୋପ କାହିଁକି ବୋଲି ସେ କହିଛନ୍ତି। ୧୦୫ ବିରୋଧୀ ଦଳର ସାଂସଦଙ୍କ ମଧ୍ୟରୁ ୫୦ ଜଣଙ୍କ ଦସ୍ତଖତ ଦରକାର ଥିଲା। ତେଣୁ ଏଭଳି ଅଭିଯୋଗର ସତ୍ୟତା ହିଁ ନାହିଁ ବୋଲି ସେ କହିଛନ୍ତି।

## ଗ୍ୟାସ୍ ଗୋଦାମରେ ବିସ୍ଫୋରଣ, ୪ ମୃତ



ନୂଆଦିଲ୍ଲୀ, ୪।୪: ଶନିବାର ସକାଳେ ଦାଦ୍ରା ଓ ନଗର ହାବେଳୀ କେନ୍ଦ୍ରଶାସିତ ଅଞ୍ଚଳର ସେଲଭାସାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଦେମାନି ରୋଡରେ ଥିବା ଏକ ନାଇଟ୍ରୋଜେନ୍ ଗ୍ୟାସ୍ ଗୋଦାମରେ ସିଲିଣ୍ଡର ରିଫିଲିଂ ସମୟରେ ଏକ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏହି ଦୁଃଖଦ ଘଟଣାରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ପାଞ୍ଚ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। ଶନିବାର ସକାଳେ କର୍ମଚାରୀମାନେ ଗୋଦାମରେ ନାଇଟ୍ରୋଜେନ୍ ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି କରୁଥିଲେ। ହଠାତ୍ ଏକ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହା ଗୋଦାମର ଏକ ଅଂଶକୁ କ୍ଷତିଗ୍ରସ୍ତ କରିଥିଲା ଏବଂ ରାସ୍ତା ଉପରେ ଭଗ୍ନାବଶେଷ ପଡିଥିଲା। ଆଖପାଖ ଅଞ୍ଚଳରେ ପ୍ରବଳ କମ୍ପନ ଅନୁଭୂତ ହେବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ଅନୁସାରେ, ବିସ୍ଫୋରଣର ଶବ୍ଦ ୩୦ ମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ସ୍କୁଲ ପିଲା ଏବଂ ସେହି ରାସ୍ତା ଦେଇ ଯାଉଥିବା ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇଯାଇଥିଲେ। କିଛି ଲୋକ ଭୂମିକମ୍ପ ପରି କମ୍ପନ ଅନୁଭବ କରିଥିବା ମଧ୍ୟ କହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲକୁ ନିଆଯାଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ ଗୋଦାମ ପରିଚାଳକ ମଧ୍ୟ ଅଛନ୍ତି।

## ଶଶି ଥରୁରଙ୍କ କନଭଏ ଉପରେ ଆକ୍ରମଣ

### ବନ୍ଧୁକଧାରୀ ସହ ଡ୍ରାଇଭର ଆହତ



ଥିରୁଭାନନ୍ତପୁରମ, ୪।୪: କଂଗ୍ରେସ ଏମପି ଶଶି ଥରୁରଙ୍କ ବନ୍ଧୁକଧାରୀ ଏବଂ ଡ୍ରାଇଭରଙ୍କ ଉପରେ ଆକ୍ରମଣ ସମ୍ପର୍କିତ ଏକ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା କେରଳର ୱାଣ୍ଡୁର ଅଞ୍ଚଳରେ ଘଟିଛି, ଯେଉଁଠାରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରାୟ ସାଢ଼େ ୭ଟାରେ ଚେଲିଥୋଡ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ସେହି ସମୟରେ ଶଶି ଥରୁର ଏକ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ନ୍ୟୁଜ ଏଜେନ୍ସି ରିପୋର୍ଟ ଅନୁଯାୟୀ, ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଚେଲିଥୋଡ ସେତୁ ନିକଟରେ ରାସ୍ତାରେ ଟ୍ରାଫିକ ଜାମ ଭଳି ସମସ୍ୟା ସୃଷ୍ଟି ହୋଇଥିଲା। ଏହି ପରିସ୍ଥିତିରେ, ଦୁଇଟି ଗାଡ଼ିରେ ଯାତ୍ରା କରୁଥିବା ପାଞ୍ଚ ଜଣ ବ୍ୟକ୍ତି ଥରୁରଙ୍କ କାଫଲାକୁ ଅବରୋଧ କରିଥିଲେ। ଏଫଆଇଆର ଅନୁଯାୟୀ, ଯେତେବେଳେ ବନ୍ଧୁକଧାରୀ ରଥେଶ କେ.ପି. ରାସ୍ତା ସଫା କରିବା ପାଇଁ ଆଗରେ ଠିଆ ହୋଇଥିବା ଗାଡ଼ିକୁ ଆଗକୁ ଯିବାକୁ କହିଥିଲେ, ଅଭିଯୁକ୍ତ ବନ୍ଧୁକଧାରୀ ଏବଂ ଡ୍ରାଇଭର ଉଭୟଙ୍କୁ ଆକ୍ରମଣ କରିଥିଲେ। ଏହି ମାମଲା ସମ୍ପର୍କରେ, ବନ୍ଧୁକଧାରୀଙ୍କ ଦ୍ୱାରା ଦାୟର ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ବିଳମ୍ବିତ ରାତିରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ପୁଲିସ ହେପାଜତକୁ ନେଇଛି।

### ତାମିଲନାଡୁ ବିଧାନସଭାକୁ ନେଇ ପ୍ରାକ୍ ସର୍ଭେ

## ମୁଖ୍ୟମନ୍ତ୍ରୀ ଭାବେ ଷ୍ଟାଲିନ୍ ସବୁଠୁ ଲୋକପ୍ରିୟ

ଚେନ୍ନାଇ, ୪।୪: ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ମତଦାନ ଅନୁଷ୍ଠିତ ହେବ। ଏଥର ନିର୍ବାଚନୀ ମୈଦାନରେ ଡିଏମ୍‌କେ ମେଣ୍ଟ ଆଗରେ ପୂର୍ବଠାରୁ ଅଧିକ ଶକ୍ତିଶାଳୀ ଏନଡିଏ ମେଣ୍ଟ ଓ ଲୋକପ୍ରିୟ ଅଭିନେତା ବିଜୟଙ୍କ ଟିଭିକେ ଦଳ ରହିଛି । ମେ'ରେ ନିର୍ବାଚନ ଫଳାଫଳ

### ମୁଖ୍ୟମନ୍ତ୍ରୀ ଚେହେରା ଭାବେ ବିଜୟ ଦ୍ୱିତୀୟ ପସନ୍ଦ

ଆସିବା ପରେ ଏମ୍‌କେ ଷ୍ଟାଲିନ୍ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେଉଛନ୍ତି କି ତାମିଲନାଡୁକୁ ଜଣେ ନୂଆ ମୁଖ୍ୟମନ୍ତ୍ରୀ ମିଳୁଛି ତାହା ଜଣାପଡ଼ିବ। ତେବେ ନିର୍ବାଚନ ପୂର୍ବରୁ ହୋଇଥିବା ଦୁଇଟି ପ୍ରାକ୍ ନିର୍ବାଚନୀ ସର୍ଭେରୁ ଷ୍ଟାଲିନଙ୍କ ଡିଏମ୍‌କେ ମେଣ୍ଟ ବିପୁଳ ବିଜୟ ହାସଲ କରିବାର ସମ୍ଭାବନା ଥିବା ଜଣାପଡ଼ିଛି।

ଲୋକ୍ ପୋଲ୍ ଏଜେନ୍ସି ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ତାମିଲନାଡୁ ବିଧାନସଭାରେ ମୋଟ ୨୩୪ ଆସନରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ନେତୃତ୍ୱାଧୀନ ମେଣ୍ଟ ୧୮୧ରୁ ୧୮୯ଟି ଆସନ ପାଇବ। ଡିଏମ୍‌କେ ମେଣ୍ଟ ୪୦.୧ ପ୍ରତିଶତ ଭୋଟ ସେୟାର ପାଇବ ବୋଲି ସର୍ଭେରେ କୁହାଯାଇଛି। ବିରୋଧୀ ଏଆଇଏଡିଏମ୍‌କେ ନେତୃତ୍ୱାଧୀନ ଏନଡିଏ ୩୮ରୁ ୪୨ ଟି ଆସନ ପାଇବ ବୋଲି ଏଥିରେ କୁହାଯାଇଛି। ସେହିପରି ମେଣ୍ଟର ଭୋଟ ସେୟାର ୨୯ ପ୍ରତିଶତ ରହିବ। ମାର୍ଚ୍ଚ ପହିଲାରୁ ଏପ୍ରିଲ ପହିଲା ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ଅଭିନେତା ତଥା ରାଜନେତା ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ପ୍ରଥମ ଥର ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ୮ରୁ ୧୦ଟି ଆସନ ଜିତିବ ଓ ଏହାର ଭୋଟ ସେୟାର ୨୩.୯ ପ୍ରତିଶତ ରହିବ ବୋଲି ସର୍ଭେରେ କୁହାଯାଇଛି। ଏନଟିକେ ଓ ଅନ୍ୟ ଦଳ ନିର୍ବାଚନରେ ବିଶେଷ କୌଣସି ପ୍ରଭାବ ପକାଇ ପାରିବେ ନାହିଁ ଓ ୪.୯ ପ୍ରତିଶତରୁ ୨.୧ ପ୍ରତିଶତ ମଧ୍ୟରେ ଏମାନଙ୍କ ଭୋଟ ସେୟାର ରହିବ। ସର୍ଭେରେ ଆହୁରି ମଧ୍ୟ କୁହାଯାଇଛି ଯେ, ରାଜ୍ୟର ସବୁଠୁ ଅଧିକ ଲୋକ ଷ୍ଟାଲିନଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଛନ୍ତି। ପସନ୍ଦର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ବିଜୟ ଦ୍ୱିତୀୟ ଓ ଏଆଇଏଡିଏମକେର ଇଡପ୍ପାଦୀ କେ. ପଲାନିସ୍ୱାମୀ ତୃତୀୟରେ ଅଛନ୍ତି। ଡିଏମ୍‌କେ ମେଣ୍ଟ କାଲାଇଗନର୍ ମାଗାଲିର ଉରିମାଇ ଥୋଗାଇ, ମାଗଣା ବସ୍ ଯାତ୍ରା ଏବଂ ଜଳଖିଆ ଯୋଜନା ପରି ଏହାର ଜନକଲ୍ୟାଣ ଯୋଜନା ପାଇଁ ରାଜ୍ୟରେ ଲୋକପ୍ରିୟ ରହିଛି। ବିଶେଷକରି ଗ୍ରାମୀଣ ଓ ଛୋଟ ସହରର ମହିଳାମାନେ ଦଳ ସହିତ ରହିଛନ୍ତି ବୋଲି ଲୋକ ପୋଲ୍ ସର୍ଭେ କହିଛି।



ଡିଏମ୍‌କେ ପାଇଁ ଆଉ ଏକ ବଡ଼ ସୁବିଧା ହେଉଛି, ବିରୋଧୀ ଭୋଟ ଏନ୍‌ଡିଏ ଓ ଟିଭିକେ ମଧ୍ୟରେ ବିଭାଜିତ ହେବ। ପ୍ରଥମ ଥର ଭୋଟର ଓ ଯୁବ ଭୋଟରଙ୍କ ମଧ୍ୟରେ ବିଜୟଙ୍କ ଦଳ ପ୍ରତି ଆକର୍ଷଣ ରହିଛି। ଏହି ସର୍ଭେରେ ୧ ଲକ୍ଷ ୧୭ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା। ପୋଲ୍ ଟ୍ରାକର୍ ପକ୍ଷରୁ କରାଯାଇଥିବା ସର୍ଭେରେ ମଧ୍ୟ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ପୁଣି ଥରେ କ୍ଷମତାକୁ ଫେରିବ ବୋଲି କୁହାଯାଇଛି। ସର୍ଭେରେ ଶାସକ ମେଣ୍ଟ ୧୭୨ରୁ ୧୭୮ ଆସନ ପାଇବ ବୋଲି କୁହାଯାଇଛି।



ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଅର୍ପଣ କରୁଛନ୍ତି।



ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଦେଉଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଉପରେ ରହସ୍ୟମୟ ଡ୍ରୋନ୍




**କୋଲକାତା,୪।୪(ସଂଚାର ବ୍ୟୁରୋ):** ପୁଣି ମାଲଦା ଖବରର ଶିରୋନାମାରେ। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ସାମ୍ନାରେ ହଠାତ୍ ଏକ ଡ୍ରୋନ୍ ଦେଖାଗଲା। ଶନିବାର ଦିନ, ମାଳତୀପୁରରେ ଏକ ସାଧାରଣ ସଭା ସମାପ୍ତ କରିବା ପରେ, ମମତା ବାନାର୍ଜୀ ଗାଜୋଲ ଅଭିମୁଖେ ଯାଉଥିଲେ। ସେ ତାଙ୍କ ହେଲିକପ୍ଟରରେ ଚଢ଼ିବାକୁ ଯାଉଥିବା ସମୟରେ, ହଠାତ୍ ଏକ ଡ୍ରୋନ୍ ତାଙ୍କ ମୁଣ୍ଡ ଉପରେ ଉଡ଼ିଗଲା। ଏହି ଦୃଶ୍ୟ ଦେଖି ମମତା ଅଟକିଗଲେ। ହେଲିକପ୍ଟରର ବୋର୍ଡିଂ ସିଡ଼ି ଉପରେ ପାଦ ଦେଇ ଏବଂ ହାତରେ ଏକ ମାଇକ୍ରୋଫୋନ୍ ଧରି ସେ ପଚାରିଥିଲେ, ଏସବୁ କିଏ କରୁଛି? କିଛି ଦିନ ପୂର୍ବରୁ, ମାଲଦାର କାଳିଆଚକରେ ଏକ ପ୍ରତିବାଦ ପ୍ରଦର୍ଶନ ମଧ୍ୟରେ ସାତ ଜଣ ବିଚାରପତିଙ୍କୁ ପ୍ରାୟ ଆଠରୁ ନଅ ଘଣ୍ଟା ପାଇଁ ବନ୍ଦୀ କରାଯାଇ ରଖାଯାଇଥିଲା। ସେହି ଘଟଣା ପରେ, ମମତା ବାନାର୍ଜୀ ଶନିବାର ମାଲଦା ଗସ୍ତ କରିଥିଲେ ଏବଂ ଏହି ଗସ୍ତ ସମୟରେ ହିଁ ସଦ୍ୟତମ ଘଟଣା ଘଟିଥିଲା। ତାଙ୍କ ହେଲିକପ୍ଟର ପାଖକୁ ଏକ ଡ୍ରୋନ୍ ଏପରି ଭାବରେ ଆସୁଥିବା ଦେଖି ମମତା ବାନାର୍ଜୀ ସ୍ପଷ୍ଟ ଭାବରେ କ୍ରୋଧିତ ହୋଇ ଯାଇଥିଲେ। ସେ କହିଥିଲେ, 'ଏହା ପଛରେ କିଏ ଅଛି? ପୋଲିସକୁ ସତର୍କ ରହିବାକୁ ପଡ଼ିବ। ଏହି କାର୍ଯ୍ୟରେ ଜଡିତ ସମସ୍ତଙ୍କୁ ଚିହ୍ନଟ କରିବାକୁ ପଡ଼ିବ। 'ଏହା ପଛରେ କ'ଣ କୌଣସି ବଡ଼ ଷଡ଼ଯନ୍ତ୍ର ଅଛି? ଏସବୁ କ'ଣ ବଙ୍ଗଳାର ନିୟନ୍ତ୍ରଣ ହାସଲ କରିବା ଲକ୍ଷ୍ୟରେ କରାଯାଉଛି?' ତୃଣମୂଳ ପକ୍ଷରୁ ଏମିତି ପ୍ରଶ୍ନ ଉଠାଯାଇଛି।

# ବନ୍ଧୁମିଳନ ନାଁରେ ହରିଶଙ୍କରଙ୍କ ଶକ୍ତି ପ୍ରଦର୍ଶନ




**କଟକ,୪।୪(ସଂଚାର ବ୍ୟୁରୋ):** କିଛିଦିନ ପୂର୍ବେ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା କଟକର ଛାତ୍ରନେତା ହରିଶଙ୍କର ରାଉତ ସ୍ଥାନୀୟ କାଠଯୋଡ଼ି ନଦୀ କୂଳରେ ଏକ ବନ୍ଧୁମିଳନର ଆୟୋଜନ କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୭ ଶହରୁ ଉର୍ଦ୍ଧ୍ୱ ଯୁବଛାତ୍ର ନେତାଙ୍କ ସହ କଂଗ୍ରେସର ନେତୃମଣ୍ଡଳୀ ଓ ବିଭିନ୍ନ ପୂଜା କମିଟିର ମୁରବୀମାନେ ଯୋଗଦେଇ ହରିଶଙ୍କରଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ମୁରବୀ, ସାମାଜିକ କାର୍ଯ୍ୟକର୍ତ୍ତା ଓ କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀଙ୍କୁ ହରିଶଙ୍କର ସମ୍ବର୍ଦ୍ଧିତ ମଧ୍ୟ କରିଥିଲେ।

# ୱାର୍ଲ୍ଡ ଆଥଲେଟିକ୍ସ ଚମ୍ପିଆନସିପ୍ ପାଇଁ କାଉଣ୍ଟଡାଉନ୍ ଆରମ୍ଭ

### ଓଡ଼ିଶାର ଆଶା, ଆକାଂକ୍ଷା ଓ ଗୌରବର ପ୍ରତୀକ

### ଏକ ସଫଳ ଆୟୋଜନ ପାଇଁ ଓଡିଶା ପ୍ରତିଶ୍ରୁତିବଦ୍ଧ: ମୁଖ୍ୟମନ୍ତ୍ରୀ

### ମୁଖ୍ୟମନ୍ତ୍ରୀଙ୍କୁ ଚାମ୍ପିଅନସିପ୍‌ର ପତାକା ପ୍ରଦାନ କଲେ କ୍ରୀଡ଼ାମନ୍ତ୍ରୀ




**ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ):** ଆଜି କଳିଙ୍ଗ ଷ୍ଟାଡିୟମଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପତାକା ପ୍ରଦାନ କରିଛନ୍ତି। ଏଥିସହ ଓଡ଼ିଶା ୨୦୨୮ରେ ଏହି ଗୌରବଜନକ ଚାମ୍ପିଅନସିପ୍ ଆୟୋଜନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି ବୋଲି ବାର୍ତ୍ତା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ରବୀନ୍ଦ୍ର ଚୌଧୁରୀ ଓ ଓଡିଶାର କ୍ରୀଡା ସଚିବ ଭୂପେନ୍ଦ୍ର ସିଂ ପୁନିଆ ପୋଲାଣ୍ଡରେ ଏହି ଚାମ୍ପିଅନସିପ୍‌ର ପତାକା ଗ୍ରହଣ କରିଥିଲେ। ଏହାଦ୍ୱାରା ଭାରତ ଓ ଓଡ଼ିଶାକୁ ଏହି ଚାମ୍ପିଅନସିପ୍ ଆୟୋଜନର ଦାୟିତ୍ୱ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି। ପୋଲାଣ୍ଡରେ ୱାର୍ଲ୍ଡ ଆଥଲେଟିକ୍ସ ଅଧ୍ୟକ୍ଷ ସେବାଷ୍ଟିଆନ୍ କୋଏ ଭାରତର ଓଡ଼ିଶାରେ ଏହି ଚାମ୍ପିଅନସିପ୍ ଆୟୋଜିତ ହେବ ବୋଲି ଘୋଷଣା କରିଥିଲେ। ଏହାଦ୍ୱାରା ବିଶ୍ୱ କ୍ରୀଡ଼ା ପଟଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି।

ଏହି ପତାକାକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା କେବଳ ଏକ ଇଭେଣ୍ଟ ନୁହେଁ, ଓଡ଼ିଶା କ୍ରୀଡ଼ା ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ୨୦୨୮ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହେବା ସହ ଏହି ପତାକା ଆମ ଆଶା, ଆକାଂକ୍ଷା ଓ ଗୌରବମୟ ଯାତ୍ରାର ପ୍ରତୀକ। ଏହା ହେଉଛି ସାରା ବିଶ୍ୱକୁ ଓଡ଼ିଶାର ପ୍ରତିଶ୍ରୁତି- ଏକ ସଫଳ, ଆକର୍ଷଣୀୟ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ। ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱିତା କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିବେ।

# ରାଜ୍ୟବ୍ୟାପୀ ଚଢ଼ାଉରେ ବିପୁଳ ଟଙ୍କା ଓ ଗଞ୍ଜେଇ ଜବତ



**କୋଲକାତା,୪।୪(ସଂଚାର ବ୍ୟୁରୋ):** ନିର୍ବାଚନ ପୂର୍ବରୁ, ଆର୍‌ପିଏଫ୍ ରାଜ୍ୟର ବିଭିନ୍ନ ରେଳ ଷ୍ଟେସନରେ ଚଢ଼ାଉ ଆରମ୍ଭ କରିଛି। ଏହି ଅପରେସନଗୁଡ଼ିକ ଫଳରେ ଲକ୍ଷ ଲକ୍ଷ ଟଙ୍କା ନଗଦ ଉଦ୍ଧାର କରାଯାଇଛି। ଏହା ସହିତ, ପ୍ରାୟ ୩୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ପ୍ରଚୁର ପରିମାଣର ନଗଦ ଜବତ ହେବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଆର୍‌ପିଏଫ୍ ସୂତ୍ର ଅନୁଯାୟୀ, ଏକ ସର୍ଚ୍ଚ ଅପରେସନ ସମୟରେ ବାରସାତର ବାମନଗାଛି ଷ୍ଟେସନରେ ଜଣେ ବ୍ୟକ୍ତିଙ୍କ ନିକଟରୁ ୩୨ ଲକ୍ଷ ୯୭ ହଜାର ୪୦୦ ଟଙ୍କା ଅହ ତାଙ୍କୁ ଗିରଫ କରାଯାଇଛି। ବ୍ୟକ୍ତି ଜଣକ ଏହି ବିପୁଳ ପରିମାଣର ଟଙ୍କାର ଗନ୍ତବ୍ୟସ୍ଥଳ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇପାରି ନଥିଲେ। ଏହା ବ୍ୟତୀତ, ସେ ପାଣ୍ଠି ପାଇଁ କୌଣସି ସମର୍ଥନକାରୀ ଡକ୍ୟୁମେଣ୍ଟେସନ୍ ପ୍ରଦାନ କରିପାରି ନଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା, ଏବଂ ମାମଲା କୋଲକାତା ଆୟକର ବିଭାଗକୁ ଖବର ଦିଆଯାଇଥିଲା। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ହାୱଡ଼ା ଷ୍ଟେସନରେ ଏକ ତଲାସୀ ଅଭିଯାନ ସମୟରେ ପ୍ରାୟ ୧୪ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା, ଯାହାର ବଜାର ମୂଲ୍ୟ ୬ ଲକ୍ଷ ୭୦ ହଜାର ଟଙ୍କା। ଏହି ଘଟଣାରେ ଆର୍‌ପିଏଫ୍ ଜଣଙ୍କୁ ଗିରଫ କରିଛି, ଗିରଫ ବ୍ୟକ୍ତିଙ୍କୁ ପରେ ଜିଆର୍‌ପିକୁ ହସ୍ତାନ୍ତର କରାଯାଇଛି। ପୃଥକ ଭାବରେ, ମାଲଦା ଟାଉନ୍ ଷ୍ଟେସନରେ ଏକ ତଲାସୀ ଅଭିଯାନ ସମୟରେ ପ୍ରାୟ ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି, ଯାହାର ମୂଲ୍ୟ ୨ ଲକ୍ଷ ୫୫ ହଜାର ଟଙ୍କା। ଏହା ବ୍ୟତୀତ, ନ୍ୟୁ ଜଲପାଇଗୁଡ଼ିରୁ ୪ ଲକ୍ଷ ୭୫ ହଜାର ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ନିର୍ବାଚନ ଘୋଷଣା ପୂର୍ବରୁ, ଜାତୀୟ ନିର୍ବାଚନ କମିଶନ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ଏବଂ ରାଜ୍ୟ ପୋଲିସର ଅଧିକାରୀଙ୍କ ସହିତ ବୈଠକ କରିଥିଲେ। ଏହି ବୈଠକ ସମୟରେ, ସମସ୍ତ ଏଜେନ୍ସିଗୁଡ଼ିକୁ ସୀମାନ୍ତ ଅଞ୍ଚଳ ଦେଇ ଅବୈଧ ନଗଦ ଚାଲାଣ ଏବଂ ପାଣ୍ଠିର ଚୋରା ଚାଲାଣ ସମ୍ପର୍କରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ନିଜ ଗଡ଼ରେ ହେନସ୍ତାର ମୁହଁରେ ଅଧୀର, ପ୍ରତିବାଦରେ କଂଗ୍ରେସର ରାସ୍ତା ଅବରୋଧ



**କୋଲକାତା,୪।୪(ସଂଚାର ବ୍ୟୁରୋ):** କଂଗ୍ରେସ ପ୍ରାର୍ଥୀ ଅଧିର ଚୌଧୁରୀଙ୍କୁ ତାଙ୍କ ନିଜ ଗଡ଼ରେ ହେନସ୍ତାର ଘଟଣାକୁ ନେଇ ସ୍ଥାନୀୟ କଂଗ୍ରେସ ନେତା ଏବଂ କର୍ମୀମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସେମାନେ ଏହି ଘଟଣାର ତୀବ୍ର ପ୍ରତିବାଦ କରିଛନ୍ତି। ଶନିବାର ଦିନ, ସେମାନେ ନବଗ୍ରାମର ପଞ୍ଚଗ୍ରାମ ଅଞ୍ଚଳରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ଫଳସ୍ୱରୂପ, ରାସ୍ତାରେ ଯାନବାହାନ ଚଳାଚଳ ଦୀର୍ଘ ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା, ଯାହା ଫଳରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ, ପରିସ୍ଥିତି ସ୍ୱାଭାବିକ ହୋଇଛି। ସୂଚନା ଅନୁଯାୟୀ, ଅବରୋଧର ଖବର ପାଇ ନବଗ୍ରାମ ଥାନାର ଏକ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରାୟ ଏକ ଘଣ୍ଟାର ପ୍ରୟାସ ପରେ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା। ପୋଲିସର ପ୍ରତିଶ୍ରୁତି ପରେ ଏଦିନ ଆନ୍ଦୋଳନକାରୀମାନେ ଅବରୋଧ ହଟାଇଥିଲେ। ସ୍ଥାନୀୟ କଂଗ୍ରେସ ନେତା ମୀର ବାଦାମ ଅଲି କହିଛନ୍ତି, 'ଏଦିନ ଆମର ଏକ ନିର୍ଦ୍ଧାରିତ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ ଥିଲା।

## ବହୁ ପରିମାଣର ମଦ ଜବତ, ୨ ଗିରଫ

**କୋଲକାତା, ୪।୪(ସଂଚାର ବ୍ୟୁରୋ):** ନିର୍ବାଚନ ପାଖେଇ ଆସୁଛି। ନିର୍ବାଚନ ପୂର୍ବରୁ, ପଶ୍ଚିମ ମେଦିନୀପୁର ଜିଲ୍ଲାରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ସକ୍ରିୟ ଭାବରେ କାର୍ଯ୍ୟ କରୁଛି। ନିର୍ବାଚନ କମିଶନଙ୍କ କଡ଼ା ନିର୍ଦ୍ଦେଶ ଅନୁଯାୟୀ, ରାସ୍ତା ଯାଞ୍ଚ ଏବଂ ତଲାସୀ ଅଭିଯାନକୁ ଜୋରଦାର କରାଯାଇଛି। ଏହି ଆବାହରେ, କେସିଆରି ଥାନା ଅଧୀନରେ ଥିବା ପୋଲିସ ଦୁଇଟି ପୃଥକ ପୃଥକ ଅଭିଯାନ ସମୟରେ ବିପୁଳ ପରିମାଣର ମଦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଜବତ ମଦର ବଜାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ପୋଲିସ ସୂତ୍ର ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ପ୍ରଥମ ଅଭିଯାନ କରାଯାଇଥିଲା। ଏକ ସୂଚନା ଆଧାରରେ, କେସିଆରୀ ଥାନାର ପୋଲିସ ସାନ୍ତରାପୁର ଗ୍ରାମର ଅଜୟ ଦୁଆ ନାମକ ଜଣେ ଯୁବକଙ୍କ ବାସଭବନରେ ଚଢ଼ାଉ କରିଥିଲା। ତଲାସୀ ସମୟରେ ତାଙ୍କ କୋଠରୀରୁ ୧୩୭ ଲିଟର ବିଦେଶୀ ମଦ ଏବଂ ୨୯ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ପୋଲିସ ଜଣାଇଛି ଯେ ଜବତ ମଦର ଆନୁମାନିକ ବଜାର ମୂଲ୍ୟ ୧ ଲକ୍ଷ ୫ ହଜାର ଟଙ୍କା। ଅଭିଯୁକ୍ତ ଅଜୟଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା।

# ରାଜଧାନୀ ପାଇଁ ବିପଦ ପ୍ରଦୂଷିତ ଗଙ୍ଗୁଆ



**ଭୁବନେଶ୍ୱର,୪।୪:** ରାଜଧାନୀର ଜଳ ନିଷ୍କାସନ ପାଇଁ ଥିବା ପ୍ରାକୃତିକ ନାଳ ଗଙ୍ଗୁଆ ଏବେ ରାଜଧାନୀବାସୀଙ୍କ ପାଇଁ ବିପଦ ପାଲଟିଛି। ଏହାର ଜଳ ପ୍ରଦୂଷିତ ହେବା ସହିତ ସହର ଭିତରେ ମଶାବଂଶ ବୃଦ୍ଧିର ପ୍ରମୁଖ ସ୍ଥଳୀ ପାଲଟିଛି। ଚନ୍ଦକାରୁ ବାହାରି ଦୟା ନଦୀରେ ମିଶିଥିବା ୪୫ କିଲୋମିଟର ଦୈର୍ଘ୍ୟ ଗଙ୍ଗୁଆ ନାଳ ସହର ଭିତରେ ୨୩ କିଲୋମିଟର ପ୍ରବାହିତ ହେଉଛି। ସହର ଭିତରରୁ ଜଳ ନିଷ୍କାସନର ଏହା ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ ଏବେ ଜଳ ସହ ଏହା ମଳ ନିଷ୍କାସନର ବି ମାଧ୍ୟମ ପାଲଟିଛି। ଅନେକ ସ୍ଥାନରେ ସ୍ୱେରେଜ ବର୍ଜ୍ୟକବେି ଲୋକେ ସିଧାସଳଖ ଗଙ୍ଗୁଆରେ ଛାଡ଼ିବା ଯୋଗୁଁ ଏହାର ଜଳ ଅତ୍ୟନ୍ତ ଦୂଷିତ ହେବାରେ ଲାଗିଛି। ଗଙ୍ଗୁଆର ଜଳ ଦୂଷିତ ହୋଇଥିବା ନିଜେ ସରକାର ବି ସ୍ୱୀକାର କରିଛନ୍ତି। ଏହାର ଜଳ ଏଭଳି ପ୍ରଦୂଷିତ ହୋଇଛି ଯେ ପ୍ରାକୃତିକ ଉପାୟରେ ଏହାକୁ ବିଶୋଧନ କଲେ ବି ଏହା ସେବନ ପାଇଁ ଅତ୍ୟନ୍ତ ଅନୁପଯୁକ୍ତ। ରାଜଧାନୀର ବର୍ଜ୍ୟ ଏହି ନାଳରେ ମିଶିବା ଫଳରେ ଏଭଳି ସ୍ଥିତି ଉପୁଜିଛି। ରାଜଧାନୀର ମଳକୁ ବୋହୁଥିବା ଗଙ୍ଗୁଆ ଏବେ ନିଜେ ପ୍ରଦୂଷିତ ହେବା ସହ ଦୟା ନଦୀକୁ ବି ପ୍ରଦୂଷିତ କରିବାରେ ଲାଗିଛି। ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ ପାଇଁ ସରକାର ୫ଟି ବର୍ଜ୍ୟଜଳ ବିଶୋଧନାଗାର ପ୍ରତିଷ୍ଠା କରିଛନ୍ତି। ହେଲେ ଏହା ସହରରୁ ବାହାରୁଥିବା ସମସ୍ତ ଜଳକୁ ବିଶୋଧନ କରିପାରୁ ନାହିଁ। ଏଥି ସହିତ ୭୫ଏମଏଲ୍‌ଡି କ୍ଷମତା ବିଶିଷ୍ଟ ଦୁଇଟି ମଳ ପରିଚାଳନା କେନ୍ଦ୍ର ବି କାର୍ଯ୍ୟକ୍ଷମ ରହିଛି। ତେବେ ସ୍ଥିତିର ଗମ୍ଭୀରତାକୁ ଦେଖି ଆଉ ଗୋଟିଏ ୬୦ ଏମଏଲଡି ବିଶିଷ୍ଟ ବର୍ଜ୍ୟଜଳ ପରିଚାଳନା କେନ୍ଦ୍ର ଗଙ୍ଗୁଆ ଓ ଦୟାନଦୀର ସଙ୍ଗମସ୍ଥଳରେ ନିର୍ମାଣ ପାଇଁ ଯୋଜନା ରହିଛି। ଏହା କାର୍ଯ୍ୟକ୍ଷମ ହେଲେ ଦୟାନଦୀକୁ ପ୍ରଦୂଷଣରୁ କିଛିଟା ରକ୍ଷା କରାଯାଇ ପାରିବ ବୋଲି ସରକାର କହୁଛନ୍ତି। ତେବେ ଗଙ୍ଗୁଆକୁ ଅଧିକ ପ୍ରଦୂଷଣରୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ସେଭଳି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଉନାହିଁ। ବଡ ପ୍ରକଳ୍ପ ହାତକୁ ନେବା ପୂର୍ବରୁ ବର୍ତ୍ତମାନ ଗଙ୍ଗୁଆନାଳ ଆଖପାଖର ଲୋକେ ଏଠାରେ ଯେଭଳି ବର୍ଜ୍ୟ ନଫିଙ୍ଗିବେ ସେଥିପାଇଁ କଠୋରତା ଦେଖାଇବା ଜରୁରୀ ହୋଇପଡିଛି। ନାଳର ଆଖପାଖରେ ଗଢ଼ି ଉଠିଥିବା ବସ୍ତି ଓ ଜନବସତିର ବର୍ଜ୍ୟଜଳ ଓ ମଳ କେଉଁ ସ୍ଥାନରେ ପଡୁଛି ତାହାର ସର୍ଭେ ହେବା ଆବଶ୍ୟକ। ଯେଉଁମାନେ ଗଙ୍ଗୁଆ ନାଳକୁ ସିଧାସଳଖ ବର୍ଜ୍ୟ ଛାଡୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋହନଙ୍କ...

କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁଷଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣୀ ଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସେସ୍, ଆର୍କିଟେକ୍‌ଚର, ପ୍ଲାନିଂ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶିତ ଅନ୍ୟ ଯେକୌଣସି ପାଠ୍ୟକ୍ରମମାନଙ୍କରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାର୍ଟିଫିକେଟ, ଡିପ୍ଲୋମା ଓ ଡିଗ୍ରୀ ପ୍ରଦାନ କରାଯାଉଥିବା କ୍ଷେତ୍ରରେ ମଧ୍ୟ ଏହି ନୂତନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ଦୀର୍ଘଦିନ ଧରି ରାଜ୍ୟର ବୈଷୟିକ, ବୃତ୍ତିଗତ, ମେଡିକାଲ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ସେମାନଙ୍କ ପାଇଁ ସଂରକ୍ଷଣ ମାତ୍ର ୧୨ ପ୍ରତିଶତ ଥିଲା। ସେହିପରି ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ସେମାନଙ୍କ ପାଇଁ ମାତ୍ର ୮ ପ୍ରତିଶତ ସଂରକ୍ଷଣ ଥିଲା। ଏହାଛଡ଼ା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପାଇଁ କୌଣସି ସଂରକ୍ଷଣ ନ ଥିଲା। ସାମାଜିକ ନ୍ୟାୟ ପ୍ରଦାନ ଓ ସଶକ୍ତିକରଣ କ୍ଷେତ୍ରରେ ଏହି ପାର୍ଥକ୍ୟ ସମସ୍ୟା ସୃଷ୍ଟି କରୁଥିଲା। ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ମୁଖ୍ୟ ସ୍ରୋତରୁ ବାହାରେ ଥିବା ଏହି ବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ଅଧିକାରର ସୁରକ୍ଷା ପାଇଁ ଅନେକ ଆନ୍ଦୋଳନ, ଦାବି ଓ ସଚେତନତା ସୃଷ୍ଟି ହୋଇଥିଲେ ମଧ୍ୟ ତାଙ୍କର ସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ କୌଣସି ସରକାର ଏପରି ପଦକ୍ଷେପ ନେଇ ନ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସରକାର ଏହି ଏସଟି, ଏସସି ଓ ପଛୁଆ ବର୍ଗ ପିଲାମାନଙ୍କର ଶିକ୍ଷାଗତ ଅଧିକାର ଓ ସଶକ୍ତିକରଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ବଳିଷ୍ଠ ମାଧ୍ୟମ ହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ୟୁଜି ଓ ପିଜିକୁ ମିଶାଇ ରାଜ୍ୟର ସମୁଦାୟ ମେଡିକାଲ ସିଟ ସଂଖ୍ୟା ୨୪୨୧। ଏହି ନୂତନ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବା ପରେ ଏଥିମଧ୍ୟରୁ ଅନୁସୂଚିତ ଜନଜାତି (ଏସଟି)ଙ୍କ ପାଇଁ ସିଟ ସଂଖ୍ୟା ୨୯୦ରୁ ବୃଦ୍ଧି ପାଇ ୫୪୫ରେ ପହଞ୍ଚିବ। ଅନୁସୂଚିତ ଜାତି (ଏସସି)ଙ୍କ ପାଇଁ ସିଟ ସଂଖ୍ୟା ୧୯୩ରୁ ବୃଦ୍ଧି ପାଇ ୩୯୩ ହେବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭୨ ସିଟ ସଂରକ୍ଷିତ ରହିବ। ପୂର୍ବରୁ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଆଦୌ ସଂରକ୍ଷଣ ନ ଥିଲା।

ଆହୁରି ରାଜ୍ୟରେ ସମୁଦାୟ ଇଞ୍ଜିନିଅରିଂ ସିଟ ସଂଖ୍ୟା ୪୪,୫୬୯ ମଧ୍ୟରୁ ଅନୁସୂଚିତ ଜନଜାତି (ଏସଟି)ଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ୫,୩୪୯ରୁ ବୃଦ୍ଧି ପାଇ ୧୦,୦୩୦ ହେବ।

ଅନୁସୂଚିତ ଜାତି (ଏସସି)ଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ୩,୫୬୬ରୁ ୭୨୪୪କୁ ବୃଦ୍ଧି ପାଇବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସଇବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୫୦୧୫ ସଂରକ୍ଷିତ ରହିବ। ପୂର୍ବରୁ ଏସଇବିସିଙ୍କ ପାଇଁ ଆଦୌ ସଂରକ୍ଷଣ ବ୍ୟବସ୍ଥା ନ ଥିଲା।

## ସୁଦୃଢ଼...

ତଥା 'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା' (ଏସଏଫଏସଏସ) ଅଧୀନସ୍ଥ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ କୋଟା ବଣ୍ଟନ କରିବା ପାଇଁ ସ୍ଥିର କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସାଧାରଣ ବ୍ୟଣ୍ଟନ ବ୍ୟବସ୍ଥା ଅଧୀନସ୍ଥ ସମସ୍ତ ହିତାଧିକାରୀ ପରିବାର ପାଇଁ, ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡପିଛା ମାସିକ ୫ କିଲୋ ଅତିରିକ୍ତ ଚାଉଳ ମାଗଣାରେ ଦିଆଯିବ। ଆଜି ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

ରାଜ୍ୟରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭ ଲକ୍ଷ ୯୭ ହଜାର ୫୭୨ ପରିବାରର ୩ କୋଟି ୨୨ ଲକ୍ଷ ୮୯ ହଜାର ୬୯୨ ସଦସ୍ୟ ଉପକୃତ ହେଉଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ ଲକ୍ଷ ୯୮ ହଜାର ୭୨୫ ପରିବାରର ୫ ଲକ୍ଷ ୬୨ ହଜାର ୭୩୭ ସଦସ୍ୟ ଉପକୃତ ହେଉଛନ୍ତି।

ଉଭୟ ଯୋଜନାରେ ସମୁଦାୟ ୧ କୋଟି ୯୬ ହଜାର ୨୯୭ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ୪୨୯ ସଦସ୍ୟ ଉପକୃତ ହେଉଛନ୍ତି।

ଏହି ସମସ୍ତ ହିତାଧିକାରୀ ବର୍ତ୍ତମାନ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ସୁବିଧା ପାଇବେ। ଏହାଦ୍ୱାରା ମାସିକ ହାରାହାରି ୧.୬୪ ଲକ୍ଷ ମେଟ୍ରିକ ଟନ ହିସାବରେ ବାର୍ଷିକ ପ୍ରାୟ ୧୯.୭୧ ଲକ୍ଷ ମେଟ୍ରିକ ଟନ ଚାଉଳ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ୍ ଅଧୀନସ୍ଥ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଦେୟମୁକ୍ତ ଚାଉଳ ଦିଆଯିବ।

ଏ ବାବଦରେ ମାସିକ ୭୩୪ କୋଟି ଟଙ୍କା ହାରରେ ବାର୍ଷିକ ୮,୮୧୩ କୋଟି ଟଙ୍କା ଖର୍ଚ୍ଚ ହେବ। ଏନେଇ ଚଳିତ ବଜେଟରେ ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ରାଜ୍ୟ କ୍ୟାବିନେଟ୍ ମୋଟ ୧୩ ବିଭାଗର ୧୬ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି।

## ୧.୪ ଲକ୍ଷ...

ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ 'ଏକ୍ସ'ରେ ଏନେଇ ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଦେଖୋ ଅପ୍‌ନା ଦେଶ' ଓ ପର୍ଯ୍ୟଟନ ବିକାଶର ଦୂରଦୃଷ୍ଟି ଆଜି ଦେବ୍ରିଗଡ଼ରେ ବାସ୍ତବ ରୂପ ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହଯୋଗରେ ଓଡ଼ିଶା ଇକୋଟୁରିଜମ୍ କ୍ଷେତ୍ରରେ ବିଶ୍ୱ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ପ୍ରକୃତି ହୋମ-ଷ୍ଟେ 'ଧୋଡ୍ରୋକୁସୁମ୍' ଭଳି ଅଭିନବ ପରିକଳ୍ପନା ରାଜସ୍ୱ ବୃଦ୍ଧି ସମେତ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛି। ବନ୍ୟପ୍ରାଣୀ ସଂରକ୍ଷଣ ସହ ଗ୍ରାମାଞ୍ଚଳର ବିକାଶ ଓ ସ୍ଥାନୀୟ ଲୋକଙ୍କୁ ଜୀବିକା ଯୋଗାଇବାରେ ଏପରି ଏକ ପ୍ରୟାସ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ଜଣେ ବି ଶିଶୁ...

ତଥା ସେମାନଙ୍କ ଅଭିଭାବକମାନଙ୍କୁ ଶୁଭକାମନା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତବର୍ଷଠାରୁ ଏହି ପରମ୍ପରାକୁ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ଆମେ ଚଳିତ ବର୍ଷ ରାଜ୍ୟରେ ରେକର୍ଡସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣପତ୍ର ବାଣ୍ଟିଛୁ।

ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ତା' ସୁନିଶ୍ଚିତ କରିବା ପାଇଁ ଆମେ ଏହି ଉତ୍ସବ ଆରମ୍ଭ କରିଛୁ। ଶିଶୁ ମନରେ ଶିକ୍ଷା ପ୍ରତି ଯେପରି ଭୟ ନୁହେଁ, ବରଂ ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଆମର ଲକ୍ଷ୍ୟ ହେଉଛି ଶତପ୍ରତିଶତ ନାମଲେଖା। ନୂତନ ଶିକ୍ଷା ନୀତି ଅନୁଯାୟୀ ଅଙ୍ଗନବାଡ଼ିଗୁଡ଼ିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି ଗଣମାଧ୍ୟମ ପ୍ରତିନିଧିମାନେ କାମ କରିଥାନ୍ତି। ଓଡ଼ିଶାର ପ୍ରତିଟି ଶିଶୁ ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ଉଦ୍ୟମ କରିବା ଦରକାର। ଏଥିସହ ଏହି ଶିକ୍ଷା ଅଭିଯାନକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରିବା ସକାଶେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସହ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ପିଲାମାନଙ୍କୁ ନିଜ ପିଲା ଭଳି ସ୍ନେହ କରିବା ସହ ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୁପଣ କରି ବିକାଶ ପ୍ରତି ଯତ୍ନବାନ ନେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ମଧ୍ୟ କରିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ଥିଲେ।

## ବଂଶଧାରା...

ଉଦ୍ୟମ କରିବାରୁ ଓଡ଼ିଶା ଏହା ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ୨୦୧୦ରେ ବଂଶଧାରା ଜଳ ଟ୍ରିବ୍ୟୁନାଲ୍ ଗଠିତ ହୋଇଥିଲା।

ସେହିପରି ରାୟରେ ଆନ୍ଧ୍ରକୁ ନେରେଡ଼ି ବ୍ୟାରେଜ୍ ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁମତି ମିଳିଛି। ଡାହାଣ ଡାଇକରେ ୮୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ସ୍ଲୁଇସ୍ ଗେଟ୍ ନିର୍ମାଣ ସକାଶେ ଅନୁମତି ଦିଆଯାଇଛି।

ଓଡ଼ିଶା ପାଇଁ ବାମ ପାଖରେ ଆଉ ଏକ ସ୍ଲୁଇସ୍ ଗେଟ୍ ମଧ୍ୟ ନିର୍ମାଣ ସକାଶେ ଅନୁମତି ରହିଛି। ଅବଶିଷ୍ଟ୬ ମାସରେ ନଦୀର ଜଳପ୍ରବାହକୁ ଉଭୟ ରାଜ୍ୟ ୫୦: ୫୦ ଅନୁପାତରେ ବାଣ୍ଟିନେବେ ବୋଲି ରାୟରେ କୁହାଯାଇଛି। ନେରେଡି ବ୍ୟାରେଜ ପ୍ରକଳ୍ପ ପାଇଁ ଆବଶ୍ୟକ ୧୦୬ ଏକର ଜମି ଓଡ଼ିଶା ବର୍ଷେ ମଧ୍ୟରେ ଆନ୍ଧ୍ରକୁ ହସ୍ତାନ୍ତର କରିବ। ଏହି ଜମିର କ୍ଷତିପୂରଣ ଆନ୍ଧ୍ର ସରକାର ବହନ କରିବେ।

ଚାଷୀଙ୍କ ସ୍ୱାର୍ଥରେ ପାର୍ଶ୍ୱ କେନାଲ୍ ଦେଇ ୮ ଟିଏମ୍‌ସି ଜଳ ବ୍ୟବହାର କରାଯିବ।

ଏହାର ପରିଚାଳନା ପାଇଁ ଉଭୟ ରାଜ୍ୟର ପ୍ରତିନିଧି ସହ ଏକ କମିଟି ବି ଗଠିତ ହେବ। ତେବେ ଏହି ରାୟ ଓଡ଼ିଶାର କୃଷି ଓ ଜଳସମ୍ପଦ ଉପରେ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି।

ସେପଟେ ବଂଶଧାରା ଟ୍ରିବ୍ୟୁନାଲ ରାୟକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି ଓଡ଼ିଆ ଅସ୍ମିତା ପରିଷଦ। ପଲାସା -ଇଚ୍ଛାପୁରମ ରେଳ ଲାଇନ ଓଡ଼ିଶାରୁ ଅଲଗା ହେବା ପରେ ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ନିର୍ମାଣକୁ ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ସବୁଜ ସଂକେତ ଦେବା ଓଡ଼ିଶା ପାଇଁ ଆଉ ଏକ ବଡ଼ ଧକ୍କା ବୋଲି କହିଛନ୍ତି ଓଡ଼ିଆ ଅସ୍ମିତା ପରିଷଦ ଆବାହକ ରବି ବେହେରା। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ସରକାର ତୁରନ୍ତ ବଂଶଧାରା ଟ୍ରିବ୍ୟୁନାଲ ରାୟକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିବା ସକାଶେ ଦାବି କରି ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଥିବା ଜଣାପଡ଼ିଛି।

## କୁରୁମ୍ପୁରୀ-ରାଜ ...

ଆହୁରି ସୁଦୃଢ଼ ହେବ। ଏଥିସହ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଓ ଗଞ୍ଜାମ ମଧ୍ୟରେ ମାଲ ପରିବହନ କାର୍ଯ୍ୟ ବି ପୂର୍ବାପେକ୍ଷା ଅଧିକ ତ୍ୱରାନ୍ୱିତ ହୋଇପାରିବ। ଏହି ପ୍ରକଳ୍ପ ଜରିଆରେ ବ୍ଲାକସ୍ପଟ୍‌ଗୁଡ଼ିକର ପୁନଃଚିହ୍ନଟ ସାଙ୍ଗକୁ ଦୁଇଚକିଆ ଯାନର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଦାରିଙ୍ଗବାଡ଼ି, ସୁନାବେଡ଼ା ଅଭୟାରଣ୍ୟ ଭଳି ପର୍ଯ୍ୟଟନସ୍ଥଳୀ ଓ ଅର୍ଥନୈତିକ କରିଡର୍‌ର ବିକାଶରେ ମଧ୍ୟ ସହଯୋଗ କରିବ। କେନ୍ଦ୍ର ସରକାରଙ୍କ ଏହି କରିଡର ବିକାଶ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସଡ଼କ ପରିବହନ ମନ୍ତ୍ରୀଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି।

## ଚିନ୍ତାରେ...

ଗତ ଥର ଆଳୁ ସଙ୍କଟ ସମୟରେ ଓଡ଼ିଶା ସରକାର ଉତ୍ତର ପ୍ରଦେଶରୁ ଆଳୁ ଆଣିବାକୁ ଘୋଷଣା କରିଥିଲେ। ସେଠାରୁ କିଛି ଟ୍ରକ ଆଳୁ ବି ଆସିଥିଲା। ହେଲେ ଓଡ଼ିଶାରେ ପହଞ୍ଚିଲା ବେଳକୁ ସେଥିରୁ ଅଧା ଆଳୁ ପଚି ସଢ଼ିଯାଇଥିଲା। ଟ୍ରେନରେ ଉତ୍ତର ପ୍ରଦେଶରୁ ଆଳୁ ଆସିବା କେବଳ ଘୋଷଣାରେ ରହିଗଲା। କେବଳ ଆଳୁ ନୁହେଁ, ମଧୁର ଜଳ ମାଛ ପାଇଁ ମଧ୍ୟ ଓଡ଼ିଶା ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ଏହାଛଡ଼ା ଅନ୍ୟାନ୍ୟ ବହୁ ଖାଦ୍ୟ ସାମଗ୍ରୀ ଓ ପୋଷାକ ପାଇଁ ଓଡ଼ିଶାର ବ୍ୟବସାୟୀମାନେ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶାର ନେତାମାନେ ପଶ୍ଚିମବଙ୍ଗମୁହାଁ ହେଉଥିବା ବେଳେ ଓଡ଼ିଶାର ବ୍ୟବସାୟୀମାନଙ୍କ ମୁହଁ ଶୁଖିଯିବାରେ ଲାଗିଛି। ସେମାନେ ଏବେ ଖାଲି ନିର୍ବାଚନର ପରିଣାମକୁ ଅପେକ୍ଷା କରିଛନ୍ତି।

## ମିଳିଲା ଜଙ୍ଗଲ...

ସର୍ତ୍ତ ବି ପାଳନ କରିବାକୁ ପଡ଼ିବ।

ବିବାଦ ପରେ ବିମାନ ବନ୍ଦର ଅଞ୍ଚଳରେ କେନ୍ଦ୍ରୀୟ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରିଥିଲେ। ବନ୍ୟଜନ୍ତୁ ପ୍ରଜାତି, ଇରାୱାଡି ଡଲଫିନ୍, ପ୍ରବାସୀ ଜଳପକ୍ଷୀ, ଅଲିଭ ରିଡ୍‌ଲେ ସମୁଦ୍ର କଇଁଛ ଇତ୍ୟାଦିକୁ ନେଇ ଟିମ୍ ଅନୁଶୀଳନ କରିଥିଲେ। ଏହାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ ବିଶେଷଜ୍ଞ ଟିମ୍। ତା'ପରେ ଉଭୟ ଜୈବ ବିବିଧତା ଓ ବନ୍ୟଜନ୍ତୁ ଅନୁଶୀଳନକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଅଞ୍ଚଳର ଭିତ୍ତିଭୂମିରେ ଉଲ୍ଲେଖନୀୟ ଉନ୍ନତି ଆଣିବା, ସଂଯୋଗୀକରଣ ବୃଦ୍ଧି କରିବା ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା। ପ୍ରାୟ ୨୨୦୩ କୋଟି ଟଙ୍କା ବିନିଯୋଗରେ ଘରୋଇ-ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ଏହି ବିମାନ ବନ୍ଦରର ରବିକାଶ ଯୋଜନା ରହିଛି।

## ଆରାଇ ଅଫିସରେ ୩ ମାସ ହେଲା ଲିଭୁନାହିଁ ବିଜୁଳି ବଲ୍ବ



ଯାଜପୁର ରୋଡ୍, ୪।୪ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳ ସହରର ତହସିଲ ଅଫିସ ପାର୍ଶ୍ୱରେ ଥିବା ଆରାଇ ଅଫିସ ଦୁଆର ବାରଣ୍ଡାରେ ଲାଗି ରହିଥିବା ବିଜୁଳି ବଲ ଆଜକୁ ପ୍ରାୟ ୩ମାସ ହେଲା ଜଳୁଛି, ଲିଭାଯାଇ ପାରୁନାହିଁ କାରଣ ଏହି ବଲ ପାଇଁ ଲାଗି ଥିବା ସୁଇଚ୍ଟି ଖରାପ ହୋଇଯାଇଛି ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ବିନା ଆବଶ୍ୟକତାରେ ବିଦ୍ୟୁତ୍ ନଷ୍ଟକୁ ନେଇ ସାଧାରଣରେ ଜନତାମାନଙ୍କ ପକ୍ଷରୁ ନିନ୍ଦା କରାଯାଉଛି। ତେଣୁ ଏହି କାର୍ଯ୍ୟାଳୟର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ଏଠାରେ ଚାଲିଥିବା ବିଦ୍ୟୁତ ନଷ୍ଟ ପ୍ରତି ରୋକ୍ ଲଗାଇବା ପ୍ରତି ଧ୍ୟାନ ଦେବାକୁ ଅଂଚଳର ଜନସାଧାରଣମାନେ ଦାବି କରିଛନ୍ତି।

## ଛାତ୍ରାବାସରେ ବିଭିନ୍ନ ସମସ୍ୟା ନେଇ କଲେଜ ଛାତ୍ରଙ୍କ ବିକ୍ଷୋଭ



ସୁନ୍ଦରଗଡ଼,୪।୪ (ସଂଚାର ବ୍ୟୁରୋ): ପ୍ରବଳ ଖରା ବଢ଼ୁଥିବା ବେଳେ ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଗାଙ୍ଗପୁର ଛାତ୍ରାବାସର ଛାତ୍ରମାନେ ବିଭିନ୍ନ ସମସ୍ୟା ନେଇ ପ୍ଲାଗକାର୍ଡ ଧରି କଲେଜ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳିଛି। ଏହି ଛାତ୍ର ନିବାସରେ ୩୦୦ଜଣ ଛାତ୍ର ରହୁଥିବା ବେଳେ ମାତ୍ର ୩ଟି ଶୌଚାଳୟ ରହିଛି। ଯାହାକି ଛାତ୍ରମାନଙ୍କ ପାଇଁ ଅନେକ ସମସ୍ୟା ଭୋଗିବାକୁ ପଡୁଛି। ଅପରିଷ୍କାର ପରିବେଶରେ ଶୌଚ କରିବାକୁ ବାଧ୍ୟ ହୋଇଥିବା ବେଳେ ପିଇବା ପାଇଁ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳର ସଂକଟ ରହିଛି। ଏହି ସମସ୍ୟାକୁ ନେଇ ଛାତ୍ରମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ଦେଇଥିଲେ ମଧ୍ୟ କୌଣସି ପ୍ରକାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏହା ସହିତ ଛାତ୍ରାବାସରେ ଛାତ୍ରମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଛି ବୋଲି ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଲେଜ ଅଧ୍ୟକ୍ଷାଙ୍କୁ ଆମ ପ୍ରତିନିଧି ଭେଟି ମତାମତ ଲୋଡ଼ିବାରୁ କହିଥିଲେ ଛାତ୍ରମାନଙ୍କ ପାଣି ସମସ୍ୟା ଅତିଶୀଘ୍ର ସମାଧାନ କରାଯିବ ଏବଂ ବାକି ସମସ୍ୟା ଗୁଡିକ ମଧ୍ୟ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ହିଞ୍ଜିଳିରେ କେବେ ଖୋଲିବ ଜଳଛତ୍ର ?




ହିଞ୍ଜିଳିକାଟୁ, ୪।୪ (ସଂଚାର ବ୍ୟୁରୋ): ଗତ କିଛି ଦିନ ହେଲା ହିଞ୍ଜିଳିରେ ତାପମାତ୍ରା ୩୦ ଡ଼ିଗ୍ରୀ ଉପରେ ରହୁଛି। ଗତ ବର୍ଷ ଏତେ ବେଳୁ ଜଳଛତ୍ର ଖୋଲି ତିନି ସପ୍ତାହ ବିତିଲାଣି ହେଲେ ଚଳିତ ବର୍ଷ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲିନାହିଁ। ପ୍ରତିଦିନ ବ୍ୟବସାୟ ଉଦ୍ଦେଶ୍ୟ ହେଉ ଅବା ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଶହ ଶହ ଲୋକ ଅବା ବିଦ୍ୟାର୍ଥୀ ସହରମୁହାଁ ହୋଇଥିଲେ ବି ତଣ୍ଟିକୁ ପାଣି ଟୋପେ ମିଳୁନି। କଂକ୍ରିଟ ରାସ୍ତା ଓ କଳା ପିଚୁ ରାସ୍ତାରେ ଉତ୍ତାପ ପ୍ରତିଫଳିତ ହୋଇ ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପ୍ରଚଣ୍ଡ ରୌଦ୍ରତାପ ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଆରଏମସି ଛକରୁ ବଇଁଚ ବଣିଆ ଛକ ଗହଳିଚହଳି ଲାଗି ରହିଥାଏ। ପୂର୍ବ ବର୍ଷ ଗୁଡ଼ିକରେ ପୌର ପରିଷଦ ପକ୍ଷରୁ ସହରର ମୁଖ୍ୟ ଛକ ଯଥା - ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା, ହିଞ୍ଜିଳି ବସଷ୍ଟାଣ୍ଡ, ଡାକ ବଙ୍ଗଳା ଛକ, ବ୍ଲକ କାର୍ଯ୍ୟାଳୟ ଓ କଲେଜ ରୋଡ଼ରେ ଜଳଛତ୍ର ଖୋଲାଯାଇଥିଲା; କିନ୍ତୁ ବିଦ୍ୟୁତ ବିଭାଗକୁ ଛାଡିଦେଲେ ଅନ୍ୟ କୋଉଠି ବି ପାଣି ମୁନ୍ଦେ ମିଳୁନି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୁନିସିପାଲିଟି ପକ୍ଷରୁ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ହିଞ୍ଜିଳି ବ୍ଲକର କାଭାଁ ଗୋଟିଏ ଦୁଇଟି ଛାଡ଼ିଦେଲେ ପ୍ରତି ପଂଚାୟତ ଗୁଡ଼ିକରେ ଜଳଛତ୍ର ଖୁବ ଶୀଘ୍ର ଖୋଲିବାକୁ ଦାବି ହୋଇଛି।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

ବାଲିଆପାଳ,୪।୪ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଘଣ୍ଟୁଆ ପରିସରରେ ବ୍ଲକ ସ୍ତରୀୟ 'ପ୍ରବେଶ ଉତ୍ସବ' ଓ 'ଶିକ୍ଷା ସଚେତନତା ରଥ' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର ପ୍ରସାର ଓ ଶତ ପ୍ରତିଶତ ନାମଲେଖାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏ.ବି.ଇ.ଓ ତଥା ବି.ଆର.ସି.ସି ନମିତାପ୍ରଭା ସାମଲ ଉପସ୍ଥିତ ରହି ଶିକ୍ଷାର ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟୁଆ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ମହେଶ ପ୍ରଧାନ ସିଆରସିସି ହେମନ୍ତ କୁମାର ପ୍ରଧାନ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ।

### ରେଲୱେ ସାଇଡିଂ ପାଇଁ ଗ୍ରାମସଭାରେ ବ୍ୟାପକ ଜାଲିଆତି

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

**ମୃତ ବ୍ୟକ୍ତି ଓ ପଞ୍ଚାୟତ ବାହାର ଲୋକଙ୍କ ନାମରେ ରହିଛି ଦସ୍ତଖତ**

**ଆର୍‌ଟିଆଇ ଖୋଲିଲା ଅନିୟମିତତାର ଗୁମର**



ସୁନ୍ଦରଗଡ଼,୪।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଡୁଡୁକା ପଞ୍ଚାୟତରେ ରେଲୱେ ସାଇଡିଂକୁ ନେଇ ଆୟୋଜିତ ଗ୍ରାମସଭାରେ ବ୍ୟାପକ ଜାଲିଆତି ହୋଇଥିବା ଗୁରୁତର ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତଦନ୍ତ ଦାବି କରିଛନ୍ତି। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମସଭାରେ ପଞ୍ଚାୟତର କେହି ସଦସ୍ୟ ମଧ୍ୟ ଦସ୍ତଖତ କରିନଥିବା ସତ୍ତ୍ୱେ, ପରବର୍ତ୍ତୀ ସମୟରେ ବେଆଇନ ଭାବରେ ଦସ୍ତଖତ କରାଯାଇଥିବା କୁହାଯାଉଛି। ଏଥିରେ ଆଶ୍ଚର୍ଯ୍ୟଜନକ କଥା ହେଉଛି ମୃତ ବ୍ୟକ୍ତିଙ୍କ ନାମରେ ମଧ୍ୟ ଦସ୍ତଖତ ହୋଇଥିବା ସହିତ ପଞ୍ଚାୟତ ବାହାରର ଲୋକଙ୍କ ନାମ ମଧ୍ୟ ଜଡିତ ଥିବା ଅଭିଯୋଗ ହୋଇଛି।

ଏହି ସମସ୍ତ ଅନିୟମିତତା ସୂଚନା ଅଧିକାର ଆଇନ ମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣା ଆହୁରି ଗମ୍ଭୀର ରୂପ ନେଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଓ ଅଧିକାରର ଦୁର୍ବ୍ୟବହାର କରାଯାଇଛି। ଏହି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀଙ୍କ ଭୂମିକା ଉପରେ ଗୁରୁତ୍ୱ ଅଭିଯୋଗ ଆଣିଛନ୍ତି ଲୋକେ। ଗ୍ରାମବାସୀମାନେ ଏହାକୁ ଭାରତୀୟ ଦଣ୍ଡ ସମିତି ଓ ନୂତନ ଆଇନ ବିଏନ୍ଏସ୍-୨୦୨୩ ଅନୁସାରେ ଦଣ୍ଡନୀୟ ଅପରାଧ ବୋଲି ଦାବି କରିଛନ୍ତି। ସେମାନେ ଦୋଷୀଙ୍କ ବିରୋଧରେ ଶୀଘ୍ର ମାମଲା ରୁଜୁ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହା ସହିତ, ଗ୍ରାମସଭାର ସଂକଳ୍ପ ପଞ୍ଜିକରଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟତାକୁ ସାମ୍ନାକୁ ଆଣିବାକୁ ମଧ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ଘଟଣାର ତଦନ୍ତ କରାଯିବ ଓ ଉଚିତ ପଦକ୍ଷେପ ନିଆଯିବ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସୁନ୍ଦରଗଡ,୪।୪ (ସଂଚାର ବ୍ୟୁରୋ): ଓଡ଼ିଆ ଦିବସ ପାଳନ ଅବସରରେ ଟାଙ୍ଗରପାଲି ବ୍ଲକ ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜ ସରଧାପାଲିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବାଦ ଆମ ଓଡିଶା ଓ ସ୍ଥାନୀୟ ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜ ସରଧାପାଲି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଟାଙ୍ଗରପାଲି ବିଡ଼ିଓ ବୀରସେନ ବେହେରା ଯୋଗଦେଇ ରକ୍ତଦାନର ମହତ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଭଣ୍ଡା ଥାନା ଅଧିକାରୀ ଅମର ହୋତା ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ କଲେଜ ଅଧ୍ୟକ୍ଷା ଅଞ୍ଜଳି ପଟେଲ, ନିର୍ମଳ ବରିହା,କୁଞ୍ଜ ବିହାରୀ ସାହୁ, ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ଥାନୀୟ ଯୁବକ ନଳିନ ପଟେଲ, ସାମ୍ବାଦିକ ସୁଶାନ୍ତ କୁମାର ଷଡ଼ଙ୍ଗୀ ଓ ମନୋରଞ୍ଜନ ପ୍ରୁସେଠ ଉପସ୍ଥିତ ରହି ସହଯୋଗ କରିଥିଲେ । ସୁନ୍ଦରଗଡ଼ ରକ୍ତ ଭଣ୍ଡାରର ରତ୍ନପ୍ରଭା ନାୟକ ଓ ତାଙ୍କ ଟିମ ୨୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସ୍ଥାନୀୟ ସମ୍ବାଦ ଓ ଆମ ଓଡିଶା ପ୍ରତିନିଧି ସଚିଦା ନନ୍ଦ ନାଏକ ଶିବିର ପରିଚାଳନା କରିଥିଲେ ।

## ଗ୍ୟାସ କଳାବଜାରୀ ରୋକିବାକୁ ପ୍ରଶାସନର ଚଢ଼ାଉ



ବାଲିଆପାଳ,୪।୪ (ସଂଚାର ବ୍ୟୁରୋ): ମଧ୍ୟ ପ୍ରାଚୀର ଯୁଦ୍ଧ ପାଇଁ ଦେଶର ଦେଖାଦେଇଛି ଏଲପିଜି ଗ୍ୟାସ ସଙ୍କଟ। ଗ୍ୟାସ ସଙ୍କଟ ଦେଖାଦେଇଥିବାରୁ କଳାବଜାରୀ ରୋକିବା ପାଇଁ ଶନିବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ଯୋଗାଣ ବିଭାଗ ପକ୍ଷରୁ ବାଲିଆପାଳରେ ଥିବା ପ୍ରଥମେ ଶୁଭମ ଗେଷ୍ଟ ହାଉସ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଏହି ଗେଷ୍ଟ ହାଉସରେ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଘରୋଇ ଗ୍ୟାସର ବ୍ୟବହାର କରାଯାଉଥିଲା। ଏହି ଗେଷ୍ଟ ହାଉସରୁ ପାଞ୍ଚଟି ଘରୋଇ ସିଲିଣ୍ଡର ଜବତ କରାଯାଇଛି।

ସେହିପରି ବ୍ଲକ ଛକ ସ୍ଥିତ ହୋଟେଲ ଆନନ୍ଦମୟୀରେ ମଧ୍ୟ କମର୍ସିଆଲ ଗ୍ୟାସର ସଂଯୋଗ ନଥିବା ବେଳେ ଚାରୋଟି ଘରୋଇ ଗ୍ୟାସ, ରାଜାରାଣୀ ଛକ ନିକଟରେ ଟେଷ୍ଟ ଅଫ୍ ଓଡ଼ିଶା ଫେମିଲି ରେଷ୍ଟୁରାଣ୍ଟ ଏବଂ ହୋଟେଲରୁ ଦୁଇଟି ଘରୋଇ ଗ୍ୟାସକୁ ଜବତ କରି ବାଲିଆପାଳ ଜାମ କୁଣ୍ଡା ଛକ ନିକଟରେ ଥିବା ହରପ୍ରିୟା ଗ୍ୟାସ ଏଜେନ୍ସୀକୁ ଜମା ଦିଆଯିବା ସହିତ କଳା ବଜାରୀ ସୃଷ୍ଟି କରୁଥିବା ଏହି ଦୁଇଟି ହୋଟେଲ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା କହିଛନ୍ତି।

ଏହି ଚଢ଼ାଉ ସମୟରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ, ପୁଲିସ ଏସଆଇ ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## 'ଓଡ଼ିଆ ନାମଫଳକ ଅଭିଯାନ' ସଚେତନତା ଶୋଭାଯାତ୍ରା



ନବରଙ୍ଗପୁର,୪।୪ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଡ଼ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରୁ ଓଡ଼ିଆ ପକ୍ଷ ପାଳନ ଅବସରରେ "ଓଡ଼ିଆ ନାମ ଫଳକ ଅଭିଯାନ"ର ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ ଏହି ଅଭିଯାନକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଘଷିଆ ହରିଜନ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ଥିଲେ।

୧୪ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଓଡ଼ିଆ ପକ୍ଷରେ ଆଜିର ନାମଫଳକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ନିଜ ନିଜର ନାମଫଳକ ଓଡ଼ିଆ ଭାଷାକୁ ନିଶ୍ଚିତ ପ୍ରାଧାନ୍ୟ ଦେବେ। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଏହି ଅଭିଯାନକୁ ବ୍ୟାପକ କରାଯାଇଛି। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବେ ସର୍ବତ୍ର ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣ ଓ ବ୍ୟବସାୟୀ ସଂଘକୁ ନିବେଦନ କରାଯାଇଛି। ଏହି ସଚେତନ ଶୋଭାଯାତ୍ରାରେ ଅଧିକାରୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ଟ୍ରେଡ ୟୁନିଅନର କର୍ମକର୍ତ୍ତା ଓ ସଦସ୍ୟ, ଚାମ୍ବର ଅଫ କମର୍ସର କର୍ମକର୍ତ୍ତା, ଶ୍ରମ ବିଭାଗର କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

## ସ୍ମରଣୀୟ ରହିବ ବିଦ୍ୟାଳୟରେ ପ୍ରଥମ ଦିନ

**ଖଡ଼ି ଛୁଆଁଇଲେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ**



କାକଟପୁର/ଅସ୍ତରଙ୍ଗ,୪।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ ହୋଇଛି। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ଅନୁଯାୟୀ, ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଶିଶୁ ବାଟିକାରେ କୁନି କୁନି ପିଲାମାନଙ୍କୁ ପୂର୍ବରୁ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ସ୍ଥିତ ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ନାରାୟଣ ପରିଡା ଙ୍କ ସମେତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ ସହ ସରକାରୀ ରାଇକଣା ପ୍ରାଥମିକ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ବାବୁରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଶିଶୁ ବାଟିକାରେ କୁନି ପିଲାମାନେ ସ୍କୁଲ ଆସିବାକୁ ସ୍ୱାଗତ କରିଛନ୍ତି। ନୂଆ କରି ପାଠ ପଢା ଆରମ୍ଭ କରୁଥିବା ପିଲା ମାନଙ୍କ ପାଇଁ ଆଜି ଠାରୁ ଶିଶୁ ବାଟିକା ବ୍ୟବସ୍ଥାକୁ ସ୍ୱାଗତ କରିବା ଶହ ବିଦ୍ୟାଳୟରେ ଉପସ୍ଥିତ ରହି କୁନି ପିଲାଙ୍କ ହାତକୁ ଧରି ଖଡ଼ିଛୁଆଁଇଛନ୍ତି।

ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ 'ପ୍ରବେଶ ଉତ୍ସବ 'ଏବଂ ଖଡ଼ି ଛୁଆଁ 'କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି ବୋଲି ମତ ଦେଇଥିଲେ।। ଯାହାକି ସେମାନଙ୍କ ନାମ ଲେଖା ଓ ସ୍କୁଲରେ ପ୍ରଥମ ଦିନକୁ ସ୍ମରଣୀୟ କରିବ।ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ବଦ୍ଧ। ଶିଶୁ ବାଟିକାରେ ଭିତ୍ତି ଉପରେ ନୂଆ ପିଢ଼ିର ଭବିଷ୍ୟତ ଗଠନ କରି ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଅତିଥି ମତ ଦେଇଥିଲେ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ୧୦୪ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକବିଦ୍ୟାଳୟ ରେ ଏହି ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ ବିଭିନ୍ନ ବିଦ୍ୟାଳୟ ବୁଲି ତଦାରଖ କରିବା ଶହ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲା ମାନଙ୍କୁ ଖଡ଼ି ଛୁଆଁଇବା ଶହ ପିଲା ମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ। ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବେ ଗୁଣାତ୍ମକ ପାଠ ପଢାଯିବ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଯେଉଁ ମାନଙ୍କ ବୟସ ସେପ୍ଟେମ୍ବର ୧ସୁଦ୍ଧା ୫ବର୍ଷରୁ ଉର୍ଦ୍ଧ ସେମାନେ ଶିଶୁ ବାଟିକା ଓ ୬ବର୍ଷରୁ ଉର୍ଦ୍ଧ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି।

## ଖୋର୍ଦ୍ଧା ବ୍ଲକ୍‌ରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ



ଖୋର୍ଦ୍ଧା,୪।୪ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଏବଂ ଓସେପାର ନିୟମାବଳୀ ଅନୁସାରେ ଆଜି ଖୋର୍ଦ୍ଧା ବ୍ଲକ ସ୍ତରୀୟ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ଓ ଶିକ୍ଷାରଥ ପରିଭ୍ରମଣ କାର୍ଯ୍ୟକ୍ରମ ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମକୁନ୍ଦପ୍ରସାଦରେ ଗୋଷ୍ଠୀଶିକ୍ଷା ଅଧିକାରୀ ସୁଶ୍ରୀ ଯାଜ୍ଞସେନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସମ୍ମାନୀତ ଅତିଥି ଭାବରେ ପୌରପରିଷଦର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ସରକାରଙ୍କ ଆଭିମୁଖ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ଶିଶୁ ବଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆସିଥିବା କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଚନ୍ଦନ, ପୁଷ୍ପ ଓ ଦୀପ ଦ୍ୱାରା ସ୍ୱାଗତ କରିବା ସହ ଖଡ଼ି ଛୁଆଁ ପୂର୍ବକ ବିଦ୍ୟା ଆରମ୍ଭ କରାଇଥିଲେ। ବିଦ୍ୟାଳୟ ଦ୍ୱାରା ତିଆରି କରାଯାଇଥିବା ରଙ୍ଗ ପସରା ଷ୍ଟଲ, ଖେଳ ଘର ଷ୍ଟଲ ଓ ଗପ ରାଇଜ ଷ୍ଟଲ ବୁଲି ଖେଳି ଛାତ୍ରଛାତ୍ରୀମାନେ ମଜା କରିବା ସହ ଆନନ୍ଦିତ ହୋଇଥିଲେ।

ଉତ୍ସବରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ଓ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଅଭିଭାବକଙ୍କ ଉଦ୍ଦେଶ୍ୟରେ ନିଜ ନିଜ ମତ ଉପସ୍ଥାପନ କରି କହିଥିଲେ ସରକାରୀ ବିଦ୍ୟାଳୟରେ ଶିଶୁମାନଙ୍କ ପଢ଼ିବା ପାଇଁ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ଉନ୍ନତମାନର ଶ୍ରେଣୀଗୃହ ସହିତ ସମସ୍ତ ପ୍ରକାର ପାଠ୍ୟ ଉପକରଣ ଯୋଗାଇ ଦେଉଛନ୍ତି। ତେଣୁ ସମସ୍ତେ ପଢ଼ନ୍ତୁ ଉନ୍ନତ ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ପ୍ରବର୍ତ୍ତାଇଥିଲେ। ବୈଠକର ଅନ୍ତିମ ଭାଗରେ ଅତିଥିମାନେ ପତାକା ଦେଖାଇ ଶିକ୍ଷାରଥ ଯାତ୍ରାର ଉଦଘାଟନ କରିଥିଲେ।

# ଆଇଟିଇଆରରେ 'ଚକ୍ରବ୍ୟୂହ' ଓ 'ଜେନେସିସ' ଉଦ୍‌ଘାଟିତ




ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ୩-ଦିନିଆ ଟେକ୍ନୋ କଲ୍‌ଚରାଲ୍ ଫେଷ୍ଟ 'ଚକ୍ରବ୍ୟୁହ' ଏବଂ 'ଜେନେସିସ୍' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆଇଟିଇଆର ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ନନ୍ଦ ବିଶ୍ୱବିଦ୍ୟାଳୟର ଏହି ସର୍ବ ପୁରାତନ ଅନୁଷ୍ଠାନ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ୍) ରାଙ୍କିଙ୍ଗସ୍ ୨୦୨୫ରେ ଦେଶର ୨୨ତମ ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜର ମାନ୍ୟତା ପାଇଛି ବୋଲି କହିବା ସହ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏ ନେଇ ଗର୍ବ କରିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ କହିଥିଲେ।

ଏହି ଅବସରରେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ଆହରଣ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ ଉପସ୍ଥିତ ରହି ଏହି ଶିକ୍ଷାନୁଷ୍ଠାନ ଗବେଷଣା ଓ ପ୍ରଯୁକ୍ତିବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ। ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ କହିଥିଲେ ଯେ ଏହି ଅନୁଷ୍ଠାନ ୨୫ ବର୍ଷ ଧରି ନିଜକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରିଥିବା ବେଳେ ଏଠାରେ ବିଭିନ୍ନ ଷ୍ଟୁଡେଂଟ କ୍ଲବ ରହିଛି। ଏହା ଛଡ଼ା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ନ୍ୟାସ୍‌ନାଲ ସୋସିଆଲ୍ ସର୍ଭିସ ସ୍କିମ୍, ଅଟଳ ଇନ୍‌କ୍ୟୁବେସନ ସେଂଟର-ସୋଆ ଫାଉଣ୍ଡେସନ୍ ଇତ୍ୟାଦି ବିଭିନ୍ନ ଛାତ୍ରଛାତ୍ରୀ କୈନ୍ଦ୍ରିକ କାର୍ଯ୍ୟକ୍ରମ ରହିଛି।

ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେବେ। ଉଦ୍‌ଘାଟନୀ ସମାରୋହରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ 'ଜାଗୋ' ପ୍ରୟାସ ମାଧ୍ୟମରେ ପାଠ ପଢ଼ାରେ ସେମାନଙ୍କ ଦ୍ୱାରା ସାହାଯ୍ୟ ପାଉଥିବା ବିଭିନ୍ନ ବସ୍ତି ଅଞ୍ଚଳର ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା।

## ପଞ୍ଚମରେ ୭୯, ଅଷ୍ଟମରେ ୨୪୬ ଛାତ୍ରଛାତ୍ରୀ ଫେଲ୍

ନବରଙ୍ଗପୁର,୪।୪ (ସଂଚାର ବ୍ୟୁରୋ): ଚଳିତ ଶିକ୍ଷାବର୍ଷ ଠାରୁ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପାସ୍ ଫେଲ ନିୟମ ଲାଗୁ ହୋଇଛି। ଜିଲ୍ଲାରେ ପଞ୍ଚମ ଶ୍ରେଣୀରେ ୭୯ ଓ ଅଷ୍ଟମରେ ୨୪୬ ଛାତ୍ରଛାତ୍ରୀ ପରୀକ୍ଷାରେ ଫେଲ୍ ହୋଇଛନ୍ତି। ଫେଲ ପିଲାଙ୍କୁ ପୁଣି ଥରେ ସେମାନଙ୍କ ଦୁର୍ବଳ ବିଷୟ ଉପରେ ଶିକ୍ଷାଦାନ କରାଯିବ। ଏପ୍ରିଲ ଶେଷ ସପ୍ତାହରେ ଫେଲ ପିଲାଙ୍କୁ ପୁଣିଥରେ ପରୀକ୍ଷା ଦେବାକୁ ସୁଯୋଗ ଦିଆଯିବ। ପଞ୍ଚମ ଶ୍ରେଣୀରେ ଚନ୍ଦାହାଣ୍ଡି ବ୍ଲକରେ ୧୫୨୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୯ଜଣ ଫେଲ୍ ହୋଇଛନ୍ତି। ସେଭଳି ଡାବୁଗାଁ ବ୍ଲକରେ ସମସ୍ତ ୧୨୫୨ ପିଲା ପାସ ହୋଇଛନ୍ତି । ଝରିଗାଁ ବ୍ଲକରେ ୩୦୯୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାତ୍ର ୧୦ଜଣ ଫେଲ୍ ହୋଇଛନ୍ତି। କୋଷାଗୁ ମଡାରେ ୨୯୫୮ରୁ ୮ଜଣ ଫେଲ ହୋଇଛନ୍ତି। ନନ୍ଦାହାଣ୍ଡିରେ ୧୧୬୮ରୁ ୨, ପାପଡାହାଣ୍ଡିରେ ୨୬୫୩ ମଧ୍ୟରୁ ୫, ରାଇଘରରେ ୩୫୫୩ରୁ ୫, ତେନ୍ତୁଳିଖୁଣ୍ଟିରେ ୧୬୪୨ରୁ ୧୮ ପିଲା ଫେଲ୍ ହୋଇଛନ୍ତି। ଉମରକୋଟରେ ସମସ୍ତ ୩୮୧୪ ପିଲା ପାସ୍ ହୋଇଛନ୍ତି। ପଞ୍ଚମ ଶ୍ରେଣୀରେ ଜିଲ୍ଲାର ୨୩ ହଜାର ୪୪୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩ ହଜାର ୩୫୫ ପାସ କରିଥିବା ବେଳେ ୭୯ ଜଣ ଫେଲ ହୋଇଛନ୍ତି।

ସେହିଭଳି ଅଷ୍ଟମଶ୍ରେଣୀରେ ଚନ୍ଦାହାଣ୍ଡିରେ ୧୬୦୮ରୁ ୯୪ ଫେଲ ହୋଇଛନ୍ତି। ଡାବୁଗାଁରେ ସମସ୍ତ ୧୩୯୬ ପିଲା ପାସ କରିଛନ୍ତି । ଝରିଗାଁରେ ୩୧୬୬ରୁ ୨୫, କୋଷାଗୁମଡାରେ ୩୨୫୪ରୁ ୨୬, ନବରଙ୍ଗପୁରରେ' ୨୦୯୧ରୁ ୨୩, ନନ୍ଦାହାଣ୍ଡିରେ ୧୧୪୩ରୁ ୧୩, ପାପଡାହାଣ୍ଡି ବ୍ଲକରେ ୨୮୪୬ରୁ ୧, ରାଇଘର ବ୍ଲକରେ ୩୫୭୪ରୁ ୩୪, ତେନ୍ତୁଳିଖୁଣ୍ଟିରେ ୧୭୪୫ରୁ ୩୦ଜଣ ଫେଲ ହୋଇଛନ୍ତି। ଉମରକୋଟ ବ୍ଲକରେ ସମସ୍ତ ୩୨୬୧ ପିଲା ପାସ କରିଛନ୍ତି। ଜିଲ୍ଲାରେ ଅଷ୍ଟମ ଶ୍ରେଣୀରେ ୨୪ ହଜାର ୮୪ ଜଣଙ୍କ ମଧ୍ୟରୁ ୨୪୬ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ପର୍ଯ୍ୟଟନ ବିକାଶ ପାଇଁ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଆ' ଆଭିମୁଖ୍ୟ

### ସରକାରୀ କର୍ମଚାରୀଙ୍କ ପାଇଁ ଏଆଇ ତାଲିମ ବାଧ୍ୟତାମୂଳକ



ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା' ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ଆଜି ସଚିବସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ। ଏ ଦିଗରେ ସେ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। ବିଦେଶରୁ ପର୍ଯ୍ୟଟକମାନେ ଭାରତ ଆସିଲେ ଯେପରି ସେମାନେ ଓଡ଼ିଶାକୁ ପ୍ରଥମ ପସନ୍ଦର ସ୍ଥାନ ଭାବେ ବାଛିବେ, ସେଥିପାଇଁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଆକର୍ଷଣୀୟ ଓ ବ୍ୟାପକ କରିବାକୁ ସେ ପରାମର୍ଶ ଦେଇଥିଲେ।

ଆଜି ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଜଣାପଡିଛି ଯେ ମାର୍ଚ୍ଚ ୨୦୨୬ ଶେଷ ସୁଦ୍ଧା ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟ୍ ଅନୁମୋଦନ ଅନୁସାରେ ସାମଗ୍ରିକ ବ୍ୟୟ ପୂର୍ବ ବର୍ଷ ଏହି ସମୟ ତୁଳନାରେ ୮.୮ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ସାମଗ୍ରିକ ଭାବେ ୧୦ ପ୍ରତିଶତ ବୃଦ୍ଧି ଘଟିଛି। କୃଷି, ସମବାୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ସାମଗ୍ରିକ ଭାବେ ୧୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ସାମଗ୍ରିକ ଭାବେ ଗତ ବର୍ଷ ତୁଳନାରେ ବ୍ୟୟ ଅଭିବୃଦ୍ଧି ଘଟିଛି। ରାଜ୍ୟର ନିଜସ୍ୱ ଆୟ, ଅଣଟିକସ, କେନ୍ଦ୍ରୀୟ କର ବାବଦକୁ ରାଜ୍ୟର ଅଂଶ ବାବଦକୁ ଅନୁଦାନକୁ ମିଶାଇ ସାମଗ୍ରିକ ଭାବେ ରାଜସ୍ୱ ଆଦାୟ ୮୩.୪୨ ପ୍ରତିଶତ ହୋଇଛି।

ଚଳିତ ଆର୍ଥିକ ବର୍ଷ ବଜେଟ୍ ୨୦୨୬-୨୭ ପରିପ୍ରେକ୍ଷୀରେ ପ୍ରତି ୧୫ ଦିନରେ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ରହୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ସମୀକ୍ଷା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗରେ ଚାଲୁ ରହିଥିବା ପ୍ରାୟ ଏକପ୍ରକାର ଯୋଜନାକୁ ସଂଗଠିତ କରି ଏକୀକୃତ ବ୍ୟବସ୍ଥା ଆଣିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଏକ ପ୍ରସ୍ତାବ ରଖିଥିଲେ।

ସାଧନା ସପ୍ତାହ-୨୦୨୬ ଅବସରରେ ମିଶନ କର୍ମଯୋଗୀ ଅଧିନରେ ନିଜ ନିଜ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ସପ୍ତାହରେ ଅନ୍ତତଃ ଗୋଟିଏ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ପାଠ୍ୟକ୍ରମ ଓ ଗୋଟିଏ ଆଇ-ଗଟ୍ (ଆଇ-ଜିଓଟି) ଅନୁମୋଦିତ ଉପଲବ୍ଧ ମାର୍କେଟପ୍ଲସ ପାଠ୍ୟକ୍ରମ ପ୍ରଶିକ୍ଷଣ ପାଇଁ ବାଧ୍ୟତାମୂଳକ କରାଯାଇଛି ଏବଂ ସପ୍ତାହରେ ୪ଟି ଘଣ୍ଟାର ପାଠ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏସଆଇଆର କାର୍ଯ୍ୟରେ ଅବହେଳା

# ସହକାରୀ ଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀର କାଶିନଗର ବ୍ଲକ ପୋଲିଂ ଷ୍ଟେସନ୍ ସଂଖ୍ୟା ୧୧୦-ସିଦ୍ଧାମଡ଼ଙ୍ଗ ଅଧିନ ବୁଥ୍‌ସ୍ତରୀୟ ଅଧିକାରୀ ରାମାନୁଜ ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସୂଚନାନୁଯାୟୀ, ରାମାନୁଜ ଦାସଙ୍କୁ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀର ବୁଥ୍ ନମ୍ବର ୧୧୦ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ଭାବେ ନିଯୁକ୍ତ କରାଯାଇଥିଲା। ସେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ଭୋଟର ତାଲିକାର ସଠିକତା ଓ ସତ୍ୟନିଷ୍ଠା ନିଶ୍ଚିତ କରିବା ସକାଶେ ଗୁରୁତ୍ୱପୂର୍ଣ୍ଣ। ତେବେ ଅଭିଯୋଗ ଅନୁଯାୟୀ, ସେ କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ କାର୍ଯ୍ୟ ନିଷ୍ଠାର ସହ ନିର୍ବାହ କରିବାରେ ବିଫଳ ହୋଇଥିଲେ। ଏହାକୁ କର୍ତ୍ତବ୍ୟ ପାଳନ ଦିଗରେ ଗୁରୁତର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ଭାବେ ଗଣାଯାଇ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଧାରା ୩୨(୧) ଆଧାରରେ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ନିଲମ୍ବନ ସମୟରେ ସେ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଓ ନିୟମାନୁସାରେ ଭତ୍ତା ପାଇବେ ବୋଲି ଉକ୍ତ ଆଦେଶରେ ଉଲ୍ଲେଖ ରହିଛି।

# ଚୌଦ୍ୱାର ଜେଲ୍‌ରେ ରାଜା ପାଇଁ କଡ଼ା ସୁରକ୍ଷା

## ରିମାଣ୍ଡରେ ଆଣି ଅଧିକ ଜେରା କରିବ ପୁଲିସ



କଟକ,୪।୪(ସଂଚାର ବ୍ୟୁରୋ): ଗତ ବର୍ଷ ଚୌଦ୍ୱାର ଜେଲ୍‌ରୁ ଖସି ପଳାଇଥିବା ଦୁଇ କଏଦୀଙ୍କ ମଧ୍ୟରୁ ନିକଟରେ କୁଖ୍ୟାତ ଆନ୍ତଃରାଜ୍ୟ କଏଦୀ ରାଜା ସାହାଣୀକୁ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରାଯାଇଛି। ତେବେ ଏହି କୁଖ୍ୟାତ କଏଦୀକୁ କିପରି ଭାବେ ପୁଲିସ୍ କାବୁ କଲା, ସେନେଇ ଆଜି ବିଶଦ ସୂଚନା ମିଳିଛି। ମିଳିଥିବା ଖବର ଅନୁସାରେ, ରାଜା ତା'ର ବାନ୍ଧବୀ ସହ ଋଷିକେଶରେ ଥିବା ନେଇ ପୁଲିସ ଜାଣିବା ପରେ ସେଠାରେ ଡେରା ପକାଇଥିଲା। ରାଜା ତା'ର ବାନ୍ଧବୀ ସହ କାରରେ ଆସି ଷ୍ଟେସନରେ ଛିଡ଼ା ହୋଇଥିବା ସମୟରେ ତାକୁ ପ୍ରଥମେ ଠାବ କରିଥିଲା ସ୍ପେଶାଲ ୨୬ ଟିମ୍ ଓ ତା'ର ପ୍ରଥମ ଫଟୋ ବି ଉଠାଇଥିଲେ। ଋଷିକେଶରେ ଥିବା ବ୍ୟକ୍ତି ହିଁ ରାଜା ବୋଲି ସ୍ପଷ୍ଟ ହେବା ପରେ ଟିମ୍ ତାକୁ ଧରିବା ସକାଶେ ଚକ୍ରବ୍ୟୂହ ରଚନା କରିଥିଲା। ଆଉ ତା'ପରେ ପୁଲିସ କବ୍‌ଜାକୁ ଆସିଥିଲା ରାଜା। ତାକୁ ଏଠାକୁ ଆଣିବା ପରେ ଚୌଦ୍ୱାର ଜେଲ୍‌ରେ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇଛି। ଫେରାର କଏଦୀ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଜେଲ କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି। ସେହିପରି ତା'ଠାରୁ ଅଧିକ ତଥ୍ୟ ହାସଲ କରିବା ସକାଶେ କମିଶନରେଟ ପୁଲିସ ରାଜାକୁ ୭ ଦିନ ପାଇଁ ରିମାଣ୍ଡରେ ଆଣିବା ସକାଶେ କୋର୍ଟରେ ଆବେଦନ କରିବ ବୋଲି ଜଣାପଡ଼ିଛି। ରାଜା ନାଁରେ ଥିବା ଅନ୍ୟାନ୍ୟ ମାମଲାରେ ମଧ୍ୟ ଅନ୍ୟ ରାଜ୍ୟର ପୁଲିସ ରିମାଣ୍ଡ ପାଇଁ ଆବେଦନ କରିବାର ସମ୍ଭାବନା ବି ରହିଛି। ଆବଶ୍ୟକ ପଡ଼ିଲେ ରାଜା ଓ ତା'ର ସହଯୋଗୀ ମଧୁକାନ୍ତ ରାଣାକୁ ସାମ୍ନାସାମ୍ନି ବସାଇ ପୁଲିସ୍ ଜେରା କରିବ ବୋଲି ଚର୍ଚ୍ଚା ହେଉଛି।



ଓଡ଼ିଆ ନବବର୍ଷ ଉପଲକ୍ଷେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ଶ୍ରୀଜୀଉ ଙ୍କ ଯାନିଯାତ୍ରା ଓ ପର୍ବପର୍ବାଣି ସମ୍ପର୍କିତ କ୍ୟାଲେଣ୍ଡର ଦେବାର୍ପଣ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରୁଛନ୍ତି।

# ସାଉଦି ଆରବ ମାଟିରେ ଗୁଞ୍ଜରିଲା 'ବନ୍ଦେ ଉତ୍କଳ ଜନନୀ'



ଦମାମ,୪।୪(ସଂଚାର ବ୍ୟୁରୋ): ବିଶ୍ୱର ସାମ୍ପ୍ରତିକ ଜଟିଳ ପରିସ୍ଥିତି ମଧ୍ୟରେ ସୁଦୂର ସାଉଦି ଆରବରେ ପ୍ରତିଧ୍ୱନିତ ହୋଇଛି ଓଡ଼ିଆ ଅସ୍ମିତାର ସ୍ୱର। ସାଉଦି ଆରବର ଅନ୍ୟତମ ପ୍ରତିଷ୍ଠିତ ତଥା ଜନହିତକର କାର୍ଯ୍ୟ ପାଇଁ ବିଶ୍ୱବିଦିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ 'କଳିଙ୍ଗନ୍' ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରାୟ ୨୦୦ ଓଡ଼ିଆ ପରିବାର ଏକାଠି ହୋଇ ବିଦେଶ ମାଟିରେ ଓଡ଼ିଶାର କଳା ଓ ସଂସ୍କୃତିର ଏକ ଅନନ୍ୟ ଛାପ ଛାଡ଼ିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଉତ୍ସବର ଶୁଭାରମ୍ଭ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ଗାନ ସହ ଅତ୍ୟନ୍ତ ଭାବପୂର୍ଣ୍ଣ ପରିବେଶରେ ହୋଇଥିଲା। ଏହାପରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ 'କଳିଙ୍ଗନ୍'ର ସମସ୍ତ ସଦସ୍ୟଙ୍କ ପକ୍ଷରୁ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ପରମ୍ପରା 'ମଙ୍ଗଳାଚରଣ'ରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ପଶ୍ଚିମ ଓଡ଼ିଶାର ଗର୍ବ ସମ୍ବଲପୁରୀ ନୃତ୍ୟ ସମେତ ଅନେକ ଓଡ଼ିଆ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି କୁନି କୁନି ପିଲାମାନେ ଓଡ଼ିଶାର ଐତିହ୍ୟ ଓ ଉତ୍କଳ ଦିବସର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପବିତ୍ର ଶ୍ରୀକ୍ଷେତ୍ରରୁ ସୁଦୂର ସାଉଦି ଆରବ ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତିର ପ୍ରସାର କରିବା ପାଇଁ ପିଲାମାନଙ୍କ ମଧ୍ୟରେ ଥିବା ଉତ୍ସାହ ବେଶ୍ ପ୍ରଶଂସନୀୟ ଥିଲା। ଏହି ଅବସରରେ 'କଳିଙ୍ଗନ୍'ର ଚିଫ୍ ସର୍ଭିସ କୋଅର୍ଡିନେଟର ଶେଖ ଶରାଫତ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ସେ କହିଥିଲେ ଯେ ବିଦେଶ ମାଟିରେ ରହି ମଧ୍ୟ ନିଜ ମାତୃଭୂମିର ସଂସ୍କୃତିକୁ ଉଜ୍ଜୀବିତ ରଖିବା ଓ ନୂତନ ପିଢ଼ିକୁ ଓଡ଼ିଆ ପରମ୍ପରା ସହ ଯୋଡ଼ିବା ଆମର ମୂଳ ଲକ୍ଷ୍ୟ। ସୂଚନାଯୋଗ୍ୟ ଯେ 'କଳିଙ୍ଗନ୍' ସମୟ ସମୟରେ ବିଭିନ୍ନ ସେବାମୂଳକ ଓ ପରୋପକାରୀ କାର୍ଯ୍ୟ ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ଅମର ସହିଦ ରଘୁ- ଦିବାକରଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ଅଦମ୍ୟ ସାହସ ଓ ଅପରିମିତ ତ୍ୟାଗର ପରିଚୟ ଦେଇ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରି ଜୀବନ ବଳିଦାନ କରିଥିବା ଅମର ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ତାଙ୍କ ଶ୍ରାଦ୍ଧଦିବସ ଅବସରରେ ଗଭୀର ଶ୍ରଦ୍ଧା ସହ ସ୍ମରଣ କରାଯାଇଥିଲା। ତାଙ୍କର ତ୍ୟାଗ ଓ ଦେଶପ୍ରେମ ଆଜି ମଧ୍ୟ ସମାଜକୁ ପ୍ରେରିତ କରୁଥିବାରୁ ତାଙ୍କ ଆଦର୍ଶ ସଦା ପଥପ୍ରଦର୍ଶକ ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆଜି ସକାଳେ ୟୁନିଟ୍-୯ସ୍ଥିତ ଅମର ସହିଦ ରଘୁ- ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଶ୍ରୀଯୁକ୍ତ ଗୁରବୀର ସିଂ, ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ରଘୁ- ଦିବାକର ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂର୍ବତନ ସେଲ୍ସ ଟ୍ୟାକ୍ସ ଆୟୁକ୍ତ ରାଧାମୋହନ ମହାପାତ୍ର ଯୋଗଦେଇଥିଲେ।

## ବଜ୍ରାଘାତରେ ଗଲା ମହିଳାଙ୍କ ଜୀବନ

ଉଦଳା,୪।୪(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ରାଣୀପୋଖରୀ ଗ୍ରାମରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବର୍ଷା ସମୟରେ ବାହାରେ ଶୁଖୁଥିବା ଲୁଗା ଆଣିବାକୁ ଯାଇଥିବା ସମୟରେ ମହିଳା ଜଣକ ବଜ୍ରପାତର ଶିକାର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଶୁକ୍ରବାର ଅଚାନକ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। ଶନିବାର ପୂର୍ବାହ୍ନରେ ବର୍ଷା ଓ ପବନ ଆରମ୍ଭ ହେବା ମାତ୍ରେ ରାଣୀପୋଖରୀ ଲେମ୍ବୁଆସାହି ଗ୍ରାମର ମେଞ୍ଚ ସିଂ ନାମକ ମହିଳା ଘର ବାହାରେ ଶୁଖୁଥିବା ଶାଢ଼ି ଆଣିବାକୁ ଯାଇଥିଲେ। କିନ୍ତୁ ସେହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ହିଁ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ଉଦଳା ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଶରତ ଥାନା ପୁଲିସ ଉଦଳା ମେଡିକାଲରେ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

# ସଫଳ ରୂପାୟନ ପାଇଁ ହେବ ତିନିବର୍ଷିଆ ଯୋଜନା

- ରାସ୍ତା ପ୍ରଶସ୍ତିକରଣ ଓ ନିୟମିତ ମରାମତିକୁ ଗୁରୁତ୍ୱ
- ପ୍ରମୁଖ ମନ୍ଦିରର ଉନ୍ନତିକରଣ ଉପରେ ଆଲୋଚନା



ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବା ବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ପୂର୍ତ୍ତ ମନ୍ତ୍ରୀ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱର୍ରେ ସର୍ବନିମ୍ନ ସୁବିଧା ସୃଷ୍ଟିକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ. ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଞ୍ଜିନିୟର୍ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଞ୍ଜିନିୟର୍ ସମୀର ହୋତା ଉପସ୍ଥିତ ଥିଲେ।

# ପୋଲତଳକୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ ଚାଲିଗଲା ଡ୍ରାଇଭରଙ୍କ ଜୀବନ



ବଲାଙ୍ଗୀର,୪।୪(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ୨୬ ନମ୍ବର ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ଼୍ ଶୁକତେଲ ନଦୀ ପୋଲ ଉପରୁ ଏକ ସିମେଣ୍ଟ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ନଦୀ ତଳକୁ ଖସିପଡ଼ିଛି। ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଟ୍ରକଟି ସିମେଣ୍ଟ ବୋଝେଇ କରି ଯାଉଥିବା ବେଳେ କୌଣସି କାରଣବଶତଃ ଚାଳକ ନିୟନ୍ତ୍ରଣ ହରାଇଥିଲେ, ଫଳରେ ଗାଡ଼ିଟି ପୋଲ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକରେ ଥିବା ହେଲ୍ପର ଜଣକ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଲୋଇସିଂହା ଓ ବଲାଙ୍ଗୀର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ମୃତ ଓ ଆହତ ବ୍ୟକ୍ତିଙ୍କୁ ବାହାର କରାଯାଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ଆହତ ହେଲ୍ପରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ତାଙ୍କର ଚିକିତ୍ସା ଜାରି ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଟ୍ରକଟିକୁ ଉଦ୍ଧାର କରିଥିଲା।

# ୩୧ କିଲୋ ଗଞ୍ଜେଇ ସହ ଦୁଇଟି କାର ଜବତ, ୪ ଗିରଫ

କଟକ,୪।୪(ସଂଚାର ବ୍ୟୁରୋ): ଜିଲ୍ଲା ଅବକାରୀ ବିଭାଗ କଟକ ସଦର ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଚଢ଼ଉ କରି ୪ ଜଣ ନିଶା ବେପାରୀଙ୍କୁ ଗିରଫ କରିବା ସହିତ ୩୧ କିଲୋ ଗଞ୍ଜେଇ ଓ ଦୁଇଟି କାର ଜବତ କରିଛି। କଟକ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ ବିଶେଷ ସୂତ୍ରରୁ ଖବର ପାଇ, ସଦର ଥାନା ଅନ୍ତର୍ଗତ କାଜିପାଟଣା ନିକଟ କୁଆଖାଇ ବ୍ରିଜ ନିକଟରେ ଛକି ରହିଥିଲା। ଏକ ମାରୁତି ଏର୍ଟିଗା କାରରେ ଗଞ୍ଜେଇ ନେଇ ଦୁଇ ଜଣ ନିଶା ବେପାରୀ ଆସିବା ପରେ ତାକୁ ଅଟକାଇ ଯାଞ୍ଚ କରିବାରୁ ୧୫ କିଲୋ ଗଞ୍ଜେଇ ମିଳିଥିଲା। ଏହି ଅଭିଯୋଗରେ କାରରେ ଥିବା କନ୍ଧମାଳ ଖଜୁରିପଡା ମକାନି ସାହିର ନରେଶ ଗଣ୍ଡକୁ ଗିରଫ କରିଥିଲା। ସେହିପରି କଟକ ଅବକାରୀ ଗ୍ରାମାଞ୍ଚଳ ଥାନାକୁ ମିଳିଥିବା ସୂଚନା ଅନୁସାରେ, ଏକ ଟିମ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଛକ ପାଖରେ ଛକି ରହିଥିଲା। ସନ୍ଦିଗ୍ଧ ସ୍ୱିଫ୍ଟ ଡିଜାୟାର କାର ଆସିବାମାତ୍ରେ ତାକୁ ଅଟକାଇ ଯାଞ୍ଚ କରିବାରୁ ୧୬ କିଲୋ ଗଞ୍ଜେଇ ମିଳିଥିଲା।

## ମୁଖ୍ୟ ବଜାରରେ ବୋମାମାଡ଼ ଘଟଣା

# ଭୁବନେଶ୍ୱରରୁ ବନ୍ଧାହେଲେ ୫ ଅଭିଯୁକ୍ତ



ଚିକିଟି,୪।୪(ସଂଚାର ବ୍ୟୁରୋ): ବ୍ରହ୍ମପୁର ପୋଲିସ ଜିଲା କେ. ନୂଆଗାଁ ଥାନା ଚିକିଟିପେଣ୍ଠ ମୁଖ୍ୟ ବଜାରରେ ଗତ ମଙ୍ଗଳବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ଗତକାଲି କେ. ନୂଆଗାଁ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଖରଣିପଡ଼ା ଗ୍ରାମର ଶୁଭମ ପାଣିଗ୍ରାହୀ, କେ. ନୂଆଗାଁ ଥାନା ଚିକିଟିପେଣ୍ଠର କାହ୍ନୁ ଚରଣ ସାହୁ, ଆମୁଣ୍ଡିର ସାର୍ଥକ ପାତ୍ର, ଶତ୍ରୁମର୍ଦ୍ଦନପୁରର ନୀଳମଣି ପାତ୍ର (୨୮) ଓ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଦିନୀପୁର ଗ୍ରାମର ଗୌତମ ପ୍ରଧାନ (୨୩)। ଅଭିଯୁକ୍ତମାନଙ୍କୁ ପାତ୍ରପୁର କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି ବୋଲି ଥାନାଧିକାରୀ ବିଶ୍ୱଜିତ ନାୟକ ସୂଚନା ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ମଙ୍ଗଳବାର ଚିକିଟିପେଣ୍ଠ ମୁଖ୍ୟ ବଜାରର ଏକ ଡ୍ରେସ୍ ଦୋକାନ ଓ ଘର ନିକଟକୁ ୨ ଜଣ ଯୁବକ ଅଚାନକ ଆସି ପେଟ୍ରୋଲ ବୋମା ପକାଇ ଚାଲିଯାଇଥିଲେ। ଫଳତଃ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଖବର ପାଇ ଥାନାଧିକାରୀ ଶ୍ରୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଗତ ୧ରେ ଉମାକାନ୍ତ ସାହୁ କେ. ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୮୮/୨୬ରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରିଥିଲା।

## ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

# ଚାକିରି ଅପେକ୍ଷା ନିଯୁକ୍ତିଦାତା ହେବାକୁ ଆହ୍ୱାନ




ଭୁବନେଶ୍ୱର,୪।୪(ସଂଚାର ବ୍ୟୁରୋ): ସ୍ନାତକମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। ଆଜି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ (ଆଇଆଇଏମ) ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଭାରତରେ ଉଦ୍ୟମିତା ଓ ନବସୃଜନର ବର୍ଦ୍ଧିତ ସୁଯୋଗ ଉପରେ ଆଲୋକପାତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ ଦେଶରେ 'ଅଭୂତପୂର୍ବ ଷ୍ଟାର୍ଟଅପ୍ ବିପ୍ଳବ' ଉପରେ ଆଲୋକପାତ କରି ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ଭଳି ପ୍ରମୁଖ ପଦକ୍ଷେପ ଦ୍ୱାରା ଏହା ପରିଚାଳିତ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ଥିର ଭାବେ ଷ୍ଟାର୍ଟଅପ୍, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ପାଇଁ ବିଶ୍ୱରେ ଏକ କେନ୍ଦ୍ର ଭାବେ ଉଭା ହୋଇଛି, ଯାହା ପାଣ୍ଠି, ପରାମର୍ଶ ଓ ନୀତି ସମର୍ଥନର ଏକ ଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ହୋଇଛି।

ପ୍ରତିଷ୍ଠାନର କାର୍ଯ୍ୟାବଳୀକୁ ରାଜ୍ୟପାଳ ପ୍ରଶଂସା ପ୍ରକାଶ କରି ଆଇଆଇଏମ୍ ସମ୍ବଲପୁରକୁ ନବସୃଜନ, ସମାବେଶୀ ଏବଂ ଶୈକ୍ଷିକ ଉତ୍କର୍ଷତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ଏହା ସାଂସ୍କୃତିକ ଐତିହ୍ୟକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟାଚାଳିତ ଶିକ୍ଷା ସହ ସମ୍ମିଶ୍ରଣ କରିଛି। ଏମବିଏ, ଏକ୍‌ଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର ୱାର୍କିଂ ପେସାଦାର ସ୍ନାତକମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ଏବଂ ଅଧ୍ୟାପକ ଓ ଅଭିଭାବକଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନକୁ ସଚ୍ଚୋଟତା ଓ ଉଦ୍ଦେଶ୍ୟ ସହ ବିଶ୍ୱର ବାସ୍ତବ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ ରାଜ୍ୟପାଳ।

ସେ କହିଥିଲେ ଯେ,ଓଡ଼ିଶା ଶିଳ୍ପ ଅଭିବୃଦ୍ଧି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏକ କେନ୍ଦ୍ର ଭାବେ ଉଭା ହୋଇଛି। ଉତ୍ପାଦନ, ଖଣି, ବୟନଶିଳ୍ପ, ଆଇଟି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ରାଜ୍ୟରେ ଅପାର ସମ୍ଭାବନା ରହିଛି। ଏହି ସୁଯୋଗଗୁଡ଼ିକର ସଦୁପଯୋଗ କରି ରାଜ୍ୟର ବିକାଶରେ ଯୋଗଦାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ଉତ୍ସାହିତ କରିଥିଲେ।

କୃତ୍ରିମ ବୁଦ୍ଧିମତା, ହାଇବ୍ରିଡ୍ କାର୍ଯ୍ୟ ମଡେଲ୍, ସ୍ଥାୟିତ୍ୱ ଓ ନୈତିକ ଶାସନ ସମେତ ବିକାଶଧାରା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରି ନେତୃତ୍ୱ ପାଇଁ ସହାନୁଭୂତିଶୀଳତା, ଗ୍ରହଣୀୟତା ଓ ଭାବପ୍ରବଣ ବୁଦ୍ଧିମତ୍ତାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ପ୍ରତିଷ୍ଠାନ ଏହାର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ଅଧିକ ମଜବୁତ କରିବା ପାଇଁ ଓ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପ୍ରକୃତ ସଫଳତା କେବଳ ବୃତ୍ତିଗତ ସଫଳତାରେ ନୁହେଁ, ବରଂ ମୂଲ୍ୟବୋଧ ଓ ନିଜେ ସୃଷ୍ଟି କରୁଥିବା ପ୍ରଭାବରେ ରହିଛି ବୋଲି ସେ କହିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚ୍ଚାର
ରବିବାର ୫ ଏପ୍ରିଲ ୨୦୨୬
BUSINESS

# ରୋଷେଇଶାଳରୁ ସଡ଼କ ପର୍ଯ୍ୟନ୍ତ ମହଙ୍ଗା ମାଡ଼



ନୂଆଦିଲ୍ଲୀ, ୪।୪ଃ ସାଧାରଣ ଖାଉଟିଙ୍କ ଉପରେ ପୁଣି ଥରେ ମହଙ୍ଗା ମାଡ଼ ହୋଇଛି। କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ଏବଂ ବିମାନ ଇନ୍ଧନ (ଏଟିଏଫ) ଦର ବୃଦ୍ଧି ପରେ ଏବେ ସିଏନଜି (ସିଏନଜି) ମଧ୍ୟ ମହଙ୍ଗା ହୋଇଛି। ପ୍ରମୁଖ ଗ୍ୟାସ୍ ବିତରକ ସଂସ୍ଥା ଟରେଣ୍ଟ ଗ୍ୟାସ୍ ନିଜର ସିଏନଜି ଦରରେ ବୃଦ୍ଧି ଘୋଷଣା କରିଛି। ରେଣ୍ଟ ଗ୍ୟାସ୍ ପକ୍ଷରୁ ସିଏନଜି ଦରରେ ପ୍ରତି କିଲୋଗ୍ରାମ ପିଛା ୨.୫୦ ଟଙ୍କା ବୃଦ୍ଧି କରାଯାଇଛି। ପୂର୍ବରୁ ଘରୋଇ ତୈଳ କମ୍ପାନୀ 'ନାୟରା' ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ସାରିଥିବା ବେଳେ ଏବେ ସିଏନଜି ମହଙ୍ଗା ହେବା ଫଳରେ ଯାତାୟାତ ଖର୍ଚ୍ଚ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେଇଛି। ତେବେ ସରକାରୀ ତୈଳ କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ଇନ୍ଧନ ଦରର ଏହି କ୍ରମାଗତ ବୃଦ୍ଧିକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗୋଟିଏ ପଟେ ପରିବା ଦର ବଢ଼ୁଥିବା ବେଳେ ଅନ୍ୟପଟେ ଇନ୍ଧନ ମହଙ୍ଗା ହେବା ଫଳରେ ମାସିକ ବଜେଟ୍ ବିଗିଡ଼ିବାରେ ଲାଗିଛି। ଅଟୋ-ରିକ୍ସା ଚାଳକମାନେ ଏହି ବୃଦ୍ଧିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସିଏନଜି ଦର ବଢ଼ିବା ଫଳରେ ସେମାନଙ୍କର ଲାଭ କମିଯାଉଛି, ଯାହା ସେମାନଙ୍କ ଗୁଜୁରାଣ ମେଣ୍ଟାଇବାରେ ବଡ଼ ବାଧକ ସାଜିଛି। ଏପ୍ରିଲ ୧ ତାରିଖରୁ ଦେଶର ପ୍ରମୁଖ ସହରଗୁଡ଼ିକରେ କମର୍ସିଆଲ୍ ଏଲପିଜି ସିଲିଣ୍ଡର ଦର ବୃଦ୍ଧି ପାଇଛି। ୧୯ କିଲୋଗ୍ରାମ ବିଶିଷ୍ଟ ବାଣିଜ୍ୟିକ ସିଲିଣ୍ଡର ପିଛା ୧୯୫.୫୦ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଏହାର ମୂଲ୍ୟ ୨,୦୭୮.୫୦ ଟଙ୍କାରେ ପହଞ୍ଚିଛି। ଛୋଟ ସିଲିଣ୍ଡରଗୁଡ଼ିକର ଦରରେ ମଧ୍ୟ ବୃଦ୍ଧି ଘଟିଛି। ଆଶ୍ୱସ୍ତିର କଥା ଯେ, ଘରୋଇ ରୋଷେଇ ଗ୍ୟାସ୍ ଦର ମାର୍ଚ୍ଚ ମାସ ପରଠାରୁ ଅପରିବର୍ତ୍ତିତ ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଏବେ ବ୍ୟାରେଲ ପିଛା ୧୧୦ ଡଲାରରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ଘରୋଇ ବଜାରର ଇନ୍ଧନ ଦର ଉପରେ ପଡୁଥିବା ଅନୁମାନ କରାଯାଉଛି।



### ସରକାରଙ୍କ ବଡ଼ ଘୋଷଣା

## ବଦଳିବ ସୁନା କିଣିବା ନିୟମ



ନୂଆଦିଲ୍ଲୀ,୪।୪ଃ ସରକାର ସୁନା କ୍ରୟ ସମ୍ବନ୍ଧୀୟ ନିୟମଗୁଡ଼ିକୁ ଆହୁରି କଠୋର କରିବାକୁ ଯାଉଛନ୍ତି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ହଲମାର୍କିଂର ଅପବ୍ୟବହାର ବିଷୟରେ ବଢ଼ୁଥିବା ଚିନ୍ତାକୁ ଦୂର କରିବା ଏବଂ ସୁନାର ଶୁଦ୍ଧତା ଏବଂ ପ୍ରାମାଣିକତା ସୁନିଶ୍ଚିତ କରିବା ପାଇଁ ସାରା ଦେଶରେ ଆହୁରି କଠୋର ସୁନା ଟ୍ୟାଗିଂ ନିୟମ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏହି ନିୟମର ଅଧୀନରେ ସରକାର ପ୍ରତ୍ୟେକ ସୁନା ଜିନିଷ ପାଇଁ ଏକ ଏଚୟୁଆଇଡି କୋଡ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ଗ୍ରାହକମାନଙ୍କୁ କେବଳ ୬-ଅଙ୍କ ବିଶିଷ୍ଟ ହଲମାର୍କ ୟୁନିକ ଆଇଡେଣ୍ଟିଫିକେସନ (ଏଚୟୁଆଇଡି) କୋଡ ଥିବା ଅଳଙ୍କାର କିଣିବାକୁ ପରାମର୍ଶ ଦିଆଯାଇଛି। ଏହି କୋଡ 'ବିଆଇଏସ କେୟାର' ଆପ ମାଧ୍ୟମରେ ମଧ୍ୟ ଯାଞ୍ଚ କରାଯାଇପାରିବ। ଏହା ନକଲି ସାମଗ୍ରୀକୁ ରୋକିବାରେ ସାହାଯ୍ୟ କରିବ।

### କମ୍ପାନୀ ପାଇଁ ଜାରି ହେଲା କଡ଼ା ନିର୍ଦ୍ଦେଶ

## ଚାକିରି ଛାଡ଼ିଲେ ମିଳିବ ପଇସା

ନୂଆଦିଲ୍ଲୀ, ୪।୪ଃ ଶ୍ରମିକ ଏବଂ କର୍ମଚାରୀଙ୍କ ପାଇଁ ଏକ ବଡ଼ ଖୁସି ଖବର। କେନ୍ଦ୍ର ସରକାରଙ୍କ ନୂଆ ଲେବର କୋଡ୍ ଲାଗୁ ହେବା ପରେ ଏବେ କର୍ମଚାରୀଙ୍କୁ ନିଜର ବକେୟା ପ୍ରାପ୍ୟ ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଯଦି ଆପଣ କୌଣସି କମ୍ପାନୀରୁ ଚାକିରି ଛାଡୁଛନ୍ତି କିମ୍ବା ଆପଣଙ୍କୁ ବାହାର କରାଯାଉଛି, ତେବେ ମାତ୍ର ୨ ଦିନ ୱାର୍କିଂ ଡେଜ୍ ମଧ୍ୟରେ କମ୍ପାନୀକୁ ସମସ୍ତ ହିସାବ ସାରି ପଇସା ଦେବାକୁ ପଡ଼ିବ। କୋଡ୍ ଅନ୍ ୱେଜ୍, ୨୦୧୯ ଅଧୀନରେ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି। ପୂର୍ବରୁ କର୍ମଚାରୀମାନେ ଚାକିରି ଛାଡ଼ିବା ପରେ ସେମାନଙ୍କର ବକେୟା ଦରମା ଏବଂ ଅନ୍ୟାନ୍ୟ ରାଶି ପାଇବା ପାଇଁ ୩୦ରୁ ୯୦ ଦିନ ପର୍ଯ୍ୟନ୍ତ ସମୟ ଲାଗୁଥିଲା। ଏହି କାରଣରୁ କର୍ମଚାରୀମାନେ ଘର ଭଡ଼ା ଦେବା କିମ୍ବା ମାସିକ ଖର୍ଚ୍ଚ ତୁଲାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। କିନ୍ତୁ ଏବେ ନୂଆ ନିୟମ ଅନୁଯାୟୀ, ଚାକିରିର ଶେଷ କାର୍ଯ୍ୟ ଦିବସର ମାତ୍ର ୪୮ ଘଣ୍ଟା ମଧ୍ୟରେ ସେଟେଲମେଣ୍ଟ କରିବା ବାଧ୍ୟତାମୂଳକ। ଯେତେବେଳେ ଜଣେ କର୍ମଚାରୀ କମ୍ପାନୀ ଛାଡ଼ନ୍ତି, ତାଙ୍କୁ କେବଳ ଦରମା ନୁହେଁ ବରଂ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳିଥାଏ। କାମ କରିଥିବା ଦିନ ଅନୁସାରେ ବକେୟା ଦରମା ଯଦି କୌଣସି କର୍ମଚାରୀ କମ୍ପାନୀର ସାମଗ୍ରୀ ଯେପରିକି, ମୋବାଇଲ୍ ଆଦି ଫେରସ୍ତ କରିନାହାଁନ୍ତି କିମ୍ବା ଆଡଭାନ୍ସ ଲୋନ୍ ନେଇଛନ୍ତି, ତେବେ ସେହି ଅର୍ଥ କାଟି କମ୍ପାନୀ ବାକି ପଇସା ଦେବ। ନୂଆ ଲେବର କୋ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ଲାଭଦାୟକ ପରିବର୍ତ୍ତନ ହେଉଛି ଗ୍ରାଚ୍ୟୁଇଟି। ପୁରୁଣା ନିୟମ ଅନୁଯାୟୀ, ଗ୍ରାଚ୍ୟୁଇଟି ପାଇଁ ଗୋଟିଏ ସଂସ୍ଥାରେ ଅତିକମ୍‌ରେ ୫ ବର୍ଷ କାମ କରିବା ଆବଶ୍ୟକ ଥିଲା। କିନ୍ତୁ, ଏବେ ମାତ୍ର ବର୍ଷେ ଚାକିରି ପରେ ମଧ୍ୟ କର୍ମଚାରୀ ଗ୍ରାଚ୍ୟୁଇଟି ପାଇଁ ହକଦାର ହେବେ। କମ୍ପାନୀକୁ ଏହି ରାଶି ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଯଦିଓ ୨ ଦିନ ମଧ୍ୟରେ ସେଟେଲମେଣ୍ଟ ପାଇଁ ନିୟମ ରହିଛି, ତଥାପି କିଛି ସ୍ୱତନ୍ତ୍ର ପରିସ୍ଥିତି ଏବଂ କମ୍ପାନୀର ନୀତି ଅନୁଯାୟୀ ଏହା ସର୍ବାଧିକ ୧ ମାସ ପର୍ଯ୍ୟନ୍ତ ଯାଇପାରେ। ତେବେ ନୂଆ ନିୟମ କର୍ମଚାରୀଙ୍କ ଆର୍ଥିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଉଛି।



## ରିଲାଏନ୍ସ ଫାଉଣ୍ଡେସନର 'ୱାଟର ଫର୍ ଲାଇଫ୍' ଅଭିଯାନ

ମୁମ୍ବାଇ, ୪।୪ଃବିଶ୍ୱ ଜଳ ଦିବସ ୨୦୨୬ ଅବସରରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ଆରମ୍ଭ କରାଯାଇଥିବା ୱାଟର ଫର ଲାଇଫ ଅଭିଯାନ ଏବେ ଏକ ବିଶାଳ ଜନ ଆନ୍ଦୋଳନରେ ପରିଣତ ହେଉଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ମାତ୍ର ୧୦ ଦିନ ମଧ୍ୟରେ, ଓଡିଶା ସମେତ ୧୫ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ସମେତ ୧୦୮ଟି ଜିଲ୍ଲାରୁ ୩୩,୦୦୦ ରୁ ଅଧିକ ସ୍ୱେଚ୍ଛାସେବୀ ୧,୪୦୦ରୁ ଅଧିକ ଜଳ ଉତ୍ସ ସଫା କରିବା ପାଇଁ ଏକତ୍ରିତ ହୋଇଥିଲେ।

### ୧୦ ଦିନରେ ୧,୪୦୦ରୁ ଅଧିକ ଜଳାଶୟରୁ ସଫା ହେଲା ବର୍ଜ୍ୟ

ଅଭିଯାନ ସମୟରେ, ୯୧୨ଟି ଗ୍ରାମରୁ ପ୍ରାୟ ୮୫,୦୦୦ କିଲୋଗ୍ରାମ ବର୍ଜ୍ୟବସ୍ତୁ ହଟାଯାଇଥିଲା, ଯାହାଦ୍ୱାରା ନଦୀ ଘାଟ, ହ୍ରଦ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ପୁନର୍ଜୀବିତ କରାଯାଇଥିଲା। କୋଚି ବେଳାଭୂମି, ନର୍ମଦା ନଦୀ ଘାଟ ଏବଂ ରଙ୍କାଲା ହ୍ରଦ ଭଳି ପ୍ରମୁଖ ସ୍ଥାନଗୁଡ଼ିକ ଏହି ମିଶନର କେନ୍ଦ୍ରବିନ୍ଦୁ ଥିଲା, ଯେଉଁଠାରେ ସ୍ଥାନୀୟ ଚାଷୀ, ମହିଳା, ଯୁବକଯୁବତୀ ଏବଂ ରିଲାଏନ୍ସ କର୍ମଚାରୀମାନେ ସେମାନଙ୍କର ସ୍ୱେଚ୍ଛାକୃତ ଶ୍ରମ (ଶ୍ରମଦାନ) ପ୍ରଦାନ କରିଥିଲେ। ଏହି ଅଭିଯାନ ରିଲାଏନ୍ସ ଫାଉଣ୍ଡେସନର ଗ୍ରାମୀଣ ପରିବର୍ତ୍ତନ ପ୍ରୟାସର ଏକ ସମ୍ପ୍ରସାରିତ ଅଂଶ, ଯାହା ଅଧୀନରେ ଆଜି ପର୍ଯ୍ୟନ୍ତ ୨୦୦ ନିୟୁତ ଘନ ମିଟରରୁ ଅଧିକ ଜଳ ସଂରକ୍ଷଣ କରାଯାଇଛି। ୨,୫୦୦ ପ୍ରଶିକ୍ଷିତ 'ଭିଲେଜ କ୍ଲାଇମେଟ ଚାମ୍ପିଅନ'ଙ୍କ ନେତୃତ୍ୱରେ, ଏହି ଆନ୍ଦୋଳନ ଜଳ ସାକ୍ଷରତା ଏବଂ ଅପଚୟ ପରିଚାଳନା ଉପରେ ଧ୍ୟାନ କେନ୍ଦ୍ରିତ କରିଛି, ଯାହାଦ୍ୱାରା ସାମୁଦାୟିକ ମାଲିକାନା ମାଧ୍ୟମରେ ଜଳ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଏହି ପଦକ୍ଷେପ କେବଳ ଏକ ସଫେଇ ଅଭିଯାନ ନୁହେଁ; ବରଂ, ଏହା ଭାରତର ପରିବେଶକୁ ସୁରକ୍ଷା ଏବଂ ସମୃଦ୍ଧ କରିବା ପାଇଁ ଉତ୍ସର୍ଗୀକୃତ ଏକ ଦୀର୍ଘକାଳୀନ ଜନ ଆନ୍ଦୋଳନ।



## ନମ୍ବର ସେଭ୍ ନ କରି କରିପାରିବେ ହ୍ୱାଟ୍ସଆପ୍‌ରେ ଚାଟ୍




ନୂଆଦିଲ୍ଲୀ,୪।୪ଃ ସାଧାରଣତଃ ହ୍ୱାଟ୍ସଆପରେ କାହା ସହିତ କଥା ହେବାକୁ ହେଲେ ଆମକୁ ପ୍ରଥମେ ସେହି ବ୍ୟକ୍ତିଙ୍କ ନମ୍ବର ନିଜ ଫୋନରେ ସେଭ କରିବାକୁ ପଡ଼ିଥାଏ। କିନ୍ତୁ ଅନେକ ସମୟରେ ଆମକୁ କେବଳ କିଛି ସମୟ ପାଇଁ କାହା ସହ ଚାଟିଂ କରିବାକୁ ପଡ଼େ କିମ୍ବା କିଛି ଡକ୍ୟୁମେଣ୍ଟ ପଠାଇବାକୁ ପଡ଼େ, ଯେଉଁଥିପାଇଁ ନମ୍ବର ସେଭ କରିବା ବିରକ୍ତିକର ମନେହୁଏ। ଏବେ ଏହାର ଏକ ସହଜ ସମାଧାନ ଆସିଛି। ଏଣିକି ଆପଣ କୌଣସି ଥାର୍ଡ ପାର୍ଟି ଆପ ବିନା ମଧ୍ୟ ଅଜଣା ନମ୍ବରରେ ମେସେଜ କରିପାରିବେ। ଏହି ସୁବିଧା ପାଇଁ ଆପଣଙ୍କୁ ଅଲଗା କୌଣସି ଆପ୍ ଇନଷ୍ଟଲ କରିବାକୁ ପଡ଼ିବ ନାହିଁ। ମେଟା (Meta) ନିଜେ ହ୍ୱାଟ୍ସଆପ ୟୁଜର୍ସଙ୍କୁ ଏହି ଅପ୍ସନ ପ୍ରଦାନ କରୁଛି। ନିଜକୁ କରନ୍ତୁ ମେସେଜଃ ସର୍ବପ୍ରଥମେ ଆପଣ ଯେଉଁ ନମ୍ବର ସହ ଚାଟ କରିବାକୁ ଚାହୁଁଛନ୍ତି, ସେହି ନମ୍ବରକୁ କପି କରନ୍ତୁ ଏବଂ ହ୍ୱାଟ୍ସଆପରେ ନିଜ ଚାଟ ବକ୍ସ (You) କିମ୍ବା କୌଣସି ବନ୍ଧୁଙ୍କ ଚାଟ ବକ୍ସରେ ପଠାଇ ଦିଅନ୍ତୁ। ଲିଙ୍କ ଉପରେ କ୍ଲିକ କରନ୍ତୁଃ ମେସେଜ ସେଣ୍ଡ ହେବା ପରେ ନମ୍ବରଟି ନୀଳ ରଙ୍ଗ (Blue Link)ରେ ଦେଖାଯିବ। ସେହି ନମ୍ବର ଉପରେ ଟ୍ୟାପ କରନ୍ତୁ। ଅପ୍ସନ ବାଛନ୍ତୁଃନମ୍ବର ଉପରେ କ୍ଲିକ କରିବା ମାତ୍ରେ ଆପଣଙ୍କୁ 'Message', 'Audio', 'Video' ପରି କିଛି ଅପ୍ସନ ମିଳିବ। ଚାଟିଂ ଆରମ୍ଭ କରନ୍ତୁଃ ଯଦି ଆପଣ ମେସେଜ କରିବାକୁ ଚାହୁଁଛନ୍ତି, ତେବେ 'Message' ଉପରେ ଟ୍ୟାପ କରନ୍ତୁ। ଏହା ସହିତ ସେହି ବ୍ୟକ୍ତିଙ୍କ ଚାଟ ପେଜ ଓପନ ହୋଇଯିବ ଏବଂ ଆପଣ ସିଧାସଳଖ କଥା ହୋଇପାରିବେ। ଏହି ଉପାୟରେ ଆପଣ କେବଳ ମେସେଜ ନୁହେଁ, ବରଂ ଭଏସ କଲ ଏବଂ ଭିଡିଓ କଲ ମଧ୍ୟ କରିପାରିବେ। ଯଦି ଆପଣ ହ୍ୱାଟ୍ସଆପ ପେମେଣ୍ଟ ବ୍ୟବହାର କରୁଛନ୍ତି, ତେବେ ପଇସା ମଧ୍ୟ ପଠାଇ ପାରିବେ। ଆପଣ ଚାହିଁଲେ ନିଜ ମୋବାଇଲ କିମ୍ବା ଲାପଟପ୍ ବ୍ରାଉଜରରେ ଏକ ଲିଙ୍କ ବ୍ୟବହାର କରି ମଧ୍ୟ ଚାଟିଂ କରିପାରିବେ। ବ୍ରାଉଜରରେ https://wa.me/୯୧XXXXXXXXXX ଟାଇପ କରନ୍ତୁ। (ଏଠାରେ ୯୧ ହେଉଛି ଭାରତର କୋଡ ଏବଂ X ଜାଗାରେ ମୋବାଇଲ ନମ୍ବର ଦିଅନ୍ତୁ)। ଏହାପରେ 'Continue to Chat' ଉପରେ କ୍ଲିକ କରନ୍ତୁ। ଏହା ଆପଣଙ୍କୁ ସିଧା ହ୍ୱାଟ୍ସଆପ ଚାଟ୍ ବକ୍ସକୁ ନେଇଯିବ। ଏଣିକି ଛୋଟ ଛୋଟ କାମ ପାଇଁ ଅଜଣା ଲୋକଙ୍କ ନମ୍ବର ଫୋନରେ ସେଭ କରି କଣ୍ଟାକ୍ଟ ଲିଷ୍ଟ ଭିଡ଼ କରିବାର ଆଉ ଆବଶ୍ୟକତା ନାହିଁ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ସମ୍ ନର୍ସିଂ କଲେଜ-୨ରେ ଜାତୀୟ ସମ୍ମିଳନୀ ଆୟୋଜିତ




**ଭୁବନେଶ୍ୱର,୪।୪ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ -୨, ଫୁଲନଖରା ପକ୍ଷରୁ ଶନିବାର ଦିନ ପ୍ରଥମ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ନର୍ସିଂ ଫ୍ୟାକଲ୍ଟି, ଛାତ୍ରଛାତ୍ରୀ, ଅଫିସର ଓ ଅନ୍ୟାନ୍ୟ କର୍ମକର୍ତାମାନେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଯୋଗ ଦେଇଥିଲେ।

ଏହି ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଖାଯାଉଥିବା ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ଗୁଡ଼ିକର ଚିହ୍ନଟ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥି ନିମନ୍ତେ ସ୍ୱାସ୍ଥ୍ୟକ୍ଷେତ୍ରର ସମସ୍ତ କର୍ମଚାରୀ ସଜାଗ ରହିବାକୁ ଆବଶ୍ୟକ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ ନର୍ସିଂ କଲେଜରେ ପ୍ରଥମ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିବା ନିମନ୍ତେ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବର୍ତମାନ ସମୟରେ ଅଣସଂକ୍ରାମକ ରୋଗରେ ପୀଡିତ ରୋଗୀମାନଙ୍କ ସଂଖ୍ୟା ବହୁ ମାତ୍ରାରେ ବୃଦ୍ଧି ହେବା ଫଳରେ ମୃତ୍ୟୁହାର ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟକ୍ଷେତ୍ର ସହିତ ଜଡିତ ସମସ୍ତ କର୍ମଚାରୀ ତଥା ନର୍ସମାନଙ୍କୁ କିପରି ସଶକ୍ତ ଓ ପ୍ରଶିକ୍ଷିତ କରାଯାଇପାରିବ ତାହାହିଁ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ସ୍ୱାଇଁ କହିଥିଲେ।

ଏହି ଅବସରରେ ଓଡ଼ିଶା ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଆଣ୍ଡ ଫ୍ୟାମିଲି ୱେଲଫେୟାର (ଓଏସ୍‌ଆଇଏଚ୍‌ଏଫ୍‌ଡବ୍ଲ୍ୟୁ)ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସନ୍ଦୀପନା ପତି ବିଶେଷ ଅତିଥି ଭାବେ ଯୋଗଦେଇ କହିଥିଲେ ଆଜିର ସମାଜରେ ବୃଦ୍ଧି ପାଉଥିବା ଅଣସଂକ୍ରାମକ ରୋଗ (ଏନ୍‌ସିଡିଏସ୍) ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। କେବଳ ଔଷଧ ନୁହେଁ ବରଂ ଜୀବନଶୈଳୀରେ ପରିବର୍ତନ ଆଣିବା ପାଇଁ ରୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଜରୁରୀ। ଏଥିସହିତ ଖାଦ୍ୟ ଠାରୁ ଆରମ୍ଭ କରି ନିଜ ଜୀବନଚର୍ଯ୍ୟା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଥିଲେ।

ଏହି ସମ୍ମିଳନୀରେ ସମ୍ ହସ୍ପିଟାଲ-୨ର କମ୍ୟୁନିଟି ମେଡିସିନ୍ ବିଭାଗର ମୁଖ୍ୟ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର କରି କିଭଳି ରୋଗ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରାଯାଇପାରିବ ସେ ନେଇ ଅଭିନବ ପ୍ରୟାସ କରାଯାଇଛି। ସୁସ୍ଥ ଓ ନିରୋଗ ଓଡ଼ିଶା ଗଠନ ଦିଗରେ ଏହି ସମ୍ମିଳନୀ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରୋଗ୍ରାମ ଆଡଭାଇଜର ତଥା ସମ୍ ନର୍ସି କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ଯୋଗ ଦେଇ ଏହି ସମ୍ମିଳନୀର ଥିମ୍ " ଫ୍ରମ ଆୱାରନେସ୍ ଟୁ ଆକ୍ସନ୍ : ଏମ୍ପାୱାରିଂ ହେଲ୍‌ଥ ପ୍ରଫେସ୍‌ନାଲ୍‌ସ୍ ଇନ୍ କ୍ଲୋଜିଙ୍ଗ୍ ଦ ଗ୍ୟାପ୍ ଫର ଏନ୍‌ସିଡିଏସ୍ ପ୍ରିଭେନ୍‌ସନ୍" ଉପରେ ବକ୍ତବ୍ୟ ରଖିଥିଲେ।

ଏହି ସମ୍ମିଳନୀରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦଯାପିତ

**ନୀଳଗିରି,୪।୪ (ସଂଚାର ବ୍ୟୁରୋ):** ନୀଳଗିରି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଏକ ଆଧ୍ୟାତ୍ମ୍ୟ ପରିବେଶରେ ଗତ ୨୭ତାରିଖ ପବିତ୍ର ରାମନବମୀ ଠାରୁ ନଅଦିନ ଧରି ନୀଳଗିରି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ନବାନ୍ନ ପାରାୟଣ ଏବଂ ପ୍ରବଚନ ଆଜି ସମାପ୍ତ ହୋଇଯାଇଛି। ପ୍ରଭୁ ବିଷ୍ଣୁଙ୍କ ସପ୍ତମ ଅବତାର ଓ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନୀକୁ ମହର୍ଷି ବାଲ୍ମୀକି ସଂସ୍କୃତଭାଷାରେ ରାମାୟଣ ମହାକାବ୍ୟ ରଚନା କରିଥିଲେ ହେଁ ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ରାମଚରିତ ମାନସ ଲୋକମାନସରେ ସର୍ବଦା ବିଦିତ। ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ନୀତି ଆଦର୍ଶ, ବଚନରକ୍ଷା, ସର୍ବୋପରି କର୍ତ୍ତବ୍ୟ ପରାୟଣତା ଉପରେ ଆଧାରିତ ଏଭଳି ପବିତ୍ରଗାଥାକୁସମାଜସେବୀ ବ୍ରହ୍ମାନନ୍ଦ ଦାସ, ଅନନ୍ତ କୁମାର ବେହେରା, ପିତାମ୍ବର ପାତ୍ର, ନବକିଶୋର ଦାସଙ୍କ ଭଳି ସୁଜ୍ଞାନିଙ୍କ ଉଦ୍ୟମରେ ଦୀର୍ଘ ନଅଦିନଧରି ଏଭଳି ଆୟୋଜନ କରାଯାଇଥିଲା। ପ୍ରଥମ ଦିବସରେ ପଣ୍ଡିତ ଦେବାଶିଷ ଦ୍ୱିବେଦୀ, ପରେ ବାଙ୍କୀରୁ ଆସିଥିବା ପ୍ରବଚିକା ଗୀତାଞ୍ଜଳି ଜେନାଙ୍କ ଦ୍ୱାରା ୩ଦିନ ଧରି ରାମଚରିତ ମାନସ ଉପରେ ଭାବଗର୍ଭକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଶେଷ ୫ଦିନ ପୁରୀରୁ ଆସିଥିବା ପଣ୍ଡିତ ଲକ୍ଷ୍ମଣାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଅତିସୁନ୍ଦର ଭାବରେ ପ୍ରବଚନ ବ୍ୟାଖ୍ୟା ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଶହଶହ ସଂଖ୍ୟାରେ ଶ୍ରୋତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିବା ବେଳେ ଶେଷସନ୍ଧ୍ୟାରେ ପ୍ରବଚନ ଓ ଜ୍ଞାନଯଜ୍ଞ ସହ ଭକ୍ତମାନଙ୍କ ଉଦ୍ଦେଶ୍ୟରେ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଯାହାକୁ ଅତି ଆନନ୍ଦରସହିତ ସେବନ କରିଥିବା ଦେଖିବାକୁ ମିଳିଥିଲା।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ




**ଢେଙ୍କାନାଳ,୪।୪ (ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସାରା ରାଜ୍ୟରେ ବିଦ୍ୟାଳୟରେ ଶିଶୁମାନଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ସ୍ଥାନୀୟ ପି.ଏମ. ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗଦେଇ, ଶିଶୁମାନଙ୍କୁ ଖଡ଼ି ଛୁଆଁଇ ସେମାନଙ୍କର ବିଦ୍ୟାରମ୍ଭ କରିଥିଲେ। ବିଦ୍ୟା ମହାଧନ ଅଟେ, ସମସ୍ତଙ୍କୁ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରିଥିଲେ । ଅତିଥିମାନେ ଶିଶୁମାନଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରାଇଥିଲେ । ଏହି ଅବସରରେ ଏକ ସଚେତନତା ପ୍ରଚାର ରଥକୁ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୂହାଣ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟ ପରିସରରେ ହୋଇଥିବା ରଙ୍ଗର ଦୂନିଆ, ଗପ ରାଇଜ ଓ ଖେଳଘର ଷ୍ଟଲକୁ ଅତିଥିମାନେ ପରିଦର୍ଶନ କରିଥିଲେ ଜିଲ୍ଲାରେ ଶିଶୁ ବାଟିକାରେ ୮,୭୮୨ ଜଣ ଏବଂ ପ୍ରଥମ ଶ୍ରେଣୀରେ ୧,୩୫୨ ଜଣ, ସମୁଦାୟ ୧୦,୧୩୪ ଜଣ ଶିଶୁଙ୍କର ନାମ ଲେଖାଯିବ ବୋଲି ଜଣାଯାଇଛି । କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

**ନୀଳଗିରି,୪।୪ (ସଂଚାର ବ୍ୟୁରୋ):** ଆଜି ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ସକାଳେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଫୁଲ ଓ ବେଲୁନ ରେ ସୁସଜ୍ଜିତ କରାଯାଇଥିଲା। ପ୍ରଥମ କରି ନାମ ଲେଖେଇବାକୁ ଆସିଥିବା ୫ ବର୍ଷର କୁନି କୁନି ବାଳକ ବାଳିକା ମାନଙ୍କୁ ନାମ ଲେଖା କରାଯାଇଥିଲା। ପରେ ବିଦ୍ୟାଳୟ ପକ୍ଷରୁ ଖଡ଼ି, ସ୍ଲେଟ ଦିଆଯାଇ ପାଠ ପଢ଼ା ଆରମ୍ଭ କରାଯାଇ ଥିଲା। ବିଦ୍ୟାଳୟ ମାନଙ୍କରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଛବି ମାଧ୍ୟମରେ ରଙ୍ଗ ଚିହ୍ନିବା,ବିଭିନ୍ନ ପଶୁପକ୍ଷୀ ଚିହ୍ନିବା, ସ୍ଲେଟ ଉପରେ ଖଡ଼ିରେ ପ୍ରଥମେ ଓଁ ଶୂନ ମଡ଼େଇ ଅଭିନବ ଉପାୟରେ ଶିକ୍ଷା ଦେଉଥିବା ଦେଖିବାକୁ ମିଳିଥିଲା। ନୀଳଗିରି ବ୍ଲକ କାଠଗୋଛି ସରକାରୀ ଯୁଜି ସ୍କୁଲ ରେ ପ୍ରଥମ କରି ଆସିଥିବା ସଞ୍ଜୟ ମଲ୍ଲିକ ଙ୍କ ହାତ ଧରି ପ୍ରଧାନ ଶିକ୍ଷକ ତରଣୀ ପତି ପ୍ରବେଶ ଉତ୍ସବ ରେ ସ୍ଲେଟ ରେ ଖଡ଼ି ଛୁଆଁ କରାଇଥିଲେ। ଟୈଁଳା ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ଦାସ ଓ ସହକାରୀ ଶିକ୍ଷକ ଶୀଲାୟ ଗିଲୁଆ ଶିଶୁ ବାଟିକାକୁ ପ୍ରଥମକରି ନାମ ଲେଖା ପାଇଁ ଆସିଥିବା ନିଖିଳ ସିଂ, ଛନ୍ଦିତା ସିଂ, ରାଣୀ ସିଂ ଙ୍କୁ ସ୍ଲେଟ ଖଡ଼ି ଧରାଇ, ଗପ ମାଧ୍ୟମରେ, ଚିତ୍ର ମାଧ୍ୟମରେ ପାଠ ପଢ଼ାଉ ଥିବାର ଦେଖିବାକୁ ମିଳିଥିଲା। କଲ୍ୟାଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ୫ ଜଣ ଛାତ୍ରଛାତ୍ରୀଙ୍କ ନାମ ଲେଖା ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ରାମକୃଷ୍ଣ ସିଂ, ସହକାରୀ ଶିକ୍ଷକ ଅଜୟ କୁମାର ବାରିକ, ପ୍ରମୋଦିନୀ ପରିଛା, ମନୀଷା ଦାସ ବିଦ୍ୟାଳୟରେ ପିଲାଙ୍କ ହାତଧରି ଶିକ୍ଷାଦାନ କରାଇଥିଲେ। ଠିକ ସେହିଭଳି ଭାବେ ବେଗୁନିଆ ଯୁଜିୟୁପି ସ୍କୁଲରେ ପ୍ରବେଶ ଉତ୍ସବରେ ଭାବେନ୍ଦ୍ର ସିଂ, ପୂଜା ସିଂ, ନିହାରିକା ସିଂ, ବିଦ୍ୟାଶ୍ରୀକର, ଚିନୁ ସିଂ, ଜ୍ୟୋସ୍ନା ସିଂଙ୍କ ଅଭିଭାବକ ବିଦ୍ୟାଳୟକୁ ଆସି ଆଜି ନାମଲେଖାଇ ଥିଲେ।

## ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ରଥ ଉଦ୍‌ଘାଟିତ



**ବେତନଟୀ,୪।୪ (ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ଗଣଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ପ୍ରତ୍ୟେକ ବିଦ୍ୟାଳୟରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଉତ୍ସାହ ଓ ଆଡ଼ମ୍ବରର ସହିତ ପାଳନ ଆରମ୍ଭ ହୋଇଥିବା ବେଳେ । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ଏକ ଖଡ଼ି ଛୁଆଁ ଓ ପ୍ରବେଶ ସଚେତନ ରଥ କୁ ବେତନଟୀ ବିଇଓ ବିପ୍ଳବ କର ଉଦଘାଟନ କରିଛନ୍ତି। ଏହି ରଥ ସାରା ବେତନଟୀ ବ୍ଲକ ରେ ଥିବା ସମସ୍ତ ବିଦ୍ୟାଳୟ କୁ ଯାଇଥିଲା। ଏହି ପ୍ରିପେରକ୍ଷୀରେ ବେତନଟୀ ବ୍ଲକ ଅନ୍ତର୍ଗତ ସଠିଲୋ ସରକାରୀ ଉପ୍ରା ବିଦ୍ୟାଳୟ ଠାରେ ଏହି ଉତ୍ସବକୁ ଭବ୍ୟ ଭାବରେ ଆୟୋଜିତ କରାଯାଇଥିଲା । ଉତ୍ସବର ଆରମ୍ଭରେ ନୂତନ ଭାବେ ବିଦ୍ୟାଳୟକୁ ଆସୁଥିବା କୁମାରୀ ଓ କୁମାର ମାନଙ୍କୁ ଚନ୍ଦନ ଟିକା ଲଗାଇ ବନ୍ଦାପନା କରାଯାଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହା ପରେ ଛୋଟ ପିଲାମାନଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର ପ୍ରଥମ ସୋପାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିବା ସହ ପାଠ୍ୟପୁସ୍ତକ ଓ ଶିକ୍ଷା ସାମଗ୍ରୀ ମଧ୍ୟ ବିତରଣ କରାଯାଇଥିଲା। ସଠିଲୋ ଉପ୍ରା ବିଦ୍ୟାଳୟ ପରିବେଶକୁ ଉତ୍ସବ ମୁଖର କରିବା ପାଇଁ ସୁନ୍ଦର ଭାବରେ ସଜାଯାଇଥିବା ବେଳେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଗୋଟାଏ ସଜିତ ରଥକୁ ବ୍ଲକର ସମସ୍ତ ବିଦ୍ୟାଳୟ କୁ ବୁଲିବା ପାଇଁ ପ୍ରସ୍ତୁତ କରାଯାଇଥିଲା ଏବଂ ଶିକ୍ଷକ-ଶିକ୍ଷୟତ୍ରୀମାନେ ପିଲାମାନଙ୍କୁ ଶିକ୍ଷାର ଗୁରୁତ୍ୱ ବିଷୟରେ ଅବଗତ ମଧ୍ୟ କରାଇଥିଲେ।

## ଓଡ଼ିଆରେ ନାମଫଳକ ସଚେତନତା ପଦଯାତ୍ରା

**ବାରିପଦା, ୪।୪ (ସଂଚାର ବ୍ୟୁରୋ):** 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ ତରଫରୁ ଜିଲ୍ଲାସ୍ତରୀୟ 'ଓଡ଼ିଆରେ ନାମ ଫଳକ ଲେଖା' ଅଭିଯାନ ଆୟୋଜିତ ହୋଇଛି । "ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬" ଅନୁଯାୟୀ ଜିଲ୍ଲାର ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କର ନାମ ଫଳକକୁ ନିର୍ଭୁଲ ଏବଂ ସ୍ପଷ୍ଟ ଭାବରେ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ କରାଯାଇଛି ।

ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାରିପଦାରୁ ଏକ ସଚେତନତା ପଦଯାତ୍ରା ଓ ରଥଯାତ୍ରା ଆୟୋଜିତ ହୋଇଛି । ଏହା ସହରର ବିଭିନ୍ନ ପ୍ରମୁଖ ଅଞ୍ଚଳ ମଧ୍ୟଦେଇ ରାଲି କରି ସ୍ଥାନୀୟ ଛଉ




ପଡ଼ିଆରେ ସମାପନ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗଇପାଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି,, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶ୍ରମ ସଂଗଠନ, ସ୍ୱେଚ୍ଛାସେବୀ, ଏନଜିଓ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ, ଓଡ଼ିଆ ଭାଷାର ମହତ୍ତ୍ୱ, ଏହାର ସଂରକ୍ଷଣ ଓ ସାମାଜିକ ଜୀବନରେ ଏହାର ବ୍ୟାପକ ବ୍ୟବହାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଜ ଦୋକାନ ଓ ପ୍ରତିଷ୍ଠାନର ନାମ ଫଳକକୁ ଓଡ଼ିଆରେ ଲେଖିବା ମାଧ୍ୟମରେ ଆମେ ନିଜ ଭାଷାକୁ ସମ୍ମାନ ଦେବା ସହ ଏହାର ସମୃଦ୍ଧିକୁ ଆଗେଇ ନେଇପାରିବା ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ। ସେହିପରି, ସଚେତନତା ପଦଯାତ୍ରା ପରେ ବିଭିନ୍ନ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଦଳ ଦ୍ୱାରା ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନମାନଙ୍କର ନାମଫଳକ ନିରୀକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ତାଗିଦ୍ କରାଯାଇଥିଲା ।

## ଉପଖଣ୍ଡସ୍ତରୀୟ ଛଉ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ରାଇରଙ୍ଗପୁର, ୪।୪ (ସଂଚାର ବ୍ୟୁରୋ):** ଉପଖଣ୍ଡ ପ୍ରଶାସନ ତତ୍ତ୍ୱାବଧାନ ଏବଂ ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନର ସହଯୋଗରେ ରାଇରଙ୍ଗପୁର ଠାରେ ଏପ୍ରିଲ ୨ ଏବଂ ୩ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା ଉପଖଣ୍ଡସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା। ଭାରପ୍ରାପ୍ତ ଉପଜିଲ୍ଲାପାଳ ତଥା ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ୨ଦିନିଆ ପ୍ରତିଯୋଗୀତାର ପ୍ରଥମ ଦିନରେ ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ୬ଗୋଟି ଛଉ ନୃତ୍ୟ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଦିବସରେ ୧୧ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ।

ବିଚାରକ ଭାବେ ଛଉ ଗୁରୁ ସର୍ବ ସୁନୀଲ କୁମାର ମହାନ୍ତ, ମହେଶ୍ୱର ମହାନ୍ତ, ଜାପାନୀ ମାଠିଆ ଓ ମିଲନ କୁମାର ମହାନ୍ତ ଯୋଗ ଦେଇ ଅଂଶ ଗ୍ରହଣ କରିଥିବା ଛଉ ନୃତ୍ୟ ଦଳର କଳାକାର ମାନଙ୍କଦ୍ୱାରା ପରିବେଶିତ ନୃତ୍ୟର ମୂଲ୍ୟାୟନ କରିଥିଲେ। ତଦନୁସାରେ ଉପଖଣ୍ଡ ସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୫ ଗୋଟି ଦଳ ଯଥା ପ୍ରଥମ ସ୍ଥାନରେ ବାଦଡ଼ା ଛଉ ନୃତ୍ୟ ପ୍ରତିଷ୍ଠାନ, ବାଦଡା, ଦ୍ୱିତୀୟ ସ୍ଥାନରେ ବାବା କାଳା ମହାଦେବ ଛଉ ନୃତ୍ୟ ପ୍ରତିଷ୍ଠାନ, ତିଖିଆ, ତୃତୀୟ ସ୍ଥାନରେ ବାମନି ପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି, ଚତୁର୍ଥ ସ୍ଥାନରେ ଜ୍ୟୋତିକୁମ୍ଭ ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇହରି ଓ ନବଜ୍ୟୋତି ଛଉ ନୃତ୍ୟ ପ୍ରତିଷ୍ଠାନ, ସାନ ସିମଳା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହି ୫ ଗୋଟି ଦଳ ଚଳିତ ଏପ୍ରିଲ ମାସ ୧୧ ତାରିଖ ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଚୈତ୍ର ପର୍ବ ଉତ୍ସବରେ ଛଉ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିବେ।

ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଉଦଯାପନୀ ଦିବସରେ ଡେପୁଟି କଲେକ୍ଟର ମାନସ ରଞ୍ଜନ ବେହେରା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## କେ.ସି ହାଇସ୍କୁଲରେ ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ନୀଳଗିରି, ୪।୪ (ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ଆଜି୪ତାରିଖ ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ ଏବଂଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଥିବା ବେଳେ ଆଜି ସକାଳେ ନୀଳଗିରି ସହର ସ୍ଥିତ କୈଳାସ ଚନ୍ଦ୍ର ହାଇସ୍କୁଲ ପରିସରରେ ନୀଳଗିରି ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଶିଶୁ ବାଟିକା ର ଶୁଭାରମ୍ଭ କରାଯାଇଛି। ସ୍କୁଲକୁ ଫୁଲ ଓ ବେଲୁନ ରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ନୀଳଗିରି ର ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଶ୍ରୀ ମତି ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ଏନେସି ର ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ବିଇଓ ସତ୍ୟନାରାୟଣ ଭୁଇଁୟା,ଏବିଓ ଲମ୍ବୋଧର ସିଂ, ପ୍ରଧାନ ଶିକ୍ଷକ କୌଶିକ ଦାସ ପ୍ରମୁଖ ଉପସ୍ଥିତ ରେ ଉତ୍ସବ ଓ ଖଡ଼ି ଛୁଆଁ ରଥ କୁ ବିଧାୟକ ଶ୍ରୀଯୁକ୍ତ ଖଟୁଆ ପତକା ଦେଖାଇ ଉଦଘାଟନ କରିଥିଲେ।ପରେ ପ୍ରଥମ କରି ନାମ ଲେଖେଇବାକୁ ଆସିଥିବା ୫ ବର୍ଷର କୁନି କୁନି ବାଳକ ବାଳିକା ମାନଙ୍କୁ ନାମ ଲେଖା କରାଯାଇଥିଲା। ପରେ ବିଦ୍ୟାଳୟ ପକ୍ଷରୁ ଖଡ଼ି, ସ୍ଲେଟ ଦିଆଯାଇ ପାଠ ପଢ଼ା ଆରମ୍ଭ କରାଯାଇ ଥିଲା।ଅତିଥି ମାନଙ୍କ ଉପସ୍ଥିତରେ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଛବି ମାଧ୍ୟମରେ ରଙ୍ଗ ଚିହ୍ନିବା,ବିଭିନ୍ନ ପଶୁପକ୍ଷୀ ଚିହ୍ନିବା, ସ୍ଲେଟ ଉପରେ ଖଡ଼ିରେ ପ୍ରଥମେ ଓଁ ଶୂନ ମଡ଼େଇ ଅଭିନବ ଉପାୟରେ ଶିକ୍ଷା ଦେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ଫୁଲବାଣୀ, ୪।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ୨୦୨୬ ଶିକ୍ଷା ବର୍ଷ ନିମନ୍ତେ ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅତ୍ୟନ୍ତ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଏବଂ ଶିକ୍ଷାର ମୂଳଦୁଆକୁ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ ଏବଂ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟରେ ପ୍ରଥମ କରି ପାଦ ଥାପିଥିବା କୁନି କୁନି ଶିଶୁମାନଙ୍କୁ ଅତିଥିମାନେ ସ୍ୱାଗତ କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ଅତିଥିମାନେ ଶିଶୁମାନଙ୍କ ହାତ ଧରି ସେମାନଙ୍କର ବିଦ୍ୟା ଆରମ୍ଭ ବା 'ଖଡ଼ିଛୁଆଁ' କରାଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଜେଶ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାନସ ରଞ୍ଜନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ଦିଗାଲ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରକୁ ରଙ୍ଗବେରଙ୍ଗର ବେଲୁନ ଓ ଫୁଲରେ ସଜାଯିବା ସହ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି କରାଯାଇଥିଲା।

## ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ



**ସୁନ୍ଦରଗଡ଼, ୪।୪ (ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ଖଡ଼ିଛୁଆଁ ଏବଂ ପ୍ରବେଶ ଉତ୍ସବ। ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଏହି ଉତ୍ସବ ମହା ସମାରୋହରେ ଆୟୋଜିତ ହୋଇ ଯାଇଅଛି। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା, ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଏବଂ ଗୋଷ୍ଠି ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖା ସମ୍ବନ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଏହି ଖଡ଼ି ଛୁଆଁ ଏବଂ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଅଛି। ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କିରେଇ ସ୍ଥିତ ବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ପିଲାମାନଙ୍କୁ ଖଡ଼ି ଛୁଆଁଇ ଥିଲେ। ନୂତନ ଭାବେ ନାମ ଲେଖାଉ ଥିବା ପିଲାମାନଙ୍କୁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ପାରମ୍ପରିକ ରୀତିରେ ଫୁଲତୋଡ଼ା ସହ ଚନ୍ଦନ ଲଗେଇ ବିଦ୍ୟାଳୟକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଏକ ସଚେତନତା ରଥ ମଧ୍ୟ ଶୁଭ ଉଦଘାଟିତ ହୋଇଥିଲା। ଏହି ରଥ ବିଭିନ୍ନ ସ୍ଥାନ ଭ୍ରମଣ କରି ଶିକ୍ଷା ଉପରେ ସଚେତନତା ସୃଷ୍ଟି କରିବ।

# ଘର ଆଗରେ ଅଟୋ ଷ୍ଟାଣ୍ଡକୁ ନେଇ ବିବାଦ

### ପ୍ରଶାସନର ଦ୍ୱାରସ୍ଥ ହେଲା ଅଟୋ ସଂଘ




**ହିଞ୍ଜିଳିକାଟୁ, ୪।୪ (ସଂଚାର ବ୍ୟୁରୋ):** ଦିନେ ଯିଏ ଖାଦ୍ୟ ଯୋଗାଉଥିଲା, ସେ ଏବେ ସଭିଙ୍କ ଚିନ୍ତାର କାରଣ ଆଉ ତା' ପାଇଁ ଏବେ ବିବାଦ ମୁଣ୍ଡ ଟେକିଥିବା ବେଳେ କଥା ପହଞ୍ଚିଛି ପ୍ରଶାସନ ନିକଟରେ। ନନ୍ଦିନୀ ନାଳ ଏବେ କୌଣସି କାମରେ ଆସୁ ନ ଥିଲେ ବି ପୂର୍ବରୁ ଚାଷୀଙ୍କ ହାଡ଼ଭଙ୍ଗା ପରିଶ୍ରମରେ ଜଳ ଯୋଗାଇ ହିଞ୍ଜିଳି ନିକଟବର୍ତ୍ତୀ ଲୋକଙ୍କୁ ଆହାର ଯୋଗାଉଥିଲା କିନ୍ତୁ ସେତେବେଳେ କାହାର କିଛି ଅଭିଯୋଗ ନ ଥିଲା |

ହିଞ୍ଜିଳି ନିକଟବର୍ତ୍ତୀ ନୂଆ ବୁରୁପଡା ମା' ଶ୍ୟାମଳାଈ ଛକର ବାମ ପାର୍ଶ୍ୱରେ ରହିଛି ଶ୍ୟାମଳାଈ ଅଟୋ ଷ୍ଟାଣ୍ଡ। ଯେଉଁଥିରେ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟ ଅଛନ୍ତି | ୧୯୯୮ ମସିହାରୁ ଆଜି ପର୍ଯ୍ୟନ୍ତ ଅଟୋ ଡ୍ରାଇଭର ନିଜ ଗୁଜୁରାଣ ମେଣ୍ଟାଇବା ସହ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଆଉ ଏବେ ଅଟୋ ସଂଘ ଓ ଗୃହ ମାଲିକଙ୍କ ମଧ୍ୟରେ ବିବାଦ ଏକ ସପ୍ତାହ ହେଲା ତୀବ୍ରରୂପ ଧାରଣ କରିଛି। ଘର ମାଲିକ ନନ୍ଦିନୀ ନାଳ ଉପରେ ଅସ୍ଥାୟୀ ପୋଲ ନିର୍ମାଣ ସହ ସମ୍ମୁଖରେ ଥିବା ଅଟୋ ଷ୍ଟାଣ୍ଡ ଅନ୍ୟତ୍ର ସ୍ଥାନ ଦେଖିବାକୁ ସୂଚନା ଦେଇଥିଲେ। ଘର ସମ୍ମୁଖରେ ଅଟୋ ଷ୍ଟାଣ୍ଡ ରହିଲେ ଯା' ଆସ ଅସୁବିଧା ହେବ। ସମସ୍ୟା ସମାଧାନ ପାଇଁ ଗତକାଲି ଶ୍ୟାମଳାଈ ଅଟୋ ସଂଘ ଏ ନେଇ ହିଞ୍ଜିଳି ତହସିଲଦାର ଓ ବିଡ଼ିଓଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଶ୍ୟାମଳାଈ ଛକରେ ବସରୁ ଯାତ୍ରୀ ଓହ୍ଲାଇ ଅଟୋ ଯୋଗେ ଶେରଗଡ଼, କଂକୋରଡ଼ା ଆଦି ସ୍ଥାନକୁ ଯାଉଥିବାରୁ ପରିବାର ସୁରୁଖୁରୁରେ ଚାଲିଥିବା ଅଟୋ ସଂଘ ସଦସ୍ୟ କିରଣ ପାଢ଼ୀ କହିଛନ୍ତି। ଏହି ଜାଗାରୁ ହଟିଲେ ବେପାର ହେବ ନାହିଁ ବୋଲି ଅଶୋକ ପଣ୍ଡା ଓ ଶରତ ପଣ୍ଡା କହିଛନ୍ତି। ପୂର୍ବରୁ ଅଭିଷେକ ପାଢ଼ୀ ନାମକ ଯୁବକ ଏହି ଅଟୋ ଷ୍ଟାଣ୍ଡ ଡାହାଣ ପାର୍ଶ୍ୱରେ ନିଜର ପଟ୍ଟାଜମି ଉପରେ ଅଟୋ ରଖୁଥିବାରୁ ଅଭିଯୋଗ କରିଥିଲେ। ତେବେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବେ ବୋଲି ତହସିଲଦାର ତପନ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀ କହିଛନ୍ତି, ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ।




# ମଲ୍ଟିଗ୍ରେନ୍ ଅଟାର ପାର୍ଶ୍ୱପ୍ରତିକ୍ରିୟା

ଆଜିକାଲି ପ୍ରାୟ ଲୋକ ସାଧାରଣ ଅଟା ପରିବର୍ତ୍ତେ ମଲ୍ଟିଗ୍ରେନ୍ ଅଟାକୁ ବେଶି ପସନ୍ଦ କରୁଛନ୍ତି। କିନ୍ତୁ ଜାଣନ୍ତି କି ଏହାକୁ ଖାଇବା ଦ୍ୱାରା କବ୍ଜ ସମସ୍ୟା ହୋଇପାରେ ? ମଲ୍ଟିଗ୍ରେନ୍ ଅଟା ଆଜିକାଲିର ନୂଆ ଟ୍ରେଣ୍ଡ୍। ପ୍ରାୟ ଲୋକ ଏହାକୁ ଡାଏଟ୍ରେ ସାମିଲ କରିଚାଲିଛନ୍ତି। ପୂର୍ବରୁ କେବଳ ମଧୁମେହ ରୋଗୀ ଏହି ଅଟା ଖାଉଥିଲେ। ମଲ୍ଟିଗ୍ରେନ୍ ଅଟାରେ ଅନେକ ପ୍ରକାରର ମୋଟା ଶସ୍ୟ ସାମିଲ୍ କରାଯାଉଛି। ଫଳରେ ଏହା ଫାଇବରରେ ଭରପୂର। ଫାଇବର ହଜମ ପ୍ରକ୍ରିୟାକୁ ବଢ଼ାଇବା ସହ ମେଟାବଲିଜିମ୍କୁ ତୀବ୍ର କରିଥାଏ। ଏହାସହ ଅନ୍ତଃନଳୀର ଗତିକୁ ବଢ଼ାଇଥାଏ। ଫଳରେ ମଳକୁ ନରମ କରି ପେଟକୁ ସଫା କରିଥାଏ। ଫାଇବର ଶରୀର ପାଇଁ ଜରୁରି କିନ୍ତୁ ମାତ୍ରାଧିକ ଫାଇବର କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନ୍ୟୁଟ୍ରିନିଷ୍ଟ ଏଡ୍ୱିନ୍ ରାଜ୍ଙ୍କ ଅନୁସାରେ କିଛି ଲୋକଙ୍କୁ ମଲ୍ଟିଗ୍ରେନ୍ ଅଟା ଖାଇବା ଦ୍ୱାରା କବ୍ଜ ହୋଇଥାଏ। ଫାଇବର୍କୁ ହଜମ କରିବା ପାଇଁ ପେଟ ଅଧିକ ପାଣିର ଆବଶ୍ୟକ କରିଥାଏ। ଯଦି ଏହି ସମୟରେ କମ୍ ପାଣି ପିଅନ୍ତି, ତେବେ କବ୍ଜ ସମସ୍ୟା ସୃଷ୍ଟି ହୋଇପାରେ। ଏହାବ୍ୟତୀତ ଯଦି ଅଟାରେ ମକା ବା ବାଜାରା ପରି ଅଧିକ ପାଣି ଟାଣୁଥିବା ଶସ୍ୟ ରହିଥାଏ, ତେବେ ମଳ ଟାଇଟ ହେବା ସ୍ୱାଭାବିକ। ସେହିପରି ଯଦି ଅଟା ମିଶ୍ରଣରେ ପର୍ଯ୍ୟାପ୍ତ ଫାଇବର ନଥାଏ, ତେବେ ପାଚନ କ୍ରିୟା ଧୀମା ହେବା ସହ କବ୍ଜ ସମସ୍ୟା ସୃଷ୍ଟି ହୋଇଥାଏ। କିଛି ଲୋକ ରିଫାଇନ୍ ଅଟା ଖାଇବା ଦ୍ୱାରା ପେଟ ଫୁଲିବା କିମ୍ବା କବ୍ଜ ସମସ୍ୟା ସୃଷ୍ଟି ହୋଇଥାଏ। ମଲ୍ଟିଗ୍ରେନ୍ ଅଟାରେ ରିଫାଇନ୍ ଅଟାଠାରୁ ଅଧିକ ଫାଇବର ରହିଥାଏ। ଫାଇବର ଅଟା ଖାଇବା ଦ୍ୱାରା ଅଧିକ ପାଣି ପିଇବାକୁ ପଡିଥାଏ। ଅଚାନକ ଅଧିକ ଫାଇବର ଅଟା ଖାଇବା ଦ୍ୱାରା ପାଚନକ୍ରିୟା ଧୀମା ହୋଇପଡିଥାଏ। କିଛି ମଲ୍ଟିଗ୍ରେନ୍ ଅଟାରେ ମଧ୍ୟ ଏମିତି ଶସ୍ୟ ରହିଥାଏ, ଯାହା ସମ୍ବେଦନଶୀଳ ଲୋକଙ୍କ ପାଚନ କ୍ରିୟାକୁ ସମସ୍ୟା ପହଞ୍ଚାଏ। ମଲ୍ଟିଗ୍ରେନ୍ ଅଟାରୁ ହେଉଥିବା କବ୍ଜରୁ ରକ୍ଷା ପାଇବା ପାଇଁ ଅଧିକ ପାଣି ପିଇବା ଆବଶ୍ୟକ। ଅଧିକ ପାଣି ପିଇବା ଦ୍ୱାରା ଅଧିକ ଫାଇବର ସହଜରେ ହଜମ ହୋଇଯାଏ। ଏହବ୍ୟତୀତ ମଲ୍ଟିଗ୍ରେନ୍ ଅଟାର ଖାଇବାକୁ ଧୀରେ ଧୀରେ ବଢ଼ାନ୍ତୁ। ଅଚାନକ୍ କେବଳ ମଲ୍ଟିଗ୍ରେନ୍ ଉପରେ ନିର୍ଭରଶୀଳ ହୁଅନ୍ତୁନି।



# ଖରାଦିନେ ଆବଶ୍ୟକତାଠୁ ଅଧିକ ପାଣି ପିଉଛନ୍ତି କି ?

ପ୍ରଚୁର ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କାରଣ ଏହା ଶରୀରକୁ ହାଇଡ୍ରେଟ୍ ରଖେ, ଚର୍ମର ରଙ୍ଗକୁ ଉନ୍ନତ କରେ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। କିନ୍ତୁ ଅତ୍ୟଧିକ ପାଣି ପିଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଯେତେବେଳେ ଶରୀରର ଆବଶ୍ୟକତାଠାରୁ ଅଧିକ ପାଣି ପିଉ, ଏହା ଶରୀରର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନକୁ ବାଧା ଦେଇପାରେ। ବିଶେଷକରି, ଏହା ସୋଡିୟମ୍ ସ୍ତରକୁ ହ୍ରାସ କରିପାରେ। ଏହାକୁ ଡାକ୍ତରୀ ଭାଷାରେ ହାଇପୋନାଟ୍ରେମିଆ କୁହାଯାଏ। ଲୋକମାନେ ସାଧାରଣତଃ ଏହି ଧାରଣାରେ ଅତ୍ୟଧିକ ପାଣି ପିଅନ୍ତି ଯେ ଏହା ସେମାନଙ୍କ ଶରୀରକୁ ସୁସ୍ଥ କରିବ। ତଥାପି, ପ୍ରତ୍ୟେକ ବ୍ୟକ୍ତିଙ୍କ ଜଳୀୟ ଅଂଶର ଆବଶ୍ୟକତା ବୟସ, ପାଣିପାଗ ଅବସ୍ଥା, ଶାରୀରିକ କାର୍ଯ୍ୟକଳାପ ସ୍ତର ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଭଳି କାରଣ ଉପରେ ନିର୍ଭର କରି ଭିନ୍ନ ହୋଇଥାଏ। ତେଣୁ ଶରୀର ଅନୁସାରେ ପାଣି ପିଇବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ସାଧାରଣତଃ, ଲୋକଙ୍କୁ ପ୍ରତିଦିନ ୮ ଗ୍ଲାସ ପାଣି ପିଇବାକୁ ପରାମର୍ଶ ଦିଆଯାଏ; କିନ୍ତୁ,୮ ଗ୍ଲାସ ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ। କିଛି ବ୍ୟକ୍ତିଙ୍କ ପାଇଁ, ଏହି ପରିମାଣ ଅତ୍ୟଧିକ ହୋଇପାରେ, ଯେତେବେଳେ ଅନ୍ୟମାନଙ୍କ ପାଇଁ, ଏହା ବହୁତ କମ୍ ହୋଇପାରେ।

**ମୁଣ୍ଡବିନ୍ଧା ଏବଂ ଭାରୀ ଅନୁଭବ:** ଅତ୍ୟଧିକ ଜଳୀୟ ଅଂଶ ହେଲେ, ଶରୀରରେ ସୋଡିୟମ୍ ସ୍ତର ହ୍ରାସ ପାଇପାରେ।



ଯାହା ଫଳରେ ମୁଣ୍ଡବିନ୍ଧା, ମୁଣ୍ଡ ଘୂରିବା ଏବଂ ମୁଣ୍ଡରେ ଭାରୀ ଅନୁଭବ ହୁଏ। ଲୋକମାନେ ପ୍ରାୟତଃ ଏହି ଲକ୍ଷଣଗୁଡ଼ିକୁ ଥକା ଭାବି ଭୁଲ କରନ୍ତି ଏବଂ ଅଣଦେଖା କରନ୍ତି, ଯେତେବେଳେ ଏଗୁଡ଼ିକ ପ୍ରକୃତରେ ଅତ୍ୟଧିକ ପାଣି ପିଇବାର ଲକ୍ଷଣ ହୋଇପାରେ।

**ବାନ୍ତି ଅନୁଭବ:** ଯେତେବେଳେ ଶରୀରରେ ପାଣିର ପରିମାଣ ଆବଶ୍ୟକଠାରୁ ଅଧିକ ହୁଏ, ଏହା ପେଟରେ ଅସ୍ୱସ୍ତି ସୃଷ୍ଟି କରିପାରେ। ଏହା ବାନ୍ତି କିମ୍ବା ବାନ୍ତି କରିବାର ଆବଶ୍ୟକତା ଅନୁଭବ ଭାବରେ ପ୍ରକାଶିତ ହୋଇପାରେ। ଏହା ଶରୀରର ତରଳ ସନ୍ତୁଳନ ବିଗିଡ଼ି ଯାଉଥିବାର ସଙ୍କେତ ଦେବାର ଉପାୟ।

**ହାତ ଏବଂ ପାଦ ଫୁଲା:** ଅତ୍ୟଧିକ ପାଣି ପିଇବା ଦ୍ୱାରା ଶରୀରର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବିଗିଡ଼ିପାରେ, ଯାହା ଦ୍ୱାରା ହାତ, ପାଦ କିମ୍ବା ଓଠରେ ସାମାନ୍ୟ ଫୁଲା ହୋଇପାରେ। ଏହି ଲକ୍ଷଣ ସୂଚାଇ ଦିଏ ଯେ ଶରୀର ଅତିରିକ୍ତ ପାଣିକୁ ସଠିକ୍ ଭାବରେ ପ୍ରକ୍ରିୟାକରଣ କରିପାରୁନାହିଁ।

**ବାରମ୍ବାର ପରିସ୍ରା:** ଯଦି ନିଜକୁ ସାଧାରଣ ଅପେକ୍ଷା ଅଧିକ ଥର ପରିସ୍ରା କରିବାକୁ ଆବଶ୍ୟକ କରୁଛନ୍ତି, ତେବେ ଏହା ଏକ ଲକ୍ଷଣ ହୋଇପାରେ ଯେ ଆପଣ ଆବଶ୍ୟକତାଠାରୁ ଅଧିକ ପାଣି ପିଉଛନ୍ତି। ସାଧାରଣତଃ, ଦିନକୁ ୬ରୁ ୮ ଥର ପରିସ୍ରା କରିବା ସାଧାରଣ ବୋଲି ବିବେଚନା କରାଯାଏ। କିନ୍ତୁ ଅଧିକା ହେଲେ ଏହା ସୂଚାଇ ଦିଏ ଯେ ଶରୀରରେ ପାଣିର ପରିମାଣ ଅଧିକ ଅଛି।

# ଖାଦ୍ୟ ତିଆରି ପାଇଁ କେଉଁ ତେଲ ସବୁଠୁ ଭଲ ?

ଅତ୍ୟଧିକ ତେଲ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଏ, ଯାହା ହୃଦରୋଗର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି ଯେଉଁମାନଙ୍କର କୋଲେଷ୍ଟ୍ରଲ୍ ଅଧିକ, ସେମାନଙ୍କ ପାଇଁ ଖରାପ ତେଲ ଖାଇବା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରିପାରେ। ତେଣୁ, ତେଲ କିଣିବା ସମୟରେ ଆପଣଙ୍କୁ କିଛି ଜିନିଷ ମନେ ରଖିବା ଉଚିତ। ଆସନ୍ତୁ ଜାଣିବା କେଉଁ ତେଲ ରୋଷେଇ ପାଇଁ ସର୍ବୋତ୍ତମ। ସବୁବେଳେ ସମାନ ତେଲ ବ୍ୟବହାର କରିବା ପରିବର୍ତ୍ତେ, ମଝିରେ ମଝିରେ ତେଲ ପରିବର୍ତ୍ତନ କରନ୍ତୁ। ଗୋଟିଏ ମାସ ପାଇଁ ସୋରିଷ ତେଲ ଏବଂ ପରବର୍ତ୍ତୀ ମାସରେ ବାଦାମ ତେଲ ବ୍ୟବହାର କରନ୍ତୁ। ଏହା ନିଶ୍ଚିତ କରିବ ଯେ ଆପଣଙ୍କ ଶରୀର ସମସ୍ତ ଆବଶ୍ୟକୀୟ ଫ୍ୟାଟ୍ସ ଗ୍ରହଣ କରୁଛି। ଆପଣଙ୍କ ରନ୍ଧନ ତେଲରେ ଯେପରି ମୋନୋ-ଅନସାଚୁରେଟେଡ୍ ଏବଂ ପଲି-ଅନସାଚୁରେଟେଡ୍ ଫ୍ୟାଟ୍ସର ମିଶ୍ରଣ ରହିଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।ପଲିଅନସାଚୁରେଟେଡ୍ ଫ୍ୟାଟ୍ର ଦୁଇଟି ଉପାଦାନ ଅଛି: ଓମେଗା-୩ ଏବଂ ଓମେଗା-୬। ଉଭୟ ହୃଦୟ ସ୍ୱାସ୍ଥ୍ୟ ପାଇଁ ଜରୁରୀ। ବିଶେଷଜ୍ଞଙ୍କ ମତରେ, ଅଲିଭ୍ ଅଏଲ, କାନୋଲା ଅଏଲ, ସୋରିଷ ଅଏଲ, ସୋୟାବିନ୍ ଅଏଲ, ସୂର୍ଯ୍ୟମୁଖୀ ଅଏଲ, ସାଫ୍ଲାୱାର ଅଏଲ ଏବଂ ରାଇସ୍ ବ୍ରେନ୍ ଅଏଲକୁ ରୋଷେଇ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହି ତେଲଗୁଡ଼ିକ ଭାରତୀୟ ରୋଷେଇ ପାଇଁ ଉପଯୁକ୍ତ। ରୋଷେଇ କରିବା ସମୟରେ ଗୋଟିଏ ଚାମଚ ଶୁଦ୍ଧ ଘିଅ, ଗୋଟିଏ ଚାମଚ ସୋରିଷ ତେଲ ଏବଂ ଗୋଟିଏ ଚାମଚ ସୂର୍ଯ୍ୟମୁଖୀ ତେଲ ମିଶ୍ରିତ କରିବା ଭଲ। ଯେତେବେଳେ ଆପଣ ବଜାରରୁ ତେଲ କିଣନ୍ତି, କେମିକାଲ ଆବଷ୍ଟ୍ରକ୍ଟ ଅଏଲ ବଦଳରେ ପ୍ରେସ୍ଡ ଅଏଲ କିଣନ୍ତୁ। ଏହା ତେଲ ବୋତଲରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ। ସୋରିଷ ତେଲ ପ୍ରେସ୍ଡ ଅଏଲ ଭାବରେ ତାଲିକାଭୁକ୍ତ। ଭଲ ଗୁଣବତ୍ତା ତେଲରେ ଓମେଗା-୩, ୬, ଏବଂ ୯ ଥାଏ। ଯେତେବେଳେ ଆପଣ ତେଲ କିଣନ୍ତି, ନିଶ୍ଚିତ କରନ୍ତୁ ଯେ ଏଥିରେ ଜିରୋ ଟ୍ରାନ୍ସ ଫ୍ୟାଟ୍ ଅଛି। ତେଲ ପ୍ୟାକେଜିଂରେ ଲେବଲରେ ଏହି ସମସ୍ତ ସୂଚନା ଲେଖାଯାଇଥାଏ।





# ବ୍ରେନ୍-ହାର୍ଟ-କିଡ଼ନୀ

## ମଣିଷର ମୃତ୍ୟୁ ପରେ କେଉଁ ଅଙ୍ଗ ପ୍ରଥମେ କାମ କରିବା ବନ୍ଦ କରିଦିଏ ?

ଜନ୍ମ-ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା। ଜନ୍ମ ଥିଲେ ମୃତ୍ୟୁ ନିଶ୍ଚିନ୍ତ। କଣ ଆପଣ ଜାଣିଛନ୍ତି କି, ମଣିଷର ମୃତ୍ୟୁ ପରେ ଶରୀରରେ ସବୁ ଅଙ୍ଗ ଏକାସଙ୍ଗେ କାମ କରିବା ବନ୍ଦ କରିନଥାଏ। ମୃତ୍ୟୁ ପରେ ଧୀରେ ଧୀରେ ଅଙ୍ଗ କାମ କରିବା ବନ୍ଦ ହୁଏ। କିଛି ଅଙ୍ଗ ତ ମିନିଟରେ ଅଚଳ ହୁଏ ଆଉ କିଛି ଦିନ ସମୟ ନିଏ। ମୃତ୍ୟୁ ପରେ କର୍ନିଆ ୧୪ ଦିନ ଯାଏ ଅକ୍ଷତ ରହିଥାଏ। ଚର୍ମ,ହାଡ଼ ଅନେକ ଦିନ ଯାଏ ଆକ୍ଟିଭ ଥାନ୍ତି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ଅଙ୍ଗକୁ ସଠିକ୍ ସମୟରେ ବାହାର କରି ଦାନ କରିବା ଦ୍ୱାରା ଏକ ଜୀବନ ବଞ୍ଚିପାରେ। ତେବେ କେଉଁ ଅଙ୍ଗ ପ୍ରଥମ କାମ କରିବା ବନ୍ଦ କରିଦିଏ। ବ୍ରେନ୍, ହାର୍ଟ ନା କିଡ଼ନୀ ? ଜାଣିବାକୁ ପଢନ୍ତୁ ସମ୍ପୂର୍ଣ୍ଣ ଖବର।

ମୃତ୍ୟୁ କଣ ଏବଂ ଅଙ୍ଗ କାହିଁକି ବନ୍ଦ ହୁଏ ? ସର୍ବପ୍ରଥମେ ବୁଝିବା ମୃତ୍ୟୁ କଣ ? ଡାକ୍ତର ମୃତ୍ୟୁ ଘୋଷଣା ସେବେ କରନ୍ତି ଯେବେ ହାର୍ଟବିଟ ଅଟକିଯାଏ ଅର୍ଥାତ୍ ସର୍କୁଲେଟରୀ ଡେଥ୍। ମସ୍ତିଷ୍କ ସମ୍ପୂର୍ଣ୍ଣ କାମ କରିବା ବନ୍ଦ କରିଦିଏ ଅର୍ଥାତ ବ୍ରେନ୍ ଡେଡ୍। ମୃତ୍ୟୁ ପରେ ଶରୀରରେ ଅକ୍ସିଜେନ ଏବଂ ରକ୍ତ ପ୍ରବାହ ବନ୍ଦ ହୋଇଯାଏ। ଯେଉଁଥି ପାଇଁ ଅଙ୍ଗକୁ ଶକ୍ତି ମିଳେନାହିଁ। ପରିଣାମ ସ୍ୱରୂପ ଅଙ୍ଗ ଧୀରେ ଧୀରେ ଅଚଳ ହୋଇଯାଏ। ସବୁ ଅଙ୍ଗ ଏକାସଙ୍ଗରେ କାମ କରିବା ବନ୍ଦ କରିନଥାନ୍ତି। କିଛି ଅଙ୍ଗ ଜଲଦି ଅଚଳ ହୁଏ ତ କିଛି ସମୟ ନେଇଥାନ୍ତି। ଏହି ସମୟରେ ଶୀରରର ତାପାମାତ୍ରା, ମୃତ୍ୟୁର କାରଣ ଏବଂ ଚିକିତ୍ସା ସୁବିଧା ଉପରେ ନିର୍ଭର କରିଥାଏ। ଯଦି ଶରୀର ଥଣ୍ଡା ରୁହେ ତେବେ ଅଙ୍ଗ ଅଧିକ ସମୟ ବଞ୍ଚି ରହିଥାନ୍ତି। ମୃତ୍ୟୁ ପରେ ଅଙ୍ଗ ଗୁଡିକ ଏକ ନିର୍ଦ୍ଦିଷ୍ଟ ଉପାୟରେ କାମ କରିବା ବନ୍ଦ କରିଦିଏ। ଯେଉଁ ଅଙ୍ଗ ଅମ୍ଳଜାନ ଉପରେ ସବୁଠାରୁ ଅଧିକ ନିର୍ଭରଶୀଳ ସେମାନେ ପ୍ରଥମେ ଖରାପ ହୋଇଯାଆନ୍ତି। ବ୍ରେନ୍- ମୃତ୍ୟୁ ପରେ ସର୍ବପ୍ରଥମେ ମସ୍ତିଷ୍କର କୋଷର ଡେଡ୍ ହୋଇଥାଏ। ଅକ୍ସିଜେନ ନମିଳିବାରୁ ୪-୫ ମିନିଟରେ ବ୍ରେନ କାମ କରିବା ବନ୍ଦ କରିଦିଏ। ଏହି କାରଣରୁ ବ୍ରେନ ଡେଡ୍ ମୃତ୍ୟୁର ମୁଖ୍ୟ ସଙ୍କେତ କୁହାଯାଏ। ବ୍ରେନ୍ ଟ୍ରାନ୍ସପ୍ଲାଣ୍ଟ କରାଯାଏ ନାହିଁ। ହେଲେ ଏହା ଶରୀର ବାକି ଅଙ୍ଗକୁ ନିୟନ୍ତ୍ରଣ କରିଥାଏ। ଅକ୍ସିଜେନ ଉପରେ ନିର୍ଭର କଲେ ହାର୍ଟ। ମୃତ୍ୟୁର ୪-୬ ଘଣ୍ଟାରେ ଏହା ଟ୍ରାନ୍ସପ୍ଲାଣ୍ଟ ପରେ ବୃଥା ହୋଇଯାଏ। ହେଲେ ମେସିନ ସପୋର୍ଟରେ (ଯେପରି ବ୍ରେନ ଡେଡ ମାମଲା)ରେ ଏହାକୁ ଅଧିକ ସମୟ ଆକ୍ଟିଭ ରଖାଯାଇପାରେ। ହୃଦୟ ପରି ଫୁସଫୁସ୍ ୪-୬ ଘଣ୍ଟାରେ ଖରାପ ହୋଇଯାଏ। ତେଣୁ ମୃତ୍ୟୁ ସହିତ ଏହା କାମ କରିବା କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଇଥାଏ। ଏହା ଶରୀରର ସବୁଠୁ ବଡ଼ ଅଙ୍ଗ। ବିଷ ବାହାର କରିବାର କାମ କରିଥାଏ ଯକୃତ। ମୃତ୍ୟୁ ୮-୧୨ ଘଣ୍ଟା ପରେ ଏହା ବେକାର ହୋଇଯାଏ। ଲିଭର ବା ଯୁକୃତରେ ଇଜାଇମ ଅଧିକ ରହିଥାଏ। ତେଣୁ ଏହା ଜଲଦୀ ପଚିଯାଏ। ମଣିଷ ଶରୀରର ସବୁଠୁ ମଜବୁତ ଅଙ୍ଗ ମଧ୍ୟରୁ ଗୋଟିଏ କିଡନୀ। ମୃତ୍ୟୁର ୨୪-୩୬ ଘଣ୍ଟା ଯାଏ ଏହାକୁ ଟ୍ରାନ୍ସପ୍ଲାଣ୍ଟ କରାଯାଇପାରେ। ଥଣ୍ଡା ବାତାବାରଣରେ ଏହାକୁ ଅଧିକ ସମୟ ଯାଏ ରଖାଯାଇପାରେ। ମୃତ୍ୟୁ ପରେ ଅଙ୍ଗ ଦାନରୁ ଅନେକ ଜୀବନକୁ ନୂଆ ଜୀବନ ମିଳିଥାଏ। ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଅଙ୍ଗ ଅଚଳରୁ ଆଖି ବୁଜିଥାନ୍ତି। ଯଦି ମୃତ୍ୟୁର ତୁରନ୍ତ ପରେ ମଣିଷ ଶରୀରରୁ ଅଙ୍ଗ ବାହାର କରିଦିଆଯାଏ। ଫୁସଫୁସ୍ ପରି ଅଙ୍ଗ ୪-୬ ଘଣ୍ଟାରେ ଅନ୍ୟ କାହାକୁ ଦାନ କରାଯାଇପାରେ। ବ୍ରେନ୍ ଡେଥ୍ ମାମଲାରେ ମେସିନରେ ଅଙ୍ଗକୁ ସପୋର୍ଟ କରିବା ସମୟ ବଢ଼ାଯାଇପାରେ।

